R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୦୯
ତିଥି : ପ୍ରତିପଦ
୧୩ ଅଗଷ୍ଟ ୨୦୨୬, ଗୁରୁବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 309
13 August 2026, Thursday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## 'ସମୟ ଲାଇଭ୍' ପକ୍ଷରୁ ପ୍ରାକ୍ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ

# ଟେକ୍ନୋଲୋଜିକୁ ଜେନ୍-ଜି ଠିକ୍ ବାଟରେ ବ୍ୟବହାର କରନ୍ତୁ

ଭୁବନେଶ୍ୱର, ୧୨।୮ (ସବ୍ୟୁ) : ଆମେ ସ୍ୱାଧୀନତା ପାଇଛେ, କିନ୍ତୁ ଅନେକ କ୍ଷେତ୍ରରେ ଏବେ ବି ପରାଧୀନ ଅଛୁ। ବାସ୍ତବରେ କାଗଜ କଲମରେ ସ୍ୱାଧୀନତା ମିଳିଛି। ସବୁଠୁ ବଡ କଥା ହେଉଛି ସ୍ୱାଧୀନତା ପାଇକି ମଧ୍ୟ ଆମେ ପରାଧୀନ ହୋଇଗଲେ। ଜେନ - ଜି ପିଢ଼ି ବା ଯୁବ ପିଢ଼ି ଏକ କାଳଖଣ୍ଡ ଯେଉଁଠି କି ଆମର ଏକ ଭାଷା ଓ ଚାଲିଚଳନ ରହିଛି। ତେବେ ଏହାର ବ୍ୟବହାରରେ କିପରି ପରିବର୍ତ୍ତନ ଆସିଲା। ଦ୍ରୁତ ଗତିରେ ଟେକ୍ନୋଲୋଜି ବ୍ୟବହାର ଦ୍ୱାରା ବିଶ୍ୱରେ ବିଶ୍ୱସନୀୟତା ହରାଉଛି ଚାରି ସ୍ତମ୍ଭ। ଏହି ଯୁବ ପିଢ଼ି ଭୟଭୀତ ନହୋଇ, କାହାରିକୁ ନ ଡରି ନିଜ ସ୍ୱାର୍ଥ ପାଇଁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହି ଆନ୍ଦୋଳନ ଯୋଗୁଁ ପ୍ରମୁଖ ଗଣମାଧ୍ୟମରୁ ଦୂରେଇ ଯାଇ ସାମାଜିକ ଗଣମାଧ୍ୟମକୁ ବହୁ ସଂଖ୍ୟାରେ ଆପଣାଇଛନ୍ତି ଯୁବ ପିଢ଼ି। ସମୟ ଲାଇଭ ପକ୍ଷରୁ ଆୟୋଜିତ ପ୍ରାକ୍ ସ୍ୱାଧୀନତା ଦିବସ ପାଳନରେ ଅତିଥିମାନେ ଏଭଳି ମତପ୍ରକାଶ କରିଛନ୍ତି।




ସମୟ ଲାଇଭ ପକ୍ଷରୁ ଆୟୋଜିତ ପ୍ରାକ୍ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମର ଚତୁର୍ଥ ସଂସ୍କରଣ ପାଳନ ଅବସରରେ ସମୟର ନିର୍ଦ୍ଦେଶିକା ଅନୀତା ମହାନ୍ତି ସ୍ୱାଗତ ଭାଷଣ ଦେବା ସହ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ଚାରଣ କରିଥିଲେ। ସେ କହିଥିଲେ, ଦୁଇ ଶହ ବର୍ଷ ସଂଘର୍ଷ ପରେ ଆମେ ସ୍ୱାଧୀନତା ପାଇଛେ। ଏଥିପାଇଁ ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କୁ ବଳିଦାନ ଦେବାକୁ ପଡିଥିଲା। ତେବେ ଓଡିଆ ପୁଅ ଢେଙ୍କାନାଳର ବାଜି ରାଉତଙ୍କ ସାହାସକୁ ସେ ସ୍ମରଣ କରିଥିଲେ। ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଧାୟକ ସିଦ୍ଧାନ୍ତ ମହାପାତ୍ର କହିଥିଲେ, ଏବର ଯୁବ ପିଢ଼ି ବା ଜେନ -ଜି ମାନେ ଏଭଳି କାଳଖଣ୍ଡରେ ଜନ୍ମ ହୋଇଛନ୍ତି, ଯେଉଁ ସମୟରେ ମୋବାଇଲର ବହୁଳ ବ୍ୟବହାର ହେଉଛି। ଆମ ସମୟରେ ଖବର କାଗଜ ହିଁ କେବଳ ସାଧନ ଥିଲା। ଗୋଟିଏ ଖବର ପ୍ରକାଶ ପାଇଁ ୩ ରୁ ୪ ମାସ ଲାଗୁଥିଲା। ସେହି ଖବର ପ୍ରତ୍ୟେକ ପକ୍ଷର ମତାମତ ନେଇ ଖବର ପ୍ରକାଶ ହେଉଥିଲା। କିନ୍ତୁ ମୋବାଇଲ ଟେକ୍ନୋଲୋଜି ବ୍ୟବହାର ଯୋଗୁ ବିଶ୍ୱରେ ବିଶ୍ୱସନୀୟତା ହରାଉଛି ଗଣତନ୍ତ୍ର। ଆମେ ସ୍ୱାଧୀନତା ପାଇଛୁ ସତ କିନ୍ତୁ ଏବେ ପରାଧୀନ ଅଛୁ। ଏହି ମୋବାଇଲ ସାରା ବିଶ୍ୱକୁ ତା ଭିତରେ ଆୟତ୍ତ କରିଛି। ଏହି ଟେକ୍ନୋଲୋଜି ଯୋଗୁ ଆମେ ଚିନ୍ତା କରିବା ଛାଡି ଦେଲୁଣି। ଆଜି କ'ଣ ଲେଖିବା ଟେକ୍ନୋଲୋଜି ଦ୍ୱାରା ହିଁ ସମ୍ଭବ ହେଉଛି। ତାହାର ଖରାପ ପ୍ରଭାବ ଆମ ଉପରେ ପଡୁଛି। ଆଜି ମାତୃଭାଷାର ଅବକ୍ଷୟ ହୋଇଛି। ଆମର ଲେଖା ଭିତରେ ଯୁକ୍ତାକ୍ଷର ପ୍ରୟୋଗ ଏକ ପ୍ରକାର ଆଉ ନାହିଁ। ଟିଆରପି ପାଇଁ ଯଥାର୍ଥକୁ ଆମେ ଛାଡି ଦେଲୁଣି। ଗଣତନ୍ତ୍ର ହେଉଛି ସମସ୍ତେ ଓ ପ୍ରଶାସନ ଆମ ଭିତରେ ରହିଛି। ଯୁବ ପୀଢିମାନେ ଏହାକୁ ଭୁଲିବା ଉଚିତ ନୁହେଁ।

ଏହି ଅବସରରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବିଶିଷ୍ଟ ସ୍ତମ୍ଭକାର ତଥା ଆଇନଜୀବୀ ପ୍ରହ୍ଲାଦ ସିଂ କହିଥିଲେ, ଅଗଷ୍ଟ ମାସ ହେଉଛି ବହୁ ଆନ୍ଦୋଳନର ମାସ। ଏହି ମାସରେ ସ୍ୱାଧୀନତା ପାଇବା ପାଇଁ ମହାତ୍ମା ଗାନ୍ଧୀଙ୍କ ଡାକରାରେ ବହୁ ଆନ୍ଦୋଳନ ହୋଇଛି। ଅଗଷ୍ଟ ୮ ତାରିଖରେ ଗାନ୍ଧୀ ତିଳକ ସ୍ୱରାଜ କ୍ରାନ୍ତି ଆନ୍ଦୋଳନ ପାଇଁ କର (୯ ପୃଷ୍ଠାରେ)

**ମୋବାଇଲ ସାରା ବିଶ୍ୱକୁ ତା ଭିତରେ ଆୟତ୍ତ କରିଛି : ସିଦ୍ଧାନ୍ତ ମହାପାତ୍ର**

**୯୦ କୋଟି ଲୋକ ସୋସିଆଲ ମିଡ଼ିଆ ବ୍ୟବହାର କରୁଛନ୍ତି : ସୋଫିଆ ଫିର୍ଦ୍ଦୋସ**

**ଆଜିର ପିଢ଼ି ସଂଗ୍ରାମୀଙ୍କ ବଳିଦାନକୁ ମନେରଖିବା ଉଚିତ୍ : ପ୍ରହ୍ଲାଦ ସିଂ**

**ଦୁଇଶହ ବର୍ଷର ସଂଘର୍ଷ ପରେ ସ୍ୱାଧୀନତା ପାଇଛେ : ଅନୀତା ମହାନ୍ତି**

### କ୍ୟାବିନେଟ୍‌ରେ ୬ ବିଭାଗର ୧୦ ପ୍ରସ୍ତାବ ମଞ୍ଜୁର

## ଆଗ୍ରିଷ୍ଟାକ୍ ପଞ୍ଜୀକରଣ ସହ ପି-ପାସ୍‌ର ସମ୍ପର୍କ ନାହିଁ



- ଓଶ୍ୱାସ-୩ ଲାଗି ଟିସିଏସ୍‌କୁ ଦାୟିତ୍ୱ
- ୨୦୩୦ ସୁଦ୍ଧା ଅକ୍ଷୟ ଶକ୍ତିରୁ ୧୧ ହଜାର ମେଗାୱାଟ୍ କ୍ଷମତା
- ପାର୍ବତୀଗିରି ଉଠାଜଳସେଚନ ପ୍ରକଳ୍ପ ଲାଗି ୧୨୪୫୮ କୋଟି
- ଯଶୋଦା, ଆଶୀର୍ବାଦ ଲାଗି ୨୯୬ କୋଟି ମଞ୍ଜୁର
- ଜଳାଶ୍ରୟ, କ୍ଷୁଦ୍ର ଉଠାଜଳସେଚନ ପ୍ରକଳ୍ପ ଲାଗି ୩୮୯ କୋଟି

ଭୁବନେଶ୍ୱର, ୧୨।୮ (ସବ୍ୟୁ) : ଆଗ୍ରିଷ୍ଟାକ୍‌ରେ ଚାଷୀମାନେ ପଞ୍ଜୀକରଣ ନେଇ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପି-ପାସ୍ ବ୍ୟବସ୍ଥାରେ ଧାନ କିଣା ପାଇଁ ଏହି ପଞ୍ଜୀକରଣ ଚାଲିଛି। ଆଗ୍ରିଷ୍ଟାକ୍ ପଞ୍ଜୀକରଣ ଧାନ କିଣା ପାଇଁ ହେଉଥିବା ପି-ପାସ୍ କୌଣସି ସମ୍ପର୍କ ନାହିଁ। ଏଥିଲାଗି ଧାନକିଣାକୁ ନେଇ ଚାଷୀମାନେ ବ୍ୟସ୍ତ ହେବା ଆବଶ୍ୟକ ନାହିଁ। ଆଗ୍ରିଷ୍ଟାକ୍‌ରେ ଚାଷୀର ସ୍ଥିତି ସମ୍ପର୍କରେ ସୂଚନା ରହୁଛି। ପି-ପାସ୍ ବ୍ୟବସ୍ଥା ଚଳିତ ବର୍ଷ ପୂର୍ବ ବର୍ଷ ଭଳି ଚାଲିବ ବୋଲି ରାଜ୍ୟ କ୍ୟାବିନେଟ୍‌ରେ ନିଷ୍ପତ୍ତି ହୋଇଛି। ଉପରୋକ୍ତ ନିଷ୍ପତ୍ତି ସମେତ ରାଜ୍ୟ କ୍ୟାବିନେଟ୍ ୬ ବିଭାଗର ୧୦ ପ୍ରସ୍ତାବକୁ ଅନୁମୋଦନ କରିଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକର ନିଷ୍ପତ୍ତି ସମ୍ପର୍କରେ ମୁଖ୍ୟ ସଚିବ ଅନୁ ଗର୍ଗ ସୂଚନା ଦେଇଥିଲେ। (୯ ପୃଷ୍ଠାରେ)

## ବିରୋଧୀ ପ୍ରସ୍ତାବ ଦିଅନ୍ତୁ, ଆଲୋଚନା ଲାଗି ପ୍ରସ୍ତୁତ : ଶାହା

### ଭାଷଣ ଶୁଣିବାକୁ କାହାର ଇଚ୍ଛା ନାହିଁ : ରାହୁଲ

ନୂଆଦିଲ୍ଲୀ,୧୨।୮ : ମୌସୁମୀ ଅଧିବେଶନ ଆସନ୍ତାକାଲି ଶେଷ ହେବ। ତେବେ ଅଧିବେଶନ ଅବଧି ମଧ୍ୟରେ ଗୋଟିଏ ଦିନ ବି ସୁରୁଖୁରୁରେ ଚାଲିପାରି ନାହିଁ। ଯନ୍ତରମନ୍ତରରେ ହୋଇଥିବା ଛାତ୍ର ଆନ୍ଦୋଳନ ସମୟରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଇ ବିରୋଧୀ ଦଳଗୁଡ଼ିକ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ବିବୃତ୍ତି ଦାବି କରୁଛନ୍ତି। ଏହି ପ୍ରସଙ୍ଗକୁ ନେଇ ଅଚଳାବସ୍ଥା ସୃଷ୍ଟି ହୋଇଛି। ଆଜି ମଧ୍ୟ ଅଧିବେଶନ ଚାଲିପାରି ନାହିଁ। ଆସନ୍ତାକାଲି ଯାଏଁ ଗୃହକୁ ମୁଲତବୀ କରାଯାଇଛି।

ତେବେ ସଂସଦ ଭବନ ପରିସରରେ ଅମିତ ଶାହା ଗଣମାଧ୍ୟମକୁ କହିଥିଲେ ଯେ ଛାତ୍ରମାନଙ୍କ ଆନ୍ଦୋଳନ ସମେତ ସମସ୍ତ ପ୍ରସଙ୍ଗ ଉପରେ ସଂସଦରେ ଆଲୋଚନା କରିବାକୁ ସରକାର ପ୍ରସ୍ତୁତ। ବିରୋଧୀ ଦଳଗୁଡ଼ିକ ଗୃହକୁ ସ୍ୱାଭାବିକ କରନ୍ତୁ। ବାଚସ୍ପତିଙ୍କ ନିକଟରେ ଆଜି ଅପରାହ୍ନ ୨ଟାରେ ନୋଟିସ ଦାଖଲ କରନ୍ତୁ। ଅପରାହ୍ନ ୩ଟାରୁ ଆସନ୍ତାକାଲି ପର୍ଯ୍ୟନ୍ତ ଆଲୋଚନା ହେଉ। ଶାହାଙ୍କ ସର୍ତ୍ତ ଉପରେ (୯ ପୃଷ୍ଠାରେ)

## ଗୁରୁଣ୍ଡିଆ ସିଏଚ୍‌ସିର ପୂର୍ବ ଡାକ୍ତର ବହିଷ୍କୃତ

ଭୁବନେଶ୍ୱର, ୧୨।୮ (ସବ୍ୟୁ) : ଦୁର୍ନୀତି ବିରୁଦ୍ଧରେ କଡ଼ା ଆଭିମୁଖ୍ୟ ଜାରି ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁନ୍ଦରଗଡ ଜିଲ୍ଲା ଗୁରୁଣ୍ଡିଆ ସି.ଏଚ୍.ସି'ର ପୂର୍ବତନ ମେଡ଼ିକାଲ ଅଫିସର ଡାକ୍ତର ପତିତପାବନ ବାରିକଙ୍କୁ ଚାକିରିରୁ ବହିଷ୍କୃତ କରିଛନ୍ତି। ଡାକ୍ତର ବାରିକ ବର୍ତ୍ତମାନ ଗଜପତି ଜିଲ୍ଲା ଗୁରାଣ୍ଡି ସି.ଏଚ୍.ସି'ରେ କାର୍ଯ୍ୟରତ ଅଛନ୍ତି।


ସୂଚନାଯୋଗ୍ୟ ଯେ, ଡାକ୍ତର ବାରିକ ସୁନ୍ଦରଗଡ ଜିଲ୍ଲା ଗୁରୁଣ୍ଡିଆରେ କାର୍ଯ୍ୟରତ ଥିବା ସମୟରେ ଦୁର୍ନୀତି (୯ ପୃଷ୍ଠାରେ)

## ଲଘୁଚାପ ପ୍ରଭାବରେ କମ୍ ବର୍ଷା

### ପଶ୍ଚିମବଙ୍ଗ-ବାଂଲାଦେଶ ଉପକୂଳରେ ପ୍ରବେଶ

ଭୁବନେଶ୍ୱର, ୧୨।୮ (ସବ୍ୟୁ): ଉତ୍ତର ବଙ୍ଗୋପସାଗରର ପଶ୍ଚିମବଙ୍ଗ ଏବଂ ପାଶ୍ୱର୍ବର୍ତ୍ତୀ ବାଂଲାଦେଶ ଉପରେ ସୃଷ୍ଟି ହୋଇଥିବା ଲଘୁଚାପ ସ୍ପଷ୍ଟ ଚିହ୍ନିତ ଲଘୁଚାପର ରୂପ ନେଇସାରିଛି। ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏହା ଅଧିକ ଘନୀଭୂତ ହୋଇ ଅବପାତରେ ପରିଣତ ହେବ। ତେବେ ଓଡ଼ିଶାରେ ଲଘୁଚାପ ପ୍ରଭାବରେ କମ୍ ବର୍ଷାର ସମ୍ଭାବନା ଅଛି।

ପାଣିପାଗ ବିଜ୍ଞାନୀଙ୍କ କହିବାନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସମ୍ଭାବ୍ୟ ଅବପାତଟି ଉତ୍ତର-ପଶ୍ଚିମ ଦିଗରେ ଗତି କରି ପଶ୍ଚିମବଙ୍ଗ ଏବଂ ଏହାର ସଂଲଗ୍ନ ବାଂଲଶଦେଶ ଉପକୂଳ ମଧ୍ୟରେ ପ୍ରବେଶ କରିବ। ସୁନ୍ଦରବନରୁ ଶୁଷ୍କ ପବନ ଟାଣିବା ସହ ବାଦଲର ବିଖଣ୍ଡିତ (୯ ପୃଷ୍ଠାରେ)



## ଇତିହାସ

୧୬୪୫- ସ୍ୱିଡେନ୍ ଏବଂ ଡେନ୍‌ମାର୍କ ମଧ୍ୟରେ ଶାନ୍ତି ଚୁକ୍ତି ।
୧୭୮୪- ଭାରତରେ ପ୍ରଶାସନିକ ସୁଧାର ପାଇଁ ବ୍ରିଟିଶ ସଂସଦରେ ପିଟ୍ସ ଇଣ୍ଡିଆ ବିଲ୍ ଜାରି ।
୧୭୯୫- ଭାରତର ବୀରାଙ୍ଗନା **ଅହିଲ୍ୟାବାଇ** ହୋଲକରଙ୍କ ଦେହାନ୍ତ ।
୧୮୧୪- ଦାସପ୍ରଥା ସମାପ୍ତ ପାଇଁ ବ୍ରିଟେନ୍ ଏବଂ ହଲାଣ୍ଡ ମଧ୍ୟରେ ଚୁକ୍ତି ।
୧୮୬୩- ପ୍ରସିଦ୍ଧ ରାଜନୀତିଜ୍ଞ ଗଙ୍ଗାପ୍ରସାଦ ବର୍ମାଙ୍କ ଜନ୍ମ ।
୧୮୮୭- ପ୍ରସିଦ୍ଧ ଭାରତୀୟ କ୍ରାନ୍ତିକାରୀ ନରେନ୍ଦ୍ର ମୋହନ ସେନ୍‌ଙ୍କ ଜନ୍ମ ।
୧୯୧୦- ଆଧୁନିକ ନର୍ସିଂ ଆନ୍ଦୋଳନର ଜନ୍ମଦାତା ଫ୍ଲୋରେନ୍ସ ନାଇଟ୍‌ଆଙ୍ଗେଲ୍‌ଙ୍କ ଦେହାନ୍ତ ।
୧୯୧୩- ଇଂଲଣ୍ଡର ହ୍ୟାରୀ ବ୍ରେଅର୍ଲି ଶେଫାର୍ଡ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ଆବିଷ୍କାର କଲେ ।
୧୯୩୬- ପ୍ରସିଦ୍ଧ ଭାରତୀୟ ଅଭିନେତ୍ରୀ ବୈଜୟନ୍ତିମାଲାଙ୍କ ଜନ୍ମ ।
୧୯୫୧- ଭାରତରେ ନିର୍ମିତ ପ୍ରଥମ ବିମାନ ହିନ୍ଦୁସ୍ତାନ ଟ୍ରେନର ୨ ପ୍ରଥମକରି ଉଡାଣ ଭରିଲା ।
୧୯୫୬- ଲୋକସଭାରେ ଜାତୀୟ ରାଜପଥ ବିଲ୍ ପାରିତ ।
୨୦୦୮- ବିଶ୍ୱର ପ୍ରମୁଖ ଇସ୍ପାତ କମ୍ପାନୀ ଟାଟା ଷ୍ଟିଲ୍ ଭିଏତନାମର ଦୁଇ କମ୍ପାନୀ ସହିତ ଚୁକ୍ତି କଲା ।
୨୦୦୮- ଦେଶରେ ମଲଟି ବ୍ୟାରେଲ୍ ରକେଟ୍ ଲଞ୍ଚର୍ ଅସ୍ତ୍ରପ୍ରଣାଳୀ ପିନାକ୍‌ର ସଫଳ ପରୀକ୍ଷଣ ।

## ବିଶ୍ୱ ଅଙ୍ଗଦାନ ଦିବସ

ପ୍ରତିବର୍ଷ ଅଗଷ୍ଟ ୧୩ ତାରିଖରେ ସାରା ବିଶ୍ୱରେ 'ବିଶ୍ୱ ଅଙ୍ଗଦାନ ଦିବସ' ପାଳନ କରାଯାଇ ମାନବସେବାର ଶ୍ରେଷ୍ଠ ମହାନତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଏ । ଜଣେ ବ୍ୟକ୍ତିଙ୍କ ଅଙ୍ଗଦାନ ସବୁବେଳେ ଆଉ ଜଣଙ୍କୁ ନୂଆ ଜୀବନ ଦେଇଥାଏ । ଏହି ବାର୍ତ୍ତା ପ୍ରସାର କରିବା ଏହି ବିଶେଷ ଦିବସର ମୁଖ୍ୟ ଉଦ୍ଦେଶ୍ୟ । ଚିକିତ୍ସା ବିଜ୍ଞାନ ଅନୁଯାୟୀ, ମସ୍ତିଷ୍କ ମୃତ୍ୟୁ ବା ବ୍ରେନ ଡେଡ୍ ଘଟିଥିବା କିମ୍ବା ସ୍ୱାଭାବିକ ମୃତ୍ୟୁ ବରଣ କରିଥିବା ଜଣେ ଦାତାଙ୍କ ଅଙ୍ଗ ଯେପରିକି ହୃତପିଣ୍ଡ, କିଡନୀ, ଯକୃତ, ଫୁସଫୁସ, ଆଖି ଓ ତ୍ୱଚା ଅନ୍ୟୁନ ୮ ଜଣ ଆବଶ୍ୟକତା ଥିବା ରୋଗୀଙ୍କ ଜୀବନ ବଞ୍ଚାଇବାରେ ସହାୟକ ହୋଇଥାଏ । କିନ୍ତୁ ଭ୍ରାନ୍ତ ଧାରଣା, ଅଜ୍ଞାନତା ଏବଂ ସାମାଜିକ କୁସଂସ୍କାର ଯୋଗୁଁ ଆଜି ବି ଅନେକ ଲୋକ ଅଙ୍ଗଦାନ କରିବାକୁ ସଙ୍କୋଚବୋଧ କରନ୍ତି । ଯାହା ଫଳରେ ହଜାର ହଜାର ରୋଗୀ ଅଙ୍ଗ ଅଭାବରୁ ପ୍ରାଣ ହରାଉଛନ୍ତି । ଏହି ପରିପ୍ରେକ୍ଷୀରେ, ବିଶ୍ୱ ଅଙ୍ଗଦାନ ଦିବସ ଅବସରରେ ବିଭିନ୍ନ ସ୍ୱାସ୍ଥ୍ୟ ଅନୁଷ୍ଠାନ ଓ ସାମାଜିକ ସଂଗଠନ ପକ୍ଷରୁ ସଚେତନତା ଶୋଭାଯାତ୍ରା, କର୍ମଶାଳା ଏବଂ ସଙ୍କଳ୍ପ ଶିବିରମାନ ଆୟୋଜିତ ହୋଇଥାଏ । ସମାଜର ପ୍ରତ୍ୟେକ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ଅଙ୍ଗଦାନ ପାଇଁ ଆଗେଇ ଆସି ଏହି ମହତ ଅଭିଯାନର ଅଂଶବିଶେଷ ହେବା ଆଜିର ସମୟରେ ଅତ୍ୟନ୍ତ ଜରୁରୀବୋଲି ଏହି ଦିବସରେ ମତ ଦିଆଯାଇଥାଏ ।



## ସୋସିଆଲ କୋଟ୍ସ



ସେ ମୋ ପାଇଁ ଜୀବନର ସବୁକିଛି ଥିଲେ । ବର୍ତ୍ତମାନ ଜୀବନରେ ଏକ ଖାଲି ପଣ ଆସିଯାଇଛି, ଯାହା ଜୀବନସାରା ସାଥିରେ ରହିବ । ତାଙ୍କ ସ୍ମୃତି ସାହାରାରେ ଜୀବନ ବ୍ୟତିତ କରିବି ।
**ହେମା ମାଳିନୀ, ଅଭିନେତ୍ରୀ**



କ୍ୟାରିୟରରେ ଅନେକ ସଂଘର୍ଷ କରିଛି । ଅଡିସନ ପାଇଁ ଯିବା ସମୟରେ ମୋ ପାଖେ ପୋଷାକ ମଧ୍ୟ ନଥିଲା, ମୁଁ ଭଡାରେ ଆଣୁଥିଲି ।
**ରସିକା ଦୁଗଲ, ଅଭିନେତ୍ରୀ**



ମୁଁ ନିଜ ଦେଶରେ କେବେ ବି ଅସୁରକ୍ଷିତ ଅନୁଭବ କରି ନାହିଁ । ମୁମ୍ବାଇ ପୋଲିସ ଠାରୁ କେହି ବି ଭଲ ସୁରକ୍ଷା ଦେବେ ନାହିଁ ।
**କପିଲ ଶର୍ମା, ଅଭିନେତା**

## ପୋଷାକ ସଫା କରିବାକୁ ୯୦ଲକ୍ଷ ଦରମା


ବ୍ରିଟେନର ବିଳାସପୂର୍ଣ୍ଣ ପତ୍ରିକା 'ଦି ଲେଡି'ରେ ପ୍ରକାଶିତ ଏକ ନିଯୁକ୍ତି ବିଜ୍ଞାପନ ଅନୁଯାୟୀ, ଜଣେ ଆନ୍ତର୍ଜାତୀୟ ବ୍ୟବସାୟୀ ତଥା ରେସିଂ ଡ୍ରାଇଭର ତାଙ୍କ ସହାୟକଙ୍କୁ ବାର୍ଷିକ ୯୦ ଲକ୍ଷ ଟଙ୍କାର ଦରମା ଦେବାକୁ ପ୍ରସ୍ତାବ ଦେଇଛନ୍ତି । ଯାହା ଶୁଣି ଲୋକେ ଆଶ୍ଚର୍ଯ୍ୟ ଚକିତ ହୋଇଛନ୍ତି । ଏହି ଚାକିରିରେ ନିଯୁକ୍ତ ବ୍ୟକ୍ତିଙ୍କୁ ମାଲିକଙ୍କ ଡିଜାଇନର ପ୍ୟାଣ୍ଟ ଓ ଅନ୍ୟାନ୍ୟ ପୋଷାକ ଧୋଇବା, ଇସ୍ତ୍ରୀ କରିବା, ତାଙ୍କର ବିଳାସପୂର୍ଣ୍ଣ କାର ଚଲାଇବା, ଜିନିଷପତ୍ର ପ୍ୟାକ୍ ଓ ଅନପ୍ୟାକ୍ କରିବା, ପାର୍ଟିଗୁଡ଼ିକରେ ଖାଦ୍ୟପେୟ ପରିବେଷଣ କରିବା ସହ ଘରର ଦେଖାରେଖା କରିବାକୁ ପଡ଼ିବ । ଲଣ୍ଡନର ମେଫେୟାର ଅଞ୍ଚଳରେ ରହିଥିବା ଏହି ନିଯୁକ୍ତିରେ ମାଲିକ ବର୍ଷକୁ ମାତ୍ର ୯୦ ଦିନ ଲଣ୍ଡନରେ ରହୁଥିବା ବେଳେ ବାକି ସମୟ ବିଶ୍ୱର ବିଭିନ୍ନ ସ୍ଥାନ ଭ୍ରମଣ କରୁଥିବାରୁ, କର୍ମଚାରୀଙ୍କୁ ମଧ୍ୟ ତାଙ୍କ ସହିତ ବିଦେଶ ଯାତ୍ରା କରିବାକୁ ପଡ଼ିବ । ତେବେ ଏହି ଚାକିରିକୁ ନେଇ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚା ହେଉଥିବାର ଦେଖିବାକୁ ମିଳୁଛି ।





## ମାରାଥନ ଦୌଡ଼ରେ ଗିନିଜ ରେକର୍ଡ

ଚୀନ୍‌ର ୪୧ ବର୍ଷୀୟ ଲି ଶୁଆଙ୍ଗଯୋଙ୍ଗ ନିଜର ଛାଡ଼ପତ୍ର ଏବଂ ବ୍ୟବସାୟ ବନ୍ଦ ହେବା ପରେ ମାନସିକ ସନ୍ତୁଳନ ଫେରାଇ ଆଣିବା ପାଇଁ ଦୌଡ଼ିବା ଆରମ୍ଭ କରିଥିଲେ । ତେବେ ମାନସିକ ସନ୍ତୁଳନ ପାଇଁ ଆରମ୍ଭ ହୋଇଥିବା ଏହି ଦୌଡ ବର୍ତ୍ତମାନ ତାଙ୍କୁ ରେକର୍ଡରେ ସାମିଲ କରିଛି । ବର୍ତ୍ତମାନ ସେ କ୍ରମାଗତ ୩୭୨ ଦିନ ଧରି ପ୍ରତିଦିନ ମାରାଥନ ଦୌଡ଼ି ଏକ ନୂଆ ଗିନିଜ୍ ୱାର୍ଲ୍ଡ ରେକର୍ଡ ସୃଷ୍ଟି କରିଛନ୍ତି । ଏହି ସମୟ ମଧ୍ୟରେ ସେ ୧୫ ହଜାର କିଲୋମିଟରରୁ ଅଧିକ ଦୂରତା ଅତିକ୍ରମ କରିସାରିଛନ୍ତି । ଏପରିକି ସେ ବ୍ରାଜିଲର ଧାବକ ହ୍ୟୁଗୋ ଫାରିୟାସଙ୍କ ୩୬୬ ଦିନର ପୁରୁଣ ରେକର୍ଡକୁ ମଧ୍ୟ ଭାଙ୍ଗିଛନ୍ତି । ପ୍ରତିଦିନ ୪୨.୧୯୫ କିଲୋମିଟର ଦୌଡୁଥିବା ଲି ଚୀନ୍‌ର ୩୦୦ରୁ ଅଧିକ ସହର ଅତିକ୍ରମ କରିସାରିଛନ୍ତି । ଯେଉଁଠାରେ ସେ ପ୍ରତି ସନ୍ଧ୍ୟାରେ ନୂଆ ସ୍ଥାନରେ ହୋଟେଲରେ ରୁହନ୍ତି ଏବଂ ସକାଳେ ଦୌଡ଼ ସମ୍ପୂର୍ଣ୍ଣ କରନ୍ତି । ଗୋଡ଼ରେ ଯନ୍ତ୍ରଣାଦାୟକ କର୍ନ ହୋଇଥିବା ସତ୍ତ୍ୱେ ସେ ଦୌଡ଼ିବା ଜାରି ରଖିଥିଲେ; ପୂର୍ବରୁ ୧,୦୦୦ ଦିନ ଧରି ପ୍ରତିଦିନ ୧୦୦ ପୁସ୍-ଅପ୍, ୧୦୦ ସିଟ୍-ଅପ୍, ୧୦୦ ସ୍କ୍ୱାଟ୍ସ ଏବଂ ୧୦ କିମି ଦୌଡ଼ିବାର ରେକର୍ଡ କରିଥିବା ଲି' ଙ୍କର ବର୍ତ୍ତମାନର ଲକ୍ଷ୍ୟ ହେଉଛି ଏହି ଦୌଡ଼ିବା ପ୍ରକ୍ରିୟାକୁ କ୍ରମାଗତ ୫୨୦ ଦିନ ପର୍ଯ୍ୟନ୍ତ ଜାରି ରଖିବା ।



ସ୍ତ୍ରୀ: (ରାଗିଗଲେ) ମୁଁ ଆପଣଙ୍କୁ ଆଉ ବରଦାସ୍ତ କରିପାରିବି ନାହିଁ, ମୁଁ ନିଜ ବାପଘରକୁ ଚାଲିଯାଉଛି!
ସ୍ୱାମୀ: (ଶାନ୍ତ ସ୍ୱରରେ) ସାବଧାନରେ ଯିବ, ଆଉ ପହଞ୍ଚିଲା ପରେ ଗୋଟେ ମେସେଜ୍ କରିଦେବ ।
ସ୍ତ୍ରୀ: କାହିଁକି, ମୋ କଥା ଚିନ୍ତା ହେଉଛି ନା କ'ଣ?
ସ୍ୱାମୀ: ନା ନା, ସେମିତି କିଛି ନୁହେଁ... ମୋର ବିଶ୍ୱାସ ହେବନି ତ, ସେଥିପାଇଁ ପ୍ରମାଣ ।

ହାଃହାଃ

## ତରଭୁଜ ଜାକି ଶୋଉଛନ୍ତି ଲୋକ

ଚୀନ୍‌ରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହରୁ ରକ୍ଷା ପାଇବା ପାଇଁ ଲୋକେ ରାତିରେ ତରଭୁଜକୁ କୋଳେଇ ଶୋଉଥିବା ଏକ ଅଜବ ପ୍ରଥା ଦେଖିବାକୁ ମିଳୁଛି । ଏହି ପନିପରିବାରେ ପ୍ରାୟ ୯୫ ପ୍ରତିଶତ ଜଳୀୟ ଅଂଶ ଥିବାରୁ ଏହାକୁ ଶରୀରରେ ଲଗାଇ ଶୋଇବା ଦ୍ୱାରା ଥଣ୍ଡା ଅନୁଭୂତ ହୋଇଥାଏ ବୋଲି ଲୋକମାନେ ମତ ଦେଉଛନ୍ତି । ଏହି ଅଭ୍ୟାସ ଦ୍ୱାରା ଅନେକ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି । କ୍ରମାଗତ ଅନେକ ରାତି ଧରି ଏହାକୁ ଶରୀର ସହ ଲଗାଇ ଶୋଇବା ଦ୍ୱାରା ଏହାର ବାହାରେ ଥିବା ମହମ ଭଳି ପ୍ରାକୃତିକ ସୁରକ୍ଷା ପରସ୍ତ ନଷ୍ଟ ହୋଇଯାଉଛି । ଯାହା ଫଳରେ ସୂକ୍ଷ୍ମଜୀବ ଅଭ୍ୟନ୍ତରକୁ ପ୍ରବେଶ କରି ଏଥିରେ ଥିବା ଶର୍କରାକୁ ସଢ଼ାଇ ଦେଉଛନ୍ତି । ଏହି ସଢ଼ନ ପ୍ରକ୍ରିୟାରୁ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ ସୃଷ୍ଟି ହୋଇ ଭିତରେ ଚାପ ବଢ଼ିବା ଯୋଗୁଁ ତରଭୁଜଟି ଅଚାନକ ଫାଟିଯାଉଛି, ଯାହା ଦ୍ୱାରା ସଢ଼ା ମଞ୍ଜା ଓ ଦୁର୍ଗନ୍ଧଯୁକ୍ତ ପାଣି ବିଛଣା ଓ ଚଟାଣକୁ ନଷ୍ଟ କରୁଛି । ସେହିଭଳି ବିଶେଷଜ୍ଞମାନେ ସଚେତନ କରାଇଛନ୍ତି ଯେ ଏହା ଶରୀରର ଉତ୍ତାପ ଶୋଷି ନେଇ କିଛି ସମୟ ପାଇଁ ଆରାମ ଦେଉଥିଲେ ବି ଏଭଳି ବାରମ୍ବାର କରିବା ଦ୍ୱାରା ଏହା ସଢ଼ି ଫାଟିବାର ବଡ଼ ବିପଦ ରହିଛି ।



## ପରମ୍ପରାପ୍ରିୟ ପ୍ରିୟଙ୍କା



ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କର ଏକ ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଏଥିରେ ସେ ସିଦ୍ଧି ବିନାୟକ ମନ୍ଦିରରେ ଦର୍ଶନ କରୁଥିବାର ନଜର ଆସିଛନ୍ତି, ଯାହାପରେ ଫ୍ୟାନମାନେ ତାଙ୍କୁ ପରମ୍ପରା ପ୍ରିୟ ବୋଲି ଆଖ୍ୟା ଦେଇଛନ୍ତି । ଏହା ପୂର୍ବରୁ ମଧ୍ୟ ସୋସିଆଲ ମିଡିଆରେ ସେ ନିଜ ଝିଅ ମାଲତୀ ମେରୀଙ୍କୁ ଦୁର୍ଗା ସପ୍ତଶତୀ ମନ୍ତ୍ର ଶିଖାଉଥିବାର ଏକ ଭାବପୂର୍ଣ୍ଣ ଭିଡିଓ ଭାଇରାଲ ହୋଇଥିଲା । ତେବେ ସୂଚନା ଅନୁସାରେ ତାଙ୍କର ଆଗାମୀ ଭାରତୀୟ ଚଳଚ୍ଚିତ୍ର 'ବାରାଣସୀ'ର ସୁଟିଂ ପାଇଁ ମୁମ୍ବାଇରେ ପହଞ୍ଚିବାପରେ ସେ ସିଦ୍ଧିବିନାୟକ ମନ୍ଦିର ଦର୍ଶନ କରିଥିଲେ । ଏପରିକି ସେ ମନ୍ଦିର ପରିସର ବାହାରେ ମଧ୍ୟ ଖାଲି ପାଦରେ ଚାଲୁଥିବାର ନଜର ଆସିଥିଲେ । ନିର୍ଦ୍ଦେଶକ ଏସ.ଏସ. ରାଜାମୌଳିଙ୍କ ଏହି ବହୁପ୍ରତୀକ୍ଷିତ ଆକ୍ସନ - ଆଡଭେଞ୍ଚର ଫିଲ୍ମ ମାଧ୍ୟମରେ ସେ ଦୀର୍ଘ ଦିନ ପରେ ଭାରତୀୟ ସିନେମାକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି । ଏଥିରେ ସାଉଥ୍ ଷ୍ଟାର୍ ମହେଶ ବାବୁ ('ରୁଦ୍ର' ଭୂମିକାରେ) ଏବଂ ପୃଥ୍ୱୀରାଜ ସୁକୁମାରନ୍ (ଖଳନାୟକ ଭୂମିକାରେ) ମୁଖ୍ୟ ଭୂମିକାରେ ଅଛନ୍ତି । ଏହି ଫିଲ୍ମରେ ଜଣେ ଇତିହାସକାର ଓ କୁଶଳୀ ନିଶାଣବାଜ 'ମନ୍ଦାକିନୀ' ଚରିତ୍ରରେ ଅଭିନୟ କରୁଛନ୍ତି, ଯାହାର କାହାଣୀ ଏକ ପ୍ରାଚୀନ ମହାଜାଗତିକ କଳାକୃତିର ସନ୍ଧାନରେ ଆଫ୍ରିକା, ଆଣ୍ଟାର୍କଟିକା ଓ ଇଉରୋପ ପର୍ଯ୍ୟନ୍ତ ଗତିଶୀଳ ହେବ ଏବଂ ଏହା ୭ ଏପ୍ରିଲ ୨୦୨୭ରେ ପ୍ରେକ୍ଷାଳୟକୁ ଆସିବ । ମୁମ୍ବାଇ ପରେ ହାଇଦ୍ରାବାଦ ସୁଟିଂ ପାଇଁ ପ୍ରସ୍ତୁତ ହେଉଥିବା ପ୍ରିୟଙ୍କାଙ୍କ ହାତରେ ହଲିଉଡର ସାଇନ୍ସ-ଫିକସନ୍ ଥ୍ରିଲର 'ବ୍ଲୁଫ୍ଲାଇ' ପରି ବଡ଼ ପ୍ରୋଜେକ୍ଟ ମଧ୍ୟ ରହିଛି ।



**ମେଷ:** ପ୍ରୀତିହାନି, ନୂତନ କାର୍ଯ୍ୟରେ ସମସ୍ୟା, ପାରିବାରିକ ଖୁସି, ବନ୍ଧୁଲାଭ, ସ୍ୱାଦିଷ୍ଟ ଭୋଜନ, ଉଚ୍ଚକାର୍ଯ୍ୟପାଇଁ ଦୂରଯାତ୍ରା, ଭ୍ରମଣଖୁସି, ସମ୍ପତ୍ତିବିବାଦ, କର୍ମକ୍ଷେତ୍ରେ ସମସ୍ୟା, ବ୍ୟବସାୟରେ ସ୍ୱଳ୍ପଲାଭ, ସନ୍ତାନଲାଭ, ବିଦ୍ୟାରେ ସଫଳ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୫, ଆରାଧନା-ମା' ମହାଲକ୍ଷ୍ମୀ ।

**ବୃଷ:** ଯାତ୍ରାରେ କଷ୍ଟ, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ସ୍ୱଳ୍ପଲାଭ, ଅର୍ଥକଷ୍ଟ, ଦ୍ରବ୍ୟପ୍ରାପ୍ତି, ବିଶିଷ୍ଟ କାର୍ଯ୍ୟରେ ଲାଭ, ସମ୍ମାନଲାଭ, ପୁରାତନ ବିବାଦ, ସନ୍ତାନସମସ୍ୟା, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୪, ଆରାଧନା-ଶଙ୍କର ଭଗବାନ ।

**ମିଥୁନ:** କାର୍ଯ୍ୟରେ ସଫଳ, ସମ୍ପତ୍ତିଲାଭ, ଶୁଭଖବର, ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ, ଦେବଦର୍ଶନ, ଶରୀର ସୁସ୍ଥ, କର୍ମକ୍ଷେତ୍ରେ ସଫଳ, ବ୍ୟବସାୟିକ ଲାଭ, ବନ୍ଧୁଦର୍ଶନ, ଆର୍ଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ପ୍ରଭୁ ହନୁମାନ ।

**କର୍କଟ:** ଶୁଭକାର୍ଯ୍ୟରେ ଧନଖର୍ଚ୍ଚ, ବ୍ୟବସାୟରେ ସନ୍ତୁଷ୍ଟ, ନୂତନ କର୍ମଆରମ୍ଭ, ବନ୍ଧୁଗୃହକୁ ଯାତ୍ରା, ଅନୁଷ୍ଠାନରୁ ଲାଭ, ଶତ୍ରୁସମସ୍ୟା, ବ୍ୟକ୍ତିସାହାଯ୍ୟ, ହେବାକାର୍ଯ୍ୟ ବିଳମ୍ବ, ମାନସିକ ଅବସାଦ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୬, ଆରାଧନା-ମା' ଭୁବନେଶ୍ୱରୀ ।

**ସିଂହ:** ମାନସିକଶାନ୍ତି, ସମ୍ମାନପ୍ରାପ୍ତି, ଲୋକସମ୍ପର୍କରେ ଉନ୍ନତି, ଦେବଦର୍ଶନ, ଶରୀର ସୁସ୍ଥ, କର୍ମକ୍ଷେତ୍ରେ ସମ୍ମାନ, ବିଦ୍ୟାରେ ସଫଳ, ଅନୁଷ୍ଠାନରୁ ଲାଭ, ଖୁସିଖବର, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା-ମା' ଦକ୍ଷିଣକାଳୀ ।

**କନ୍ୟା:** ଅଯଥାଖର୍ଚ୍ଚ, ଶତ୍ରୁସମସ୍ୟା, ଭ୍ରମଣକଷ୍ଟ, ପାରିବାରିକ ସହଯୋଗ, ଲୋକସମ୍ପର୍କ ବୃଦ୍ଧି, ତୀର୍ଥଯାତ୍ରା, କିଛି କାର୍ଯ୍ୟରେ ବିବାଦ, କଚେରୀ ମାମଲା, ବ୍ୟବସାୟିକକଷ୍ଟ, ଚୋରିଯିବାଭୟ, ଉତ୍ତରାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**ତୁଳା:** ଭ୍ରମଣସୁଖ, ଖୁସିଖବର, ସମ୍ମାନଲାଭ, ସମ୍ପତ୍ତିବିବାଦ, ସ୍ୱାଦିଷ୍ଟ ଭୋଜନ, ଉଚ୍ଚଆଶା ସଫଳ, ଦେବଦର୍ଶନ, ଗୁରୁଜନଙ୍କ ସ୍ନେହ, ଅତିଥିସତ୍କାର, ବିଦ୍ୟାରେ ସଫଳ, ପଡ଼ିଶା ଗଣ୍ଡଗୋଳ, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୯, ଆରାଧନା-ମା' ପାର୍ବତୀ ।

**ବିଛା:** ଖୁସିଖବର, ବ୍ୟବସାୟିକ ଲାଭ, ବ୍ୟକ୍ତିସାହାଯ୍ୟ, ଅର୍ଥପ୍ରାପ୍ତି, ଶରୀର ସୁସ୍ଥ, ବିଶିଷ୍ଟ କାର୍ଯ୍ୟରେ କର୍ମକ୍ଷେତ୍ରେ ଶୁଭଖବର, ସମ୍ମାନବୃଦ୍ଧି, ଶତ୍ରୁବୃଦ୍ଧି, ଦାମ୍ପତ୍ୟଖୁସି, ସନ୍ତାନଲାଭ, ଦ୍ରବ୍ୟଲାଭ, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୮, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଧନୁ:** କାର୍ଯ୍ୟରେ ବାଧା, ଦ୍ରବ୍ୟନଷ୍ଟ, ବନ୍ଧୁସହଯୋଗ, ଅର୍ଥସମସ୍ୟା, ଅନୁଷ୍ଠାନରୁ ଲାଭ, ସନ୍ତାନସମସ୍ୟା, ଦୂରଯାତ୍ରା ସଫଳ, ବ୍ୟବସାୟରେ ସ୍ୱଳ୍ପଲାଭ, ଅପମାନଯୋଗ, ଶତ୍ରୁସମସ୍ୟା, ସମ୍ପତ୍ତିଲାଭ, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ଗୁରୁଜନଙ୍କ ସେବା ।

**ମକର:** ଯାତ୍ରାରେ ସତର୍କ, ବ୍ୟବସାୟିକକଷ୍ଟ, ତୀର୍ଥଯାତ୍ରା ସଫଳ, ମନାନ୍ତର, ଶତ୍ରୁସମସ୍ୟା, ବ୍ୟୟବୃଦ୍ଧି, ଉଚ୍ଚଆଶାରେ ବାଧା, ନୂତନ କର୍ମପ୍ରତି ଆଗ୍ରହ, ଲୋକସମ୍ପର୍କରେ ଖୁସି, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୬, ଆରାଧନା-ଗ୍ରାମଦେବତୀ ।

**କୁମ୍ଭ:** ସମ୍ପର୍କରେ ଉନ୍ନତି, ବ୍ୟବସାୟିକ ଲାଭ, ଶରୀର ସୁସ୍ଥ, ସମ୍ପତ୍ତିଲାଭ, ଦୂରଯାତ୍ରା ସଫଳ, ଦାମ୍ପତ୍ୟଖୁସି, କର୍ମକ୍ଷେତ୍ରେ ସ୍ଥାନାନ୍ତର, ଉଚ୍ଚଆଶା ସଫଳ, ଅର୍ଥାଦିଲାଭ, ବାନ୍ଧବୀଲାଭ, ସନ୍ତାନଖୁସି, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୯, ଆରାଧନା-ମା' ବଗଳାମୁଖୀ ।

**ମୀନ:** ଦ୍ରବ୍ୟଲାଭ, ଶରୀର ସୁସ୍ଥ, ନୂତନ କାର୍ଯ୍ୟଆରମ୍ଭ, ସମ୍ମାନଲାଭ, ଦୂରଯାତ୍ରା ସଫଳ, ବିଦ୍ୱାନବ୍ୟକ୍ତିଙ୍କ ସାହାଯ୍ୟ, ଗୃହଜଞ୍ଜାଳବୃଦ୍ଧି, ଶୁଭଖବର, ଦାମ୍ପତ୍ୟକଳହ, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମା' ଗୌରୀ ।

ଶ୍ରାବଣ ଶୁକ୍ଳପକ୍ଷ ପ୍ରତିପଦା
୧୩.୮.୨୦୨୬, ଗୁରୁବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

Ministry of Culture
Government of India



ଚାଲ ଆମେ ବିଶ୍ୱର ସର୍ବବୃହତ୍ ନାଗରିକ ଆନ୍ଦୋଳନରେ ସାମିଲ ହେବା

# Har Ghar Tiranga

Dedicated to the Spirit of Vande Mataram

9 to 17 August 2026






ଆସନ୍ତୁ ଆମେ 'ହର ଘର ତିରଙ୍ଗା' ଆନ୍ଦୋଳନରେ ଉତ୍ସାହର ସହିତ ଅଂଶଗ୍ରହଣ କରିବା ଏବଂ ଏକ ବିକଶିତ ଭାରତ ନିର୍ମାଣରେ ଯୋଗଦାନ ଦେବା ପାଇଁ ଆମର ସାମୂହିକ ସଂକଳ୍ପକୁ ନବୀକରଣ କରିବା ।

ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

## ଆପଣଙ୍କ ରାଜ୍ୟ, ଜିଲ୍ଲା ଏବଂ ସହରଗୁଡିକରେ ହେଉଥିବା ହର ଘର ତିରଙ୍ଗା କାର୍ଯ୍ୟକଳାପରେ ଅଂଶଗ୍ରହଣ କରନ୍ତୁ

- ତିରଙ୍ଗା ଯାତ୍ରା
- ତିରଙ୍ଗା ରାଲି
- ତିରଙ୍ଗା ରଙ୍ଗୋଲି ତିଆରି
- ବନ୍ଦେ ମାତରମର ସମୂହଗାନ

vandemataram150.inରେ

## ଜାତୀୟ ଗୀତ, ବନ୍ଦେ ମାତରମ୍ ର ସମ୍ପୂର୍ଣ୍ଣ ଗୀତ ଶିଖନ୍ତୁ

1. 'ଟ୍ୟୁଟୋରିଆଲ୍'ଟ୍ୟାବ୍ ଉପରେ କ୍ଲିକ୍ କରନ୍ତୁ
2. ଆପଣଙ୍କ ବାଛିଥିବା ଭାଷାରେ ଗୀତ ଶୁଣନ୍ତୁ
3. ଗୀତର ଅନୁବାଦ ସହିତ ଅନୁସରଣ କରନ୍ତୁ
4. ଧାଡ଼ି ପରେ ଧାଡ଼ି ଅଭ୍ୟାସ କରନ୍ତୁ
5. କାରାଓକେ ସହିତ ଗାନ କରନ୍ତୁ

## ଆପଣଙ୍କର ତିରଙ୍ଗା ମୁହୂର୍ତ୍ତଗୁଡ଼ିକୁ କ୍ୟାପଚର କରନ୍ତୁ ଏବଂ harghartiranga.comରେ ସମସ୍ତଙ୍କ ସହିତ ଆପଣଙ୍କର ଗର୍ବ ବାଣ୍ଟନ୍ତୁ

1. harghartiranga.com ପରିଦର୍ଶନ କରନ୍ତୁ
2. ଆପଣଙ୍କର ବିବରଣୀ ସେୟାର କରନ୍ତୁ
3. ତିରଙ୍ଗା ସହିତ ଏକ ସେଲ୍ଫି କ୍ଲିକ୍ କରନ୍ତୁ
4. ବନ୍ଦେ ମାତରମ୍ ଗୀତ ଫ୍ରେମ୍ ସହିତ ଆପଣଙ୍କର ସେଲ୍ଫି ଅପଲୋଡ୍ କରନ୍ତୁ
5. ଆପଣଙ୍କର ଅଂଶଗ୍ରହଣ ପ୍ରମାଣପତ୍ର ଡାଉନଲୋଡ୍ କରନ୍ତୁ

CBC 09101/13/0017/2627

**ତିରଙ୍ଗା ଉଠାନ୍ତୁ । ବନ୍ଦେ ମାତରମ୍ ଗାନ କରନ୍ତୁ । ହର ଘର ତିରଙ୍ଗା ଉତ୍ସାହ ପାଳନ କରନ୍ତୁ**

**ମିଳିମିଶି, ଆସନ୍ତୁ ଏହି ସ୍ୱାଧୀନତା ଦିବସକୁ ଅବିସ୍ମରଣୀୟ କରିବା!**

# ‘ସମୟ ଲାଇଭ’ର ପ୍ରାକ୍ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ



ମୁଖ୍ୟ ଅତିଥି ତଥା ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ସହ ସମୟର ନିର୍ଦ୍ଦେଶିକା ଅନୀତା ମହାନ୍ତି ।



ବନ୍ଦେ ମାତରମ୍ ଗାନ ସମୟରେ ଦଣ୍ଡାୟମାନ ଅତିଥିଗଣ ।



ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜ୍ୱଳନ ।




ବକ୍ତବ୍ୟ ପ୍ରଦାନ କରୁଛନ୍ତି ସମ୍ମାନିତ ଅତିଥି ପ୍ରହଲ୍ଲାଦ ସିଂ ।




ବକ୍ତବ୍ୟ ଉପସ୍ଥାପନ କରୁଛନ୍ତି ସମ୍ମାନିତ ଅତିଥି ତଥା ବିଧାୟିକା ସୋଫିଆ ଫିର୍ଦୌସ ।




ମୁଖ୍ୟ ଅତିଥି ତଥା ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ବକ୍ତବ୍ୟ ଉପସ୍ଥାପନ ।




ସମୟର ନିର୍ଦ୍ଦେଶିକା ଅନୀତା ମହାନ୍ତିଙ୍କ ଅଭିଭାଷଣ ।




ବକ୍ତବ୍ୟ ପ୍ରଦାନ କରୁଛନ୍ତି ସମୟର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ।



ସମ୍ମାନିତ ହେଉଛନ୍ତି ନେତାଜୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍‌ର ଅଧ୍ୟକ୍ଷ ବିଜନ କୁମାର ଜେନା ।







ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ସମୟର ନିର୍ଦ୍ଦେଶିକା ଅନୀତା ମହାନ୍ତି ।





କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟକ୍ତିବିଶେଷ




ଧନ୍ୟବାଦ ଅର୍ପଣ କରୁଛନ୍ତି ସମୟ ଓ ସମୟ ଲାଇଭର ସମ୍ପାଦକ ପପୁ ମହାନ୍ତି ।

## ଜିଲ୍ଲା ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଉତ୍ସବର ଶୁଭାରମ୍ଭ

କଟକ, (ସବ୍ୟୁ): ସ୍ୱାଭିମାନ, ଗୌରବ ଓ ଆକାଂକ୍ଷାର ପ୍ରତୀକ ଆମ ଜାତୀୟ ପତାକା ତ୍ରିରଙ୍ଗା ସମଗ୍ର ଦେଶ ତଥା ରାଜ୍ୟରେ ଅଗଷ୍ଟ ୯ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ସବୁଠି ଉଡ଼ାଇବା ପାଇଁ ଅଭିଯାନ ଆରମ୍ଭ କରାଯାଇଛି । ଏହି ପରିପ୍ରେକ୍ଷୀରେ ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । କଟକରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଉତ୍ସବର ଶୁଭାରମ୍ଭ ହୋଇଯାଇଛି । କଟକ ସହର ସମେତ ବିଭିନ୍ନ ବ୍ଲକର ଗ୍ରାମ ପଞ୍ଚାୟତ ମାନଙ୍କଠାରେ ସବୁଠି ଜାତୀୟ ପତକା ଉଡାଇବା ଆରମ୍ଭ କରାଯାଇଛି । ବୁଧବାର ଏହି ଶୁଭାରମ୍ଭ ଅବସରରେ ଐତିହାସିକ ବାରବାଟୀ ଷ୍ଟାଡିୟମଠାରେ ଏକ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଅଭ୍ୟାସ ପରେଡରେ ଅଂଶଗ୍ରହଣ କରିଥିବା ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉତ୍ସାହର ସହ ତ୍ରିରଙ୍ଗା ପତାକା ଉଡାଇଥିଲେ । ଏହି ଉତ୍ସବ ପାଳନ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଗଷ୍ଟ ୧୩ ତାରିଖ ସକାଳ ୭ଘଟିକା ସମୟରୁ ନେତାଜୀ ସ୍ମାରକୀଠାରୁ ଏକ ବିଶାଳ ମଟର ସାଇକେଲ ଶୋଭାଯାତ୍ରା ବାହାରି ସ୍ଥାନୀୟ ଜବାହରଲାଲ ଇଣ୍ଡୋର ଷ୍ଟାଡିୟମଠାରେ ପହଞ୍ଚିବ । ପରେ ପରେ ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଆସନ୍ତା ୧୪ ତାରିଖରେ ଅପରାହ୍ଣ ୪ ଘଟିକା ସମୟରେ ଗଡଗଡିଆ ଘାଟଠାରେ ସାମୁହିକ ବନ୍ଦେ ମାତରମ ଗାନ କରାଯିବ । ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ସହରବାସୀ ଯୋଗ ଦେବା ପାଇଁ ପ୍ରସାଶନ ପକ୍ଷରୁ ଅନୁରୋଧ କରାଯାଇଛି ।

## କଟକ ଜିଲ୍ଲା ବିଜେପିର ତ୍ରିରଙ୍ଗା ଯାତ୍ରା

କଟକ,(ସବ୍ୟୁ): ଭାରତୀୟ ଜନତା ପାର୍ଟି ନିର୍ଦ୍ଦେଶ କ୍ରମେ ରାଜ୍ୟର ବିଭିନ୍ନ ଜିଲ୍ଲା ଏବଂ ମଣ୍ଡଳ ସ୍ତରରେ ଅଗଷ୍ଟ ୯ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ତ୍ରିରଙ୍ଗା ଯାତ୍ରା ଅଭିଯାନ ଚାଲୁଅଛି । ବୁଧବାର କଟକ ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ୫୦୦୦ ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ତ୍ରିରଙ୍ଗା ଯାତ୍ରା ଯୋଗ ଦେଇଥିଲେ । ନୁଆବଜାର ସ୍ଥିତ ଏକ ସାଧାରଣ ସଭାରେ ସଭାପତି ସୁକାନ୍ତ ବିଶ୍ୱାଳ ଯୁବପିଢ଼ି ମାନଙ୍କ ମଧ୍ୟରେ ଦେଶାତ୍ମକ ଭାବନା ରହିବା ଉଚିତ୍ ବୋଲି କହିଥିଲେ । ମଞ୍ଚରେ ବିଧାୟକ ପ୍ରକାଶ ସେଠୀ, ନୟନ କିଶୋର ମହାନ୍ତି, ଡକ୍ଟର ପ୍ରଭାତ ରଂଜନ ବିଶ୍ୱାଳ, ଜ୍ଞାନ ଦେବ ବେଉରା, ଲଲାଟେନ୍ଦୁ ବଡୁ, ସ୍ମୃତି ପଟ୍ଟନାୟକ, ବିନୋଦ ଦାଶ, ଶୁଭ୍ରାଂଶୁ ମୋହନ ପାଢ଼ୀ, ତୁଷାର କାନ୍ତ ଚକ୍ରବର୍ତ୍ତୀ, ହୃଷି କେଶ ଜେନା, ଲକ୍ଷ୍ମୀଧର ପ୍ରଧାନ, ବଜେନ୍ଦ୍ର ରାୟ, ଓମ୍ ପ୍ରକାଶ ରାୟ, ରଶ୍ମୀ ରେଖା ଦାସ, ଶ୍ରୀତମ ଦାସ, ପ୍ରଦୀପ ସ୍ୱାଇଁ ଉପସ୍ଥିତ ଥିଲେ । ଏହି ତ୍ରିରଙ୍ଗା ଯାତ୍ରା ପୋତା ପୋଖରୀ, ନୁଆବଜାର, ନୂଆପଡ଼ା, ପଞ୍ଚମୁଖୀ ହନୁମାନ ମନ୍ଦିର ପାଖରେ ପଦଯାତ୍ରା ଶେଷ ହୋଇଥିଲା ।

# ସବ୍‌ସିଡି ଛାଡ଼ ପାଇଁ ୧୫ ହଜାର ଲାଞ୍ଚ ଭିଜିଲାନ୍ସ ଜାଲରେ ବ୍ରହ୍ମପୁର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ



ବ୍ରହ୍ମପୁର, (ସବ୍ୟୁ): ଏମକେୟୁଓ୍ୱାଇ ଯୋଜନାର ସବସିଡ୍ ଟଙ୍କା ଛାଡିବା ପାଇଁ ବ୍ରହ୍ମପୁର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବ୍ୟୋମକେଶ ମିଶ୍ରଙ୍କୁ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ମାଡି ବସିଲା ଭିଜିଲାନ୍ସ । ଆୟ ବହିର୍ଭୂତ ସମ୍ପତ୍ତି ମାମଲା ଦୃଷ୍ଟିରୁ ଶ୍ରୀ ମିଶ୍ରଙ୍କ ତିନୋଟି ସ୍ଥାନରେ ଏକକାଳୀନ ଚଢାଉ ଜାରି ରଖିଛି ଭିଜିଲାନ୍ସ । ଘଟଣାର ତଦନ୍ତ ଜାରି ରହିଛି ବୋଲି ବ୍ରହ୍ମପୁର ଏସପି ଏକ ପ୍ରେସନୋଟ ଜରିଆରେ ସୂଚନା ଦେଇଛନ୍ତି । ପ୍ରକାଶ ଯେ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧୀନରେ ସମନ୍ୱିତ କୃଷି ବ୍ୟବସ୍ଥା ପାଇଁ ଜଣେ ହିତାଧିକାରୀଙ୍କ ଫାଇଲ୍ ପ୍ରୋସେସ୍ କରିବା ଏବଂ ସବସିଡ ରାଶି ଛାଡିବା ନିମନ୍ତେ ଉକ୍ତ କୃଷି ଅଧିକାରୀ ବ୍ୟୋମକେଶ ମିଶ୍ର ଟଙ୍କା ଲାଞ୍ଚ ଦେବାକୁ କହିଥିଲେ । ଉକ୍ତ ଯୋଜନା ଅନୁଯାୟୀ ଜଣେ ହିତାଧିକାରୀ କୃଷି ଏବଂ ଭିତ୍ତିଭୂମି ପାଇଁ ଖର୍ଚ୍ଚ କରିଥିବା ରାଶିର ୫୦% ସବସିଡି ପାଇବାକୁ ହକଦାର ଥିଲେ । ଉକ୍ତ ହିତାଧିକାରୀ ଗତ ଦୁଇ ମାସ ଧରି ତାଙ୍କ ଫାଇଲ୍ ପ୍ରୋସେସ୍ କରିବା ପାଇଁ କୃଷି ଅଧିକାରୀ ମିଶ୍ରଙ୍କୁ ଅନୁରୋଧ କରିଥିଲେ । ବାରମ୍ବାର ଅନୁରୋଧ ସେ%ୠ ସେ ଫାଇଲ୍ ପ୍ରୋସେସ୍ କରୁନଥିଲେ । ଅଧିକାରୀ ଜଣଙ୍କ ହିତାଧିକାରୀଙ୍କୁ ୧୫ ହଜାର ଟଙ୍କା ଦାବି କରିଥିଲେ । ହିତାଧିକାରୀ ଜଣକ ଏ ସମ୍ପର୍କରେ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ । ଯୋଜନା ମୁତାବକ ହିତାଧିକାରୀ ଜଣଙ୍କ କୃଷି ଅଧିକାରୀଙ୍କୁ ଭେଟି ୧୫ ହଜାର ଟଙ୍କା ଲାଞ୍ଚ ଦେଇଥିଲେ । ଭିଜିଲାନ୍ସର ଏକ ଟିମ୍ ସେଠାରେ ଚଢ଼ାଉ କରି ଅଧିକାରୀଙ୍କ ନିକଟରୁ ଉକ୍ତ ଲାଞ୍ଚ ଟଙ୍କା ଜବତ କରିବା ସହ ତାଙ୍କୁ କାବୁ କରିଥିଲା ।

# ବ୍ରହ୍ମପୁରରେ ତ୍ରିରଙ୍ଗା ଶୋଭାଯାତ୍ରା : ଦେଶପ୍ରେମର ରଙ୍ଗରେ ରଙ୍ଗାୟିତ ହେଲା ରେଶମ ସହର



ବ୍ରହ୍ମପୁର, (ସବ୍ୟୁ) : ଘରେ ଘରେ ତ୍ରିରଙ୍ଗା' ଅଭିଯାନ ଅଧୀନରେ ଦେଶପ୍ରେମ, ଜାତୀୟ ଏକତା ଓ ତ୍ରିରଙ୍ଗା ପ୍ରତି ସମ୍ମାନର ବାର୍ତ୍ତାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଆଜି ସହରରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ତ୍ରିରଙ୍ଗାର ଗୌରବ ଓ ଦେଶପ୍ରେମର ଉତ୍ସାହରେ ରେଶମ ସହର ଉତ୍ସବମୁଖର ହୋଇଉଠିଥିଲା । ଆଜି ଅପରାହ୍ନରେ ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିୟମ ଠାରୁ ଆରମ୍ଭ ହୋଇଥିବା ଶୋଭାଯାତ୍ରା ଗାନ୍ଧୀ ନଗର, ପି.ଭି.ଏନ. ପେଟ୍ରୋଲ ପମ୍ପ ଛକ, ଖଲ୍ଲିକୋଟ କଲେଜ, ସୁବାରାଓ ଛକ, ଟାଟାବେଞ୍ଚ, କମାପଲ୍ଲୀ ଓ କୋର୍ଟପେଟା ଦେଇ ଏମକେସିଜି ମେଡ଼ିକାଲ କଲେଜ ଓ ହସପିଟାଲ ଛକଠାରେ ସମାପ୍ତ ହୋଇଥିଲା ।

ତ୍ରିରଙ୍ଗାରେ ସଜ୍ଜିତ ଇ-ବାଇକ୍ ଓ ସାଇକେଲ୍ ସହ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଯୁବକ ଓ ସହରବାସୀ ଏଥିରେ ସାମିଲ ହୋଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ଜାତୀୟ ପତାକା ବଣ୍ଟନ କରାଯାଇଥିଲା ।

ଉଦଘାଟନୀ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେz୍ଡୀ, ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ନିଗମ କମିଶନର ଏ. ସସ୍ୟା ରେz୍ଡୀ, ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ସମେତ ବରିଷ୍ଠ ସମାଜସେବୀ ସାରଦା ଶତପଥୀ, ସରୋଜ ସାବତ ଓ ବାଳକୃଷ୍ଣ ସାମନ୍ତରା ପ୍ରମୁଖ ଯୋଗ ଦେଇଥିଲେ ।

# ଯୁବକଙ୍କୁ ଆକ୍ରମଣ ଘଟଣା, ଫେରାର ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ନରସିଂହପୁର ଗ୍ରାମର ଏସ.ଗୋବିନ୍ଦ ରେଡ୍ଡୀଙ୍କୁ ପ୍ରାଣାନ୍ତକ ଆକ୍ରମଣ ନେଇ ଗତ ମେ ୫ରେ ବେଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ । ପୁରୁଣା ବିବାଦକୁ କେନ୍ଦ୍ର କରି ଲଜ୍ ଭିତରେ ଜଣେ ଯୁବକଙ୍କୁ ଆକ୍ରମଣ ଅଭିଯୋଗରେ ବୈଦ୍ୟନାଥପୁର ପୋଲିସ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ଟାଉନଥାନା ଅନ୍ତର୍ଗତ ରମ୍ଭାସାହିର ଦୀପକ ମହାନ୍ତି ଓରଫ ଦିପୁନ । ମାମଲା ନଂ ୨୧୦ / ୨୬ ରେ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛିଛ ପୋଲିସ ଘଟଣାର ତଦନ୍ତ କରୁଥିବା କହିଛି । ପ୍ରକାଶ ଯେ, ଭାଗୀରଥି ପାଢି ଓ ଅଭିଯୋଗକାରୀ ଏସ.ଗୋବିନ୍ଦ ରେଡ୍ଡିଙ୍କ ମଧ୍ୟରେ ଦେହ ବ୍ୟବସାୟ ଚଳାଇଥିଲେ । ପରବର୍ତ୍ତୀ ସମୟରେ ଅଭିଯୋଗକାରୀ ଭାଗୀରଥି ପାଢୀଙ୍କ ଅଜାଣତରେ ସିଧାସଳଖ କିଛି ଗ୍ରାହକଙ୍କ ସହିତ କାରବାର କରିଥିଲେ, ଯାହା ଫଳରେ ସେମାନଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା । ଅଭିଯୋଗକାରୀ ଖୋଡାସିଙ୍ଗିର ରାଜ ରେସିଡେନ୍ସି ଲଜରେ ଥିବା ସମୟରେ ଭାଗିରଥୀ ପାଢୀଙ୍କ ସାଙ୍ଗ ଗେଟବଜାର ରମ୍ଭା ସାହିର ଦୀପକ ମହାନ୍ତି ଲଜକୁ ଯାଇ ଏସ.ଗୋବିନ୍ଦ ରେଡ୍ଡିଙ୍କୁ ଆକ୍ରମଣ କରିଥିଲେ । ଯାହା ଫଳରେ ତାଙ୍କ ମୁଣ୍ଡରେ ରକ୍ତସ୍ରାବ ହୋଇଥିଲା । ଆହତ ଅଭିଯୋଗକାରୀଙ୍କୁ ପରବର୍ତ୍ତୀ ସମୟରେ ଡାକ୍ତରୀ ଚିକିତ୍ସା କରାଯାଇଥିଲା । ଘଟଣା ପରେ, ଉଭୟ ଅଭିଯୁକ୍ତ ଘଟଣାସ୍ଥଳରୁ ପଳାଇ ଯାଇଥିବା ଅଭିଯୋଗ ହୋଇଥିଲା । ପୋଲିସ ଘଟଣାର ତଦନ୍ତ କରି ଆଜି ଦୀପକକୁ ଗିରଫ କରି କୋର୍ଟଚାଲାଣ କରିଛି ।

# ପଦ୍ମିନୀ ରଥଙ୍କ ସ୍ମୃତିଚାରଣ ଓ ସମ୍ବର୍ଦ୍ଧନା



କଟକ, (ସ୍ୱପ୍ର) : ରାଜେନ୍ଦ୍ର ନଗରସ୍ଥିତ ମଙ୍ଗଳା ମନ୍ଦିର ପରିସରରେ ପଦ୍ମିନୀ ରଥଙ୍କ ୧୧ତମ ଶ୍ରାଦ୍ଧ ବାର୍ଷିକୀ ସ୍ମୃତିଚାରଣ ସଭା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ "ସର୍ବ ମଙ୍ଗଳା ମହଲା ସଭା'ର ସଭାପତି କୃଷ୍ଣଚନ୍ଦ୍ର ମାହୁନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପଦ୍ମିନୀ ରଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ, ଶ୍ରଦ୍ଧାସୁମନ ଅର୍ପଣ ସହ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା । ଦ୍ୱୈତ ନଗରୀରର ପୁଲିସ କମିଶନର ଡ. ସୁରେଶ ଦେବଦତ୍ତ ସିଂ, ଆଇନ ବିଭାଗ ସଚିବ ପ୍ରଦୀପ୍ତ କୁମାର ସାମଲଙ୍କ ସମେତ ସ୍ଥାନୀୟ କର୍ପୋରେଟର ସୌଭାଗିନୀ ଜେନା, ପୂର୍ବତନ କର୍ପୋରେଟର ହୃଷିକେଶ ପ୍ରଧାନ, ମହଲାସଭାର ଉପ-ସଭାପତି ରାଜେନ୍ଦ୍ର କୁମାର ଷଡଙ୍ଗୀ, ସଂପାଦକ ସରୋଜ କୁମାର ସ୍ୱାଇଁ, ସହ ସଂପାଦକ ପ୍ରଦୀପ କୁମାର ହେହେରା, କୋଷାଧ୍ୟକ୍ଷ ଶୁଭେନ୍ଦୁ କୁମାର ମିଶ୍ର, ଅଜୟ କୁମାର ଦାସ, ପ୍ରଦୀନ ସେଠୀ, ଅଜିତ୍ କୁମାର ନାୟକ, ସନ୍ଦୀପ ସାମନ୍ତରାୟ, ଉଲ୍ଲାସ କୁମାର ପାଇକରାୟ, ଗଜେନ୍ଦ୍ର ନାୟକ, ପ୍ରଫୁଲ୍ଲ ମୁଦୁଲି, ସଂଜୟ ପାତ୍ର, ଫେଲୁ ମହାନ୍ତି, ଶରତ ଚନ୍ଦ୍ର ପତି, ବୀରକିଶୋର ସାହୁ, ମହେଶ ମହାପାତ୍ର, ରମେଶ ପ୍ରତାପ, ଅଭୟ ପଞ୍ଜାର ସାହୁ, ଡା. ଦୀନବନ୍ଧୁ ମହାରଣା, ଶିକ୍ଷାବିତ୍ ଉକିଳ ରଂଜନ ଦାସ, ଡ. ଦୟାନନ୍ଦ ଷଡଙ୍ଗୀ, ଡ. ବିଶ୍ୱ ରଂଜନ ଷଡଙ୍ଗୀ,ପ୍ରଦୀପ ରଥଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ "ରଥ ପରିବାର' ପକ୍ଷରୁ ଡ. ପ୍ରମୋଦ ଚନ୍ଦ୍ର ରଥ, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଚିନ୍ମୟୀ ରଥ, ଇଂ ଦୁର୍ଗା ପ୍ରସାଦ ରଥ, ଶିବ ପ୍ରସାଦ ରଥ ସଂକୀର୍ତ୍ତନ ମଣ୍ଡଳୀ ସଦସ୍ୟ, ମହଲା ସଭାର କର୍ମକର୍ତ୍ତା, ସାହି ମୁରବୀ, ବରିଷ୍ଠ ନାଗରିକଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅଧ୍ୟାପକ ଲୋକନାଥ ବେହେରା, ପ୍ରଶାନ୍ତ ତ୍ରିପାଠୀ, ସୁଶାନ୍ତ କଅଁର, ଅରବିନ୍ଦ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଗଞ୍ଜାମ ଏସପି ହରିଶ ବିଶି ଓ ବ୍ରହ୍ମପୁର ଏସପି ଡ. ଶ୍ରବଣ ବିବେକ ଏମଙ୍କୁ ଡିଜିପି ଡିସ୍କ

ବ୍ରହ୍ମପୁର, (ସବ୍ୟୁ): ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସେବା, କର୍ତ୍ତବ୍ୟନିଷ୍ଠା ଓ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ନିମନ୍ତେ ଗଞ୍ଜାମ ଜିଲ୍ଲାରେ ଗଞ୍ଜାମ ଜିଲ୍ଲାରୁ ଗଞ୍ଜାମ ଏସପି ହରିଶ ବିଶି ଓ ବ୍ରହ୍ମପୁର ଏସପି ଡ ଶ୍ରବଣ ବିବେକ ଏମଙ୍କୁ ଡିଜିପି ଡିସ୍କ ପୁରସ୍କାର ପ୍ରଦାନ କରାଯାଇଛି । ଗଞ୍ଜାମ ଜିଲ୍ଲା ଏକ ଅପରାଧ ପରାୟଣ ଜିଲ୍ଲା ଭାବେ ପରିଗଣିତ ହୋଇଥିବା ବେଳେ ଏହି ଜିଲ୍ଲାର ଦୁଇ ଦୁଇ ଜଣ ଏସପି ନିଜର କାର୍ଯ୍ୟ ଦକ୍ଷତା ବଳରେ ଅପରାଧ ନିୟନ୍ତ୍ରଣ କରିବାରେ ସଫଳ ହୋଇଥିବା ଦୃଷ୍ଟିରୁ ରଖି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଓ୍ୱାଇ ବି ଖୁରାନିଆ ଗଞ୍ଜାମ ଏସପି ହରିଶ ବିଶି ଓ ବ୍ରହ୍ମପୁର ଏସପି ଡ ଶ୍ରବଣ ବିବେକ ଏମଙ୍କୁ ଡିଜିପି ଡିସ୍କ ପଦକ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ । ବୁଧବାର ଭୁବନେଶ୍ୱର ସ୍ଥିତ ପୋଲିସ ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ୫୫ ଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଡିଜିପି ଡିସ୍କ ପ୍ରଦାନ କରି ସମ୍ମାନିତ କରିଛନ୍ତି । ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସେବା, କର୍ତ୍ତବ୍ୟନିଷ୍ଠା ଓ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ନିମନ୍ତେ ଡିଜିପି ଶ୍ରୀ ଖୁରାନିଆ ପଦକ ଓ ମାନପତ୍ର ପ୍ରଦାନ କରିଥିଲେ । ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ପ୍ରତ୍ୟକ୍ଷ ତ%ୠବଧାନରେ ଏହି ପଦକ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ରାଜ୍ୟ ପୋଲିସ ମୁଖ୍ୟାଳୟର ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ।

## 'ସମୟ' ଖବରକାଗଜର ପ୍ରଭାବ

# ମଧ୍ୟାହ୍ନଭୋଜନ ହଡପ ଟଙ୍କା ଫେରାଇଲେ ପ୍ରଧାନଶିକ୍ଷୟିତ୍ରୀ

ବ୍ରହ୍ମପୁର, (ସବ୍ୟୁ) : ସମୟ ଖବର କାଗଜର ପ୍ରଭାବରେ ହିଂଜିଳିକାଟୁ ବ୍ଲକ୍‌ର ଗୋପୀନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଆତ୍ମସାତ କରିଥିବା ପିଲାଙ୍କ ଏମଆଇଡିଏମ ଟଙ୍କା ଅଧରାତ୍ରରେ ନିଜ ସ୍ୱାମୀଙ୍କ ସହ ହୋଷ୍ଟେଲ୍ ଓ୍ୱାର୍ଡ଼େନ୍‌ଙ୍କୁ ଧରି ପିଲାମାନଙ୍କୁ ପ୍ରଦାନ କରିଥିବା ସୂଚନା ମିଳିଛି । ଯେତିକି ଟଙ୍କା ମିଳିବା କଥା ତା'ଠାରୁ କମ୍ ଟଙ୍କା ଦେଇ ପୁରା ଟଙ୍କାର ସ୍ୱାକ୍ଷର ନେଇଥିବା ଜଣାପଡ଼ିଛି । ବ୍ଲକ୍ ଶିକ୍ଷା ବିଭାଗର ଏବିଇଓ ମ୍ୟାଡ଼ାମ୍ ଅନୁସନ୍ଧାନ କରି ଫେରିଛନ୍ତି । ଏସଏମସି ଓ ଅଭିଭାବକଙ୍କ ମାନେ କହିଛନ୍ତି ଯେ, ଆମେ ଯେତେବେଳେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପଚାରିଲୁ, ସେ କହୁଥିଲେ "ମୁଁ ପିଲାମାନଙ୍କୁ ଟଙ୍କା ଦେଇଦେଇଛି । କିନ୍ତୁ ଆଜକୁ ପ୍ରାୟ ୨୦ ଦିନ ତଳୁ ବ୍ଲକ୍ ଶିକ୍ଷାବିଭାଗରେ ଅଭିଯୋଗ କରୁଥିଲୁ କାହିଁକି ପ୍ରଶାସନ ଚୁପ୍ ଥିଲା । କିନ୍ତୁ ସମୟ ଖବର କାଗଜ ପ୍ରଭାବରେ ରାତାରାତି ଏମଡିଏମ ଟଙ୍କା ପିଲାଙ୍କୁ ଦିଆଗଲା ଓ ପ୍ରଶାସନ ତଦନ୍ତ କରିବାକୁ ଆଗ୍ରହ ପ୍ରକାଶ କଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ସ୍ୱପ୍ନ ଫାଉଣ୍ଡେସନ୍ ପକ୍ଷରୁ ବୋଲବମ୍ ଭକ୍ତସେବା



କଟକ, (ସ୍ୱପ୍ର) : ଅଗ୍ରଣୀ ସେବା ସଙ୍ଗଠନ ପକ୍ଷରୁ ଚଳିତବର୍ଷ ବାବା ମହାଦେବଙ୍କୁ ଜଳାଭିଷେକ ଲାଗି ବାବା ଧବଳେଶ୍ୱର ପୀଠରେ ହଜାରହଜାର ସଂଖ୍ୟାରେ କାଉଡ଼ିଆ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା । ସ୍ୱପ୍ନ ଫାଉଣ୍ଡେସନ ପକ୍ଷରୁ ଶ୍ରାବଣ ମାସର ଦ୍ୱିତୀୟ ପାଳିରେ କାଉଡିଆ ଭକ୍ତମାନଙ୍କୁ ସେବା ଯୋଗାଇଦେବା ନିମନ୍ତେ ନୂଆପଟଣା ଠାରେ ଏକ ସେବା କାର୍ଯ୍ୟର ଆୟୋଜନ କରାଯାଇଥିଲା । ଭକ୍ତମାନଙ୍କ ନିମନ୍ତେ ପ୍ରସାଦ ବଣ୍ଟନ, ଜଳବଣ୍ଟନ, ଭଜନ କାର୍ଯ୍ୟକ୍ରମ, ଆଶୁ ଚିକିତ୍ସା, କାଉଡିଆ ଭକ୍ତମାନଙ୍କ ପାଦସେବା ସହିତ ସଫେଇ କାର୍ଯ୍ୟ ମଧ୍ୟ ଫାଉଣ୍ଡେସନ ତରଫରୁ ଆୟୋଜନ କରାଯାଇଥିଲା । ଏହିସେବା କଟକ ନୂଆପାଟଣା ବ୍ରିଜ ନିକଟରେ ଏକ ଅସ୍ଥାୟୀ ବୋଲବମ କ୍ୟାମ୍ପରେ ଆୟୋଜନ କରାଯାଇଥିଲା । ୨୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ରହି ନିରନ୍ତର ଭାବେ ଏହି ସେବା କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ । ଏଥିରେ ସ୍ଥାନୀୟ ମୁରବୀ, ପୋଲିସ୍ ପ୍ରଶାସନ, ବୁଦ୍ଧିଜୀବୀମାନେ ଯୋଗଦେଇ ଥିଲେ । ବାବା ଭୋଲେନାଥଙ୍କ କୃପାରୁ ୧୦ ହଜାର ଲୋକଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା । ସ୍ୱପ୍ନ ଫାଉଣ୍ଡେସନର ଏହି କାର୍ଯ୍ୟକ୍ରମକୁ ଭକ୍ତ, ଶ୍ରଦ୍ଧାଳୁ ଓ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି ।

# ନକଲି ଡାକ୍ତରଙ୍କ ଭୁଲ ଇଞ୍ଜେକ୍ସନ ନେଲା ଜୀବନ

ରଙ୍ଗେଇଲୁଣ୍ଡା, (ସବ୍ୟୁ) : ଗୋଲନ୍ଥରା ଅଞ୍ଚଳ ତଥା ଆଖପାଖ ପ୍ରାୟ ପ୍ରତ୍ୟେକ ଗ୍ରାମରେ ଅପାଠୁଆ ନକଲି ଡାକ୍ତର ବା କ୍ଲାକଙ୍କ ପାଦୁର୍ଭାବ ଚରମ ସୀମାରେ ପହଂଚିଲାଣି । ସବୁ ଜାଣି ଅଜଣା ଭଳି ଅଭିନୟ କରୁଛନ୍ତି ଜିଲ୍ଲା ପ୍ରଶାସନ ଓ ସିଡିଏମଓ । ବିବରଣୀରୁ ପ୍ରକାଶ ଯେ, ନିକଟସ୍ଥ ଭାଲିଆଗଡ ଗ୍ରାମର ଏସ.ରାଜା ରାଓ (୫୫) ପେଟ ବ୍ୟଥା ହେଉଥିବା ନେଇ ଗୋଲନ୍ଥରା ଚଟି ଛକ ସ୍ଥିତ ଶ୍ରୀ ଭେଙ୍କେଟଶ୍ୱର ମେଡ଼ିସିନ ଷ୍ଟୋରକୁ ଆସିଥିଲେ । ସେଠାରେ କାର୍ଯ୍ୟରତ ଥିବା ଜଣେ କ୍ଲାକ ଔଷଧରେ ଭଲ ହେବନି କହି ଉକ୍ତ ବ୍ୟକ୍ତିଙ୍କୁ ଚାରି ଗୋଟି ଇଞ୍ଜେକ୍ସନ ଦେଇଥିଲେ ।

ଉକ୍ତ ବ୍ୟକ୍ତି ଜଣକ ନିଜ ଘରକୁ ଯାଇ ଶୋଇଥିଲେ । ମାତ୍ର କିଛି ସମୟ ମଧ୍ୟରେ ସେ ମୃତ୍ୟୁ ବରଣ କରିଥିଲେ । ମୃତ୍ୟୁ ବରଣ କରିଥିବା ବ୍ୟକ୍ତିଙ୍କ ପରିବାର ଗରିବ ଏବଂ ଅପାଠୁଆ ଥିବାରୁ ସେମାନେ ଏହା ଏକ ସ୍ୱାଭାବିକ ମୃତ୍ୟୁ ବୋଲି ଶବଦାହ କରି ଦେଇଥିଲେ । ପରେ ଗ୍ରାମର କିଛି ଯୁବକ ଘଟଣା ବିଷୟରେ ଜାଣି ଉକ୍ତ କ୍ଲାକ ଙ୍କୁ ଘଟଣା ବିଷୟରେ ପଚାରିଲେ ସେ କିଛି ସନ୍ତୋଷଜନକ ଉତ୍ତର ନଦେଇ କିଛି ଦଲାଲ ଏବଂ ଟାଉଟରଙ୍କୁ ହାତଗୁଞ୍ଜା ଦେଇ ଘଟଣାକୁ ଚପାଇ ଦେଇଥିଲେ । ଏଠି ପ୍ରଶ୍ନ ଉଠେ ଯେ, ଜିଲ୍ଲା ପ୍ରଶାସନଙ୍କ ସହ ସି.ଡି.ଏମ.ଓ. ଏମିତି ନକଲି ଡାକ୍ତରଙ୍କ ଉପରେ କେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ତାହା ଏବେ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

# ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାଇବର ସୁରକ୍ଷା ସଚେତନତା





ବାରିପଦା, (ସବ୍ୟୁ) : ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଚାଲିଥିବା ସାଇବର ସେଫଟି ଆଣ୍ଡ ସିକ୍ୟୁରିଟି କ୍ୟାମ୍ପେନ୍ ଓଡ଼ିଶା୨୦୨୬ ଅଧୀନରେ ଭଞ୍ଜପୁର ଥାନା ପକ୍ଷରୁ ରଘୁନାଥପୁରସ୍ଥିତ ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କୁ ବର୍ତ୍ତମାନ ସମୟରେ ବଢୁଥିବା ଅନଲାଇନ୍ ଠକେଇ, ସୋସିଆଲ୍ ମିଡିଆର ଅପବ୍ୟବହାର, ସାଇବର ଅପରାଧ ଏବଂ ଡିଜିଟାଲ୍ ସୁରକ୍ଷା ସମ୍ପର୍କରେ ସଚେତନ କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲା । କାର୍ଯ୍ୟକ୍ରମରେ ଭଞ୍ଜପୁର ଥାନାର ଭାରପ୍ରାପ୍ତ ପୋଲିସ ଇନ୍ସପେକଟର ରଶ୍ମିରଞ୍ଜନ ପୃଷ୍ଟି, ସବ୍-ଇନ୍ସପେକଟର ଚନ୍ଦନ କୁମାର ନାୟକଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀମାନେ ଯୋଗ ଦେଇଥିଲେ । ସେମାନେ ବିଭିନ୍ନ ପ୍ରକାରର ସାଇବର ଅପରାଧ, ଠକେଇର ନୂଆ ନୂଆ ଉପାୟ ଏବଂ ଏଥିରୁ ନିଜକୁ ସୁରକ୍ଷିତ ରଖିବାର ପଦକ୍ଷେପ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ ।

ବିଶେଷକରି ଡେବିଟ୍ କାର୍ଡ ତଥ୍ୟ, ପାସୱାର୍ଡ ଓ ବ୍ୟାଙ୍କିଙ୍ଗ୍ ସୂଚନା କାହା ସହିତ ଶେୟାର ନକରିବା, ଅଜଣା ଲିଙ୍କରେ କ୍ଲିକ୍ ନକରିବା ଏବଂ ସନ୍ଦେହଜନକ ଫୋନ୍ କଲ୍ କିମ୍ବା ମେସେଜ୍‌ରୁ ସତର୍କ ରହିବାକୁ ପୋଲିସ ଅଧିକାରୀମାନେ ପରାମର୍ଶ ଦେଇଥିଲେ । ସାଇବର ଠକେଇର ଶିକାର ହେଲେ ବିଳମ୍ବ ନକରି ୧୯୩୦ ସାଇବର ହେଲ-ଲାଇନ୍ ନମ୍ବରରେ ଯୋଗାଯୋଗ କରିବାକୁ ମଧ୍ୟ ସେମାନେ କହିଥିଲେ ।

ଏହି ଅବସରରେ ବିଦ୍ୟାଳୟର ସଭାପତି ଇଞ୍ଜିନିୟର ପ୍ରଭାସ କୁମାର ଦାସ, ଅଧ୍ୟକ୍ଷା ଶ୍ରୀମତୀ ଅଙ୍କିତା ବାରିକ ଏବଂ ଶୈକ୍ଷିକ ମୁଖ୍ୟ ଡଃ ଆଦର୍ଶ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ । ସାଇବର ଅପରାଧରୁ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ରଖିବା ଦିଗରେ ଏଭଳି ସଚେତନତା କାର୍ଯ୍ୟକ୍ରମର ଗୁରୁତ୍ୱ ରହିଥିବା ଦର୍ଶାଇ ସେମାନେ ଭଞ୍ଜପୁର ପୋଲିସକୁ ଧନ୍ୟବାଦ ଜଣାଇଥିଲେ ।

ଭବିଷ୍ୟତରେ ମଧ୍ୟ ଏପରି ସଚେତନତାମୂଳକ କାର୍ଯ୍ୟକ୍ରମ ନିୟମିତ ଭାବେ ଆୟୋଜନ କରାଯିବା ଆବଶ୍ୟକ ବୋଲି ସେମାନେ ମତପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଥମ ଓ ଦ୍ୱିତୀୟ ବର୍ଷର ଶତାଧିକ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଯୋଗଦେଇ ସାଇବର ସୁରକ୍ଷା ସମ୍ପର୍କରେ ଉପଯୋଗୀ ତଥ୍ୟ ହାସଲ କରିଥିଲେ । ଏହି ସଚେତନତା ଅଭିଯାନ ଛାତ୍ରଛାତ୍ରୀଙ୍କୁ ଡିଜିଟାଲ୍ ଦୁନିଆରେ ଅଧିକ ସତର୍କ ଓ ଦାୟିତ୍ୱବାନ ହେବାରେ ସହାୟକ ହେବ ବୋଲି ମତପ୍ରକାଶ ପାଇଥିଲା ।



## ଜୟପୁର-ନବରଙ୍ଗପୁର ନୂତନ ରେଳପଥ

# ରେଳ ବିଭାଗକୁ ୯୯ ଏକର ଜମି ହସ୍ତାନ୍ତର

ବୋରିଗୁମ୍ମା,(ସବ୍ୟୁ): ଜୟପୁର-ନବରଙ୍ଗପୁର ନୂତନ ରେଳପଥ ଆଶା ଆଉ ଟିକିଏ ଉଜ୍ଜ୍ୱଳ ହେବାକୁ ଯାଉଛି । ପୂର୍ବରୁ ରେଲୱେ ବିଭାଗ ଜୟପୁର-ନବରଙ୍ଗପୁର ନୂତନ ରେଳପଥ ନିମନ୍ତେ ସର୍ଭେ କାର୍ଯ୍ୟ ପରେ ଜମି ଅଧିଗ୍ରହଣ ପ୍ରକ୍ରିୟା ପ୍ରାୟ ଶେଷ ହୋଇଥିବା ବେଳେ, ଏବେ ପ୍ରଶାସନ ଅଧିଗ୍ରହଣ ଜମି କୁ ରେଲୱେ ବିଭାଗ କୁ ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ କରିଛି । ପ୍ରଥମ ପର୍ଯ୍ୟାୟରେ ବୋରିଗୁମ୍ମା ତହସିଲ ଅନ୍ତର୍ଗତ ବରଗାଁ ଓ ଆଉଁଳି ମୌଜା ର ମୋଟ ୩୦.୪୧୦ ଏକର ଜମି ରେଳ ବିଭାଗ କୁ ହସ୍ତାନ୍ତର କରାଯାଇଥିବା ବେଳେ ଆଜି ବୋରିଗୁମ୍ମା ତହସିଲ ପକ୍ଷରୁ ରେଳ ବିଭାଗ କୁ ୯୯.୧୦୪ ଏକର ଜମି ହସ୍ତାନ୍ତର କରାଯାଇଛି । ଯେଉଁଠି ଜମି ଅଧିଗ୍ରହଣ ହୋଇଛି, ସେହି ସ୍ଥାନମାନଙ୍କରେ ବୋରିଗୁମ୍ମା ତହସିଲଦାର ଶୋଭନ କୁମାର ବେହେରା ପାଞ୍ଚଟି ଗ୍ରାମ ଯଥା ଶୀଶାଗୁଡା, କୁନ୍ଦ୍ରାଗୁଡା, କୁପିଆ, କହ୍ନେଇଜବା, ମଝିଆ ର ମୋଟ ୯୯.୧୦୪ ଏକର ଜମି ର କାଗଜପତ୍ର ରେଲୱେ ଇଷ୍ଟ କୋଷ୍ଟ ଯୋନ ର ଏଇଇ



ଏସ.ମୁରଲୀଧରଙ୍କୁ ହସ୍ତାନ୍ତର କରିଥିଲେ। ସେଥି ମଧ୍ୟରୁ କୁନ୍ଦ୍ରାଗୁଡା ଗ୍ରାମର ୨୦.୦୫୬ ଏକର,ମଝିଆ ଗ୍ରାମର ୨୪.୩୯୪ ଏକର, ଶୀଶାଗୁଡା ର ୧୮.୦୬ ଏକର, କହ୍ନେଇଜବା ର ୧୯.୫୧୬ ଏକର, କୁପିଆ ର ୧୭.୦୭୮ ଏକର ଜମି ମୋଟ ୨୨୭ ଜଣ ଜମି ହରାଇଥିବା । ଲୋକଙ୍କୁ ୧୧ କୋଟି ୭୬ ଲକ୍ଷ ୭୪ ହଜାର ୪୩୪ ଟଙ୍କା ପାଇବେ । ସେଥି ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୮୭ ଜମି ହରାଇଥିବା ଲୋକଙ୍କୁ ୯ କୋଟି ୯୩ ଲକ୍ଷ ୯୨ ହଜାର ୮୯୨ ଟଙ୍କା ପ୍ରଦାନ କରାଯାଇଛି ବୋଲି ତହସିଲଦାର ଶୋଭନ କୁମାର ବେହେରା ସୂଚନା ଦେଇଛନ୍ତି । ଜମି ଅଧିଗ୍ରହଣ କାଗଜପତ୍ର ହସ୍ତାନ୍ତର ବେଳେ ରାଜସ୍ୱ ବିଭାଗ ର ତହସିଲଦାର ଶୋଭନ କୁମାର ବେହେରା, ତହସିଲ କାର୍ଯ୍ୟାଳୟ ର ଏସଆରଏ ସଞ୍ଜିତ କୁମାର ଟାକ୍ରି, ରାଜସ୍ୱ ନିରୀକ୍ଷକ ବନଜାଲକ୍ଷ୍ମୀ ବେହେରା, ସୁଦାମ ନାୟକ, ମୋନାଲିସା ଏକ୍କା, ଜ୍ୟୋତ୍ସ୍ନା ପାଢ଼ୀ, ରେଲୱେ ବିଭାଗ ର ଏଇଇ ଏସ.ମୁରଲୀଧର ଓ କନିଷ୍ଠ ଯନ୍ତ୍ରୀ (ପିଏସଏସଏ) ଗୋବିନ୍ଦ ବାରିକ ଓ ଜମି ହରାଇଥିବା ଲୋକମାନେ ଉପସ୍ଥିତ ଥିଲେ ।

# ପଥରରେ ଛେଚି ଗୋପାଳଙ୍କୁ ନିର୍ମମ ହତ୍ୟା, ୨ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ସ୍ଥିତ ପାଟଣେଶ୍ୱରୀ ମନ୍ଦିର ପଛପଟ ଫିସରୀ ରୋଡରେ ଜଣେ ବ୍ୟକ୍ତିଙ୍କୁ ଅତି ନିର୍ମମ ଭାବେ ପଥରରେ ଛେଚି ହତ୍ୟା କରାଯାଇଛି। ଖବର ପାଇ ଟାଉନ ଥାନା ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଅଭିଯୋଗ କ୍ରମେ ଟାଉନ ଥାନା ପୋଲିସ ୨୫୬/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଏହି ଅଭିଯୋଗରେ ଚେରୁଆପଡାର ଆରଯନ ସିଂହ(୨୧) ଓ ସାଗର ସ୍ୱାଇଁ(୩୩)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, କ୍ଷେତରାଜପୁର ଥାନା ଅନ୍ତର୍ଗତ ତିୱାରୀଗଳିର ଗୋପାଳ ବଂଶଲ(୪୮) ମଙ୍ଗଳବାର ରାତି ପ୍ରାୟ ୨ଟାରୁ ୩ଟା ମଧ୍ୟରେ କୌଣସି କାମରେ ଫିସରୀ ରୋଡ ଦେଇ ଯାଉଥିଲେ । ଏହି ସମୟରେ ଅଭିଯୁକ୍ତ ମାନେ ଲୁଟ୍ ଉଦ୍ୟମ କରି ବିଫଳ ହେବା ପରେ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା । ଏଥିରେ ଉତ୍କ୍ଷିପ୍ତ ହୋଇ ଅଭିଯୁକ୍ତମାନେ ଗୋପାଳଙ୍କୁ ମାଡ଼ ମାରିଥିଲେ । ଫଳରେ ସେ ତଳେ ପଡି ଯାଇଥିଲେ । ଏହାର ସୁଯୋଗ



ନେଇ ସେମାନେ ତାଙ୍କୁ ପଥର ଛେଚି ଅତି ନିର୍ମମ ଭାବେ ଆକ୍ରମଣ କରିଥିଲେ । ଘଟଣାସ୍ଥଳରେ ପ୍ରାୟ ୨ଘଣ୍ଟା କାଳ ଗୋପାଳ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବେଳେ ପୋଲିସ ବିଳମ୍ବରେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୁକ୍ତ ମାନଙ୍କ ନାମରେ ପୂର୍ବରୁ ଏକାଧିକ ମାମଲା ଥିବା ଜଣାପଡିଛି । ଅନ୍ୟପଟେ ପୋଲିସ ପାଟ୍ରୋଲିଂ କଡାକଡି ହେଉନଥିବା ବେଳେ ସହରରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି । ଫଳରେ ସହରବାସୀ ନିଜକୁ ଅସୁରକ୍ଷିତ ମଣୁଛନ୍ତି ।

## ଲୋକାର୍ପିତ ହେଲା ୪ଟି ଇଭି ମଶା ନିବାରଣ ଗାଡ଼ି ଓ ଆନିମାଲ୍ସ ରେସ୍କ୍ୟୁ ଭେଇକିଲ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ସହରବାସୀଙ୍କ ଦୀର୍ଘ ଦିନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବଲାଙ୍ଗିର ପୌର ପରିଷଦ ପକ୍ଷରୁ ବୁଧବାର ଏକ ନୂଆ ପଦକ୍ଷେପ ଗ୍ରହଣ କରାଯାଇଛି । ସ୍ଥାନୀୟ ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଦିନ ୧୨ଟା ୩୦ ମିନିଟ ସମୟରେ ୪ଟି ଇଭି ମଶା ନିବାରଣ ଗାଡ଼ି ଓ ଗୋଟିଏ ଆନିମାଲ୍ସ ରେସ୍କ୍ୟୁ ଭେଇକିଲ ଲୋକାର୍ପିତ ହୋଇଛି । ନଗରପାଳ ଲିକା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଗାଡ଼ି ଗୁଡ଼ିକର ଶୁଭ ଉଦ୍ଘାଟନ କରିଥିଲେ । ଏହି ଅବସରରେ ନଗରପାଳ କହିଥିଲେ ଯେ, ସହରବାସୀଙ୍କ ଦୀର୍ଘଦିନର ଆବଶ୍ୟକତା ଓ ସମସ୍ୟାକୁ ଅନୁଭବ କରି ପୌର ପରିଷଦ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ବିଶେଷକରି ସହରରେ ବଢୁଥିବା ମଶାଙ୍କ ପ୍ରାଦୁର୍ଭାବକୁ ନିୟନ୍ତ୍ରଣ କରିବା ସହ ବୁଲା ଗାଈ ଓ ଅନ୍ୟାନ୍ୟ ପଶୁଙ୍କ ସମସ୍ୟାର ସୁଚାରୁ ସମାଧାନ ପାଇଁ ଏହି ଯାନ ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ।

ଇଭି ମଶା ନିବାରଣ ଗାଡ଼ି ମାଧ୍ୟମରେ ସହରର ବିଭିନ୍ନ ଅଞ୍ଚଳରେ ନିୟମିତ ଭାବେ ମଶା ନିୟନ୍ତ୍ରଣ କାର୍ଯ୍ୟ କରାଯିବ । ସେହିପରି ଆନିମାଲ୍ସ ରେସ୍କ୍ୟୁ ଭେହିକିଲ ମାଧ୍ୟମରେ ରାସ୍ତାରେ ବୁଲୁଥିବା ପଶୁଙ୍କୁ ଉଦ୍ଧାର, ସ୍ଥାନାନ୍ତରଣ ଓ ଆବଶ୍ୟକ ସେବା ଯୋଗାଇବାରେ ପୌର ପରିଷଦକୁ ସହାୟତା ମିଳିବ । ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ଉପ ନଗରପାଳଙ୍କ ସମେତ ପୌର ପରିଷଦର ସମସ୍ତ ସଦସ୍ୟ ଓ ସଦସ୍ୟା ଉପସ୍ଥିତ ଥିଲେ । ଏହା ସହିତ ସହରର ସମାଜସେବୀ ଗୌର ପୁରୋହିତ, ମୁନ୍ନା ଖାଁଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ସହରର ବିଶିଷ୍ଟ ବ୍ୟକ୍ତି ବିଶେଷ ଓ ନିର୍ବାହୀ ଅଧିକାରୀ ସହିତ ପୌର ପରିଷଦ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ । ସହରର ସ୍ୱଚ୍ଛତା, ସ୍ୱାସ୍ଥ୍ୟ ଓ ପଶୁ ନିୟନ୍ତ୍ରଣ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଦିଗରେ ବଲାଙ୍ଗୀର ପୌର ପରିଷଦର ଏହି ପଦକ୍ଷେପ ଏକ ଉଲ୍ଲେଖନୀୟ ପ୍ରୟାସ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## ବିଶ୍ୱ ହସ୍ତୀ ଦିବସରେ ଶୋକ

# ମୁଣ୍ଡେର ଜଙ୍ଗଲରେ ମାଈ ହାତୀର ମୃତ୍ୟୁ

ସମ୍ବଲପୁର,(ସବ୍ୟୁ) : ଆଜି(ବୁଧବାର) ବିଶ୍ୱ ହସ୍ତୀ ଦିବସ । ହାତୀ ସଂରକ୍ଷଣ ପାଇଁ ସାରା ବିଶ୍ୱରେ ସଚେତନତା କରାଯାଉଛି । ଅନ୍ୟପଟେ ସମ୍ବଲପୁର ଜିଲ୍ଲାରେ ହାତୀ ମୃତ୍ୟୁ ଭଳି ଦୁଃଖଦ ଖବର ପଦାକୁ ଆସିଛି । ସଂରକ୍ଷଣ ପରିବର୍ତ୍ତେ ମୂଲ୍ୟବାନ ହାତୀର ଜୀବନ ଯାଉଥିବା ବେଳେ ଏହାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି । ସୂଚନାଯୋଗ୍ୟ, ସମ୍ବଲପୁର ସଦର ରେଞ୍ଜ ଅନ୍ତର୍ଗତ ମୁଣ୍ଡେର ଜଙ୍ଗଲରେ ଗୋଟିଏ ମାଈ ହାତୀର ମୃତଦେହ ବୁଧବାର ଠାବ କରାଯାଇଛି । ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ହାତୀର ମୃତଦେହରୁ ଦୁର୍ଗନ୍ଧ ବାହାରୁ ଥିବା ଜଣାପଡିଛି । ତେବେ ପ୍ରାୟ ୨ରୁ ୩ଦିନ ପୂର୍ବରୁ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି । ଖବର ପାଇ ବନ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି । ହାତୀର ସ୍ୱାଭାବିକ ମୃତ୍ୟୁ ନା ଅନ୍ୟ କାରଣରୁ



ତାହା ଏପର୍ଯ୍ୟନ୍ତ ଜଣାପଡିନାହିଁ । ମୃତଦେହ ବ୍ୟବଚ୍ଛେଦ ପରେ ନିକଟରେ ହାତୀକୁ ଗାତ ଖୋଳି ପୋତି ଦିଆଯାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି । ତେବେ ଗତ ୧୨ଜୁଲାଇ, ୨୦୨୬ରେ ପଡିବାହାଲ ରେଞ୍ଜ ବଡସାହି ସେକ୍ସନ ଅନ୍ତର୍ଗତ ହିରୋ ଗ୍ରାମ ମିର୍ଦ୍ଧାପଡ଼ା ନିକଟସ୍ଥ ପତ୍ରା ଜଙ୍ଗଲରେ ଏକ ଦନ୍ତାହାତୀର ମୃତଦେହ ଠାବ କରାଯାଇଥିଲା । ସେହିପରି ଗତ ୩ଜୁନ୍, ୨୦୨୬ରେ ସଦର ରେଞ୍ଜ ଝାଙ୍କରପାଲି ସେକ୍ସନ ଅଧିନ ବଦୁଆପାଲି ଗ୍ରାମ ନିକଟରେ ବିଦ୍ୟୁତ୍ ତାର ଆଘାତରେ ଏକ ଗର୍ଭବତୀ ମାଈହାତୀର ମୃତ୍ୟୁ ହୋଇଥିଲା । ସମ୍ବଲପୁର ଜିଲ୍ଲାରେ ହାତୀ ମୃତ୍ୟୁ ଘଟଣା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ବନ ବିଭାଗ ଏହା ଉପରେ ଅଙ୍କୁଶ ଲଗାଇବାରେ ସକ୍ଷମ ହୋଇ ପାରୁନାହିଁ ।

# ଇକୋ ପାର୍କର ପୁନରୁଦ୍ଧାର ଦାବି କଲେ ଇଂ. ରୋହିତ

ସମ୍ବଲପୁର,(ସବ୍ୟୁ): ବହୁ ପ୍ରତିକ୍ଷୀତ ରେଢ଼ାଖୋଲ ଇକୋ ପାର୍କର ପୁନରୁଦ୍ଧାର କରିବା ପାଇଁ ପୂର୍ବତନ ମନ୍ତ୍ରୀ ଇଂ. ରୋହିତ ପୂଜାରୀ ଦାବି କରିଛନ୍ତି । ସେ ଏହି ମର୍ମରେ କହିଛନ୍ତି ଯେ, ସେ ୨୦୧୪ ମସିହାରେ ପ୍ରଥମ ଥର ପାଇଁ ରେଢ଼ାଖୋଲ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ରେଢ଼ାଖୋଲ ଓ ଆଖପାଖ ଅଞ୍ଚଳରେ ଜନସାଧାରଣଙ୍କ ଆମୋଦ ପ୍ରମୋଦ ତଥା ବୁଲିବା ପାଇଁ କୌଣସି ଭଲ ସ୍ଥାନ ନାହିଁ । ଏହାକୁ ଦୃଷ୍ଟିରେ ରଖି ପ୍ରଥମେ ଏକ ଇକୋ ପାର୍କର ତିଆରି କରିବା ପାଇଁ ସ୍ଥିର କରିଥିଲେ । ଏହି ଉଦ୍ଦେଶ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ତତ୍କାଳୀନ ରାଜ୍ୟ ସରକାରଙ୍କ ବିଶେଷ କରି ଜଙ୍ଗଲ ବିଭାଗର ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରି ଏହି ପ୍ରକଳ୍ପ ପାଇଁ ଉଦ୍ୟମ କରିଥିଲେ। ପରେ ରେଢ଼ାଖୋଲ ଠାରେ ପାଖାପାଖି ୯.୪୦ ଏକର ଏକ ବଗିଚାକୁ ଇକୋ ପାର୍କର ରୂପରେଖ ଦେବାପାଇଁ ସ୍ଥିରୀକୃତ ହୋଇଥିଲା । ଏଥିସହ ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ୨ କୋଟି ୭୬ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯାଇଥିଲା । ତେବେ ପ୍ରକଳ୍ପ କାର୍ଯ୍ୟ ୨୦୨୩ ମସିହାରେ ସମ୍ପୂର୍ଣ୍ଣ ହୋଇଥିଲା। ଏହି ଇକୋ ପାର୍କରେ ବିଭିନ୍ନ ପ୍ରକାର ଫୁଲ ବଗିଚା, ୱାକିଂ ବ୍ରିଜ, ଫୁଆରା, ଫାଉଣ୍ଟେନ୍, ଔଷଧୀୟ ବୃକ୍ଷ ବଗିଚା, ଆମୋଦ ପ୍ରମୋଦ ପାଇଁ ବିଭିନ୍ନ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ଏହା ପଶ୍ଚିମ ଓଡ଼ିଶାରେ ଏକ ନମ୍ବର ପାର୍କ ଭାବରେ ପରିଣତ ହେଉଥିବା ବେଳେ ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ଆଜି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି । ତେବେ ଏହି ବହୁ ପ୍ରତିକ୍ଷିତ ସୁନ୍ଦର ପାର୍କର ପୁନରୁଦ୍ଧାର କରିବା ସହ ପ୍ରତ୍ୟହ ରକ୍ଷଣାବେକ୍ଷଣ ପାଇଁ ଉଦ୍ୟମ କରିବାକୁ ଇଂ. ପୂଜାରୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଜିଲ୍ଲା ପ୍ରଶାସନ ନିକଟରେ ଦୃଢ଼ ଦାବି କରିଛନ୍ତି ।

## କୁଆଆଡ୍ଡା ଉପରେ ଚଢାଉ, ୪ ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଥାନା ପୋଲିସ ଏକ ଜୁଆ ଆଡ୍ଡା ଉପରେ ଚଢାଉ କରି ୪ଜଣଙ୍କୁ ଗିରଫ କରିଛି । ତାଙ୍କ ନିକଟରୁ ନଗଦ ୩୯ହଜାର୨୦୦ଟଙ୍କା ଓ ୨ଟି ବାଇକ୍ ଜବତ ହୋଇଛି । ଏନେଇ ୧୭୦/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ରେଙ୍ଗାଲି ମାଛ ମାର୍କେଟ ଉପରେ ପୋଲିସ ଚଢାଉ କରିଥିଲା। ଚଢାଉ ବେଳେ ରେଙ୍ଗାଲି ମହାବୀର ଛକର ବଳରାମ ଓରାମ(୩୬) ଓ ପଞ୍ଚାନନ ଷଣ୍ଢ(୩୪), ମାଉଳିନଗରର ତପନ କୁମାର ନାଏକ(୪୩) ଓ ଲକ୍ଷ୍ମଣ ବେହେରା(୪୧)ଙ୍କୁ ଗିରଫ କରାଯାଇଛି ।

## କୋମନା ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୁବ ଦିବସ ପାଳିତ

# ନିଶାମୁକ୍ତ ଓ ସଶକ୍ତ ଯୁବ ସମାଜ ଗଠନ ପାଇଁ ଆହ୍ୱାନ




ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲା ଆଇନ ସେବା ପ୍ରାଧିକରଣ ସହଯୋଗରେ କୋମନାସ୍ଥିତ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଯୁବ ଦିବସ ଉପଲକ୍ଷେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ଷ୍ଟେଟ ବ୍ୟାଙ୍କ ଆଞ୍ଚଳିକ ତାଲିମ ଅନୁଷ୍ଠାନର ପ୍ରଶିକ୍ଷକ ରବିନ କୁମାର ରଥ, ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଭାତ କୁମାର ପଣ୍ଡା, ଦରବାର ସାହିତ୍ୟ ସଂସଦର ବୈଦେହୀ ସେଠୀଆ, ମହାବିଦ୍ୟାଳୟର ଅଧ୍ୟାପକ-ଅଧ୍ୟାପିକା, ଛାତ୍ରଛାତ୍ରୀ ଓ ଅଧିକାର ମିତ୍ରମାନେ ଯୋଗଦେଇଥିଲେ ।

ଅବସରରେ ସଚିବ ନବନୀତା ଦାଶ ଅନ୍ତର୍ଜାତୀୟ ଯୁବ ଦିବସର ମହତ୍ତ୍ୱ , ରାଷ୍ଟ୍ର ନିର୍ମାଣରେ ଯୁବଶକ୍ତିର ଭୂମିକା, ସାମାଜିକ ଗଣମାଧ୍ୟମର ସଦୁପଯୋଗ, ଆଇନ ସେବା ଅଧିନିୟମ, ୧୯୮୭, ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭୂମିକା ଓ କାର୍ଯ୍ୟପ୍ରଣାଳୀ ସମେତ ମାଗଣା ଆଇନ ସେବା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ । ସେ ସଶକ୍ତ ଯୁବା, ସଶକ୍ତ ଭାରତର ବାର୍ତ୍ତା ଦେବା ସହ ଏକ ନିଶାମୁକ୍ତ ଯୁବ ସମାଜ ଗଠନ ପାଇଁ ଯୁବପିଢ଼ିଙ୍କୁ ଆଗେଇ ଆସିବାକୁ ଆହ୍ୱାନ ଜଣାଇଥିଲେ । ଏଥିସହ ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ 'ରାଗିଂ ବିଷୟରେ ଛାତ୍ର ସଚେତନତା ସଂସାଧନ, ୨୦୨୬' ସମ୍ପର୍କରେ ଆଲୋଚନା କରି ପ୍ରତ୍ୟେକ ମହାବିଦ୍ୟାଳୟରେ ରାଗିଂ ବିରୋଧି ସ୍କ୍ୱାର୍ଡ ଗଠନର ଆବଶ୍ୟକତା ବିଷୟରେ ସଚେତନ କରାଯାଇଥିଲା । ରାଗିଂର ଶିକାର ହେଉଥିବା ଛାତ୍ରଛାତ୍ରୀ ନିର୍ଭୟରେ ଅଭିଯୋଗ କରି ନ୍ୟାୟ ମାଗିବା ସେମାନଙ୍କର ଆଇନଗତ ଅଧିକାର ବୋଲି ସେ ସ୍ପଷ୍ଟ କରିଥିଲେ । ଯୁବପିଢ଼ିଙ୍କୁ ଆଇନ, ଅଧିକାର ଓ ସାମାଜିକ ଦାୟିତ୍ୱ ପ୍ରତି ସଚେତନ କରିବା ସହ ନିଶାମୁକ୍ତ ଓ ସୁସ୍ଥ ସମାଜ ଗଠନରେ ସେମାନଙ୍କ ସକ୍ରିୟ ଭୂମିକାକୁ ଗୁରୁତ୍ୱ ଦେଇ ଏହି ଶିବିର ଆୟୋଜିତ ହୋଇଥିଲା ।

## ଶଙ୍କରଡ଼ା ଗ୍ରାମ ନିକଟରେ ଟ୍ରାକ୍ଟର ଓଲଟି ଚାଷୀଙ୍କ ମୃତ୍ୟୁ

ହରଭଙ୍ଗା,(ସବ୍ୟୁ): ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଅନ୍ତର୍ଗତ ଶଙ୍କରଡ଼ା ଗ୍ରାମ ନିକଟରେ ଟ୍ରାକ୍ଟର ଓଲଟି ଜଣେ ଚାଷୀଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ପ୍ରାପ୍ତ ସୂଚନା ଅନୁସାରେ ବୁଧବାର ସକାଳ ପ୍ରାୟ ୧୨ ଟା ସମୟରେ ସୁରୁଣ୍ଡି ଗ୍ରାମର ପିତାମ୍ବର କର୍ଣ୍ଣ (୬୦) ନିଜ ଜମିରେ ହଳ କରିବା ପାଇଁ ଏକ ଟ୍ରାକ୍ଟର ଯୋଗେ ଶଙ୍କରଡ଼ା ଗ୍ରାମ ଅଭିମୁଖେ ଯାଉଥିଲେ । ତେବେ ରାସ୍ତାରେ ହଠାତ୍ କୌଣସି କାରଣରୁ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏଥିରେ ଟ୍ରାକ୍ଟର ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ପିତାମ୍ବର ଟ୍ରାକ୍ଟର ତଳେ ଚାପି ହୋଇଯାଇ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ତୁରନ୍ତ ହରଭଙ୍ଗା ମେଡିକାଲରେ ଭର୍ତ୍ତି କରିଥିଲେ । ତେବେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ପିତାମ୍ବରଙ୍କୁ ମୃତ ଘୋଷଣା କରିଥିଲେ । ଘଟଣା ସମ୍ପର୍କରେ ଖବର ପାଇ ହରଭଙ୍ଗା ପୁଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଛେଦ ପାଇଁ ବୌଦ୍ଧ ପଠାଇଥିବା ବେଳେ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରୁଥିବା ସୂଚନା ମିଳିଛି । ଏ ଘଟଣା ଅଞ୍ଚଳରେ ପ୍ରଘଟ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ଗୌରଗୋଠ ପଞ୍ଚାୟତରେ ସମସ୍ୟା ଶୁଣିଲେ ନରସିଂହ

ବଲାଙ୍ଗିର,(ସବ୍ୟୁ): ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଦେଓଗାଁ ବ୍ଲକ ଅନ୍ତର୍ଗତ ଗୌରଗୋଠ ପଂଚାୟତ କାର୍ଯ୍ୟାଳୟରେ ସେଠାକାର ଚାଷୀ ଓ ସାଧାରଣ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି । ବିଶେଷ କରି ଗତ ମାସର ଅତ୍ୟଧିକ ବର୍ଷା ଜନିତ ଚାଷ କ୍ଷୟକ୍ଷତିକୁ ନେଇ ଚାଷୀମାନେ ଘୋର ଅସନ୍ତୋଷ ଥିବା ଦେଖାଦେଇଥିଲା । ଜିଲ୍ଲା ତଥା ରାଜ୍ୟସାର ପ୍ରବଳ ବର୍ଷାରେ ଚାଷ ସହିତ ଅନେକ ଧନ ଜିବନ କ୍ଷତି ହୋଇଥିଲା । ଅନ୍ୟାନ୍ୟ ଜିଲ୍ଲାମାନଙ୍କରେ ସରକାରଙ୍କ ଅଧିକାରୀମାନେ କ୍ଷୟକ୍ଷତି ଆକଳନ ସରକାରଙ୍କ ପାଖକୁ ପଠେଇଥିବା ବେଳେ ଦେଓଗାଁ ବ୍ଲକର ଗୌରଗୋଠ ପଂଚାୟତର ଚାଷୀଙ୍କ କ୍ଷୟକ୍ଷତିକୁ ପ୍ରଶାସନ ତଥା ସରକାର ଅଣଦେଖା କରୁଛି । ପ୍ରବଳ ବର୍ଷାରେ ଏ ଅଞ୍ଚଳରେ ଅନେକ ଗରୀବ ଲୋକଙ୍କ ଘର ଭାଙ୍ଗିବା ସହ ଚାଷଜମି ମାନଙ୍କରେ ପାଣି ମାଡି ବାଲିଚର ହୋଇଯାଇଥିଲା କିନ୍ତୁ କୃଷି ଓ ରାଜସ୍ୱ ବିଭାଗକୁ ଏହି ସମସ୍ୟା ସମ୍ବନ୍ଧରେ ଯେତେ ଜଣାଇଲେ ମଧ୍ୟ ବିଭାଗ କର୍ଣ୍ଣପାତ କରୁନାହିଁ ବୋଲି ଚାଷୀମାନେ ଶ୍ରୀ ମିଶ୍ରଙ୍କ ଆଗରେ ଅଭିଯୋଗ କରିଥିଲେ । ଚାଷକାମ ଆରମ୍ଭ ବେଳେ ଦରକାର ହେଉଥିବା ସାର ଦୁଇ ଗୁଣ ରେଟରେ କଳାବଜାରି ହେଉଥିବା ଅଭିଯୋଗ ଆସିଥିଲା । ତା ସହ ନକଲି ସାରକୁ ନେଇ ଚାଷୀ ଅନେକ କ୍ଷତି ସହୁଥିବାର ଲୋକେ କହିଥିଲେ । ଗୌରଗୋଠର ୪ ଓ ୫ ନମ୍ବର ୱାର୍ଡର ଦଳିତ ଲୋକେ ବର୍ଷା ଦିନେ ମଧ୍ୟ ପିଇବା ପାଣି ପାଉନଥିବା ଅଭିଯୋଗ କରିଥିଲେ । ଅର୍ଜୁନପୁର ପଂଚାୟତରେ ମଧ୍ୟ ଗ୍ରାମ୍ୟ ଜଳଯୋଗାଣ ବିଭାଗର ଉଦାସିନତା ଯୋଗୁଁ ଘରକୁ ଘର ପାନୀୟ ଜଳ ଯୋଗାଣ ସମ୍ପୁର୍ଣ୍ଣ ଫେଲ ମାରିଥିବାର ଦେଖାଯାଇଥିଲା । ତେଲ ନଦୀରୁ ଗ୍ରୀଷ୍ମ ଋତୁ ତ ଦୂରର କଥା ବର୍ଷା ଦିନରେ ମଧ୍ୟ ପିଇବା ପାଣି ପାଉନଥିବାରୁ ଲୋକେ ଏ ଅଂଚଳରେ ଗଭିର ନଳକୂପ ଖନନ କରି ପିଇବା ପାଣି ଯୋଗାଇବାର ବ୍ୟବସ୍ଥା କରିବାକୁ ନରସିଂହ ଙ୍କ ଆଗରେ ଦାବି କରିଥିଲେ । ଏହା ସହ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପାଇପ ସଂଯୋଗ ପାଇଁ ଯୋଜନା ବିହିନ ଭାବରେ ରାସ୍ତା ଖୋଳି ଦେଉଥିବାରୁ ଲୋକେ ଯାତାୟତରେ ଅନେକ ଅସୁବିଧା ସହ ଦୁର୍ଘଟଣା ସମ୍ମୁଖିନ ହେଉଛନ୍ତି ବୋଲି ଲୋକେ ଅଭିଯୋଗ କରିଥିଲେ ।

# ବନ୍ଧ ନିର୍ମାଣ ସାଜିଲା କାଳ : ଜଳବନ୍ଦୀ ଜୀବନ ବିତାଉଛନ୍ତି ଦମ୍ପତି

ଜମନକିରା,(ସବ୍ୟୁ): ଜମନକିରା ବ୍ଲକ ପ୍ରଶାସନର ବେପରୁଆ ମନୋଭାବ ଏବଂ ଦୂରଦୃଷ୍ଟିର ଅଭାବ ଯୋଗୁଁ ଆଜି ଟିକିଲିପଡ଼ା ଅଞ୍ଚଳର ଏକ ବୃଦ୍ଧ ଦମ୍ପତିଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । ଏହି ଘଟଣା ସମ୍ପୃକ୍ତ ଅଞ୍ଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିବା ସହିତ ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି । ଏକ ଖବର ସରବରାହ ସଂସ୍ଥାକୁ ମିଳିଥିବା ସୂଚନା ଅନୁଯାୟୀ, ୮୦ ବର୍ଷୀୟ ପୂର୍ଣ୍ଣଚନ୍ଦ୍ର ପଟେଲ ଏବଂ ତାଙ୍କ ପତ୍ନୀ ସେମାନଙ୍କ ଘରେ ଏକାକୀ ବସବାସ କରୁଛନ୍ତି । କିଛି ଦିନ ତଳେ ବ୍ଲକ ପ୍ରଶାସନ ପକ୍ଷରୁ ତାଙ୍କ ଘର ବାଡ଼କୁ ଲାଗି ଏକ ବନ୍ଧ ଖନନ କରି ହିଡ ଦିଆଯାଇଥିଲା । କିନ୍ତୁ, ଯୋଜନା ଓ କାର୍ଯ୍ୟକାରିତାରେ ଥିବା ତ୍ରୁଟି ଯୋଗୁଁ, ଏହି ନୂତନ ନିର୍ମାଣ ବର୍ତ୍ତମାନ ଏକ ବଡ଼ ସମସ୍ୟାର କାରଣ ପାଲଟିଛି । ପ୍ରତିଥର ବର୍ଷା ହେଲେ, ପାଣି ନିଷ୍କାସନ ହୋଇ ନ ପାରି ବୃଦ୍ଧ ଦମ୍ପତିଙ୍କ ବାଡ଼ ଭିତରେ ଆଣ୍ଠୁଏ ପାଣି ଜମି ରହୁଛି । ଫଟୋ ଗୁଡିକରେ ଜଳମଗ୍ନ ପରିବେଶ ଓ କଷ୍ଟରେ ବଢୁଥିବା ପନିପରିବା ଗଛ ଗୁଡ଼ିକ ଏହାର ଜଳନ୍ତ ଉଦାହରଣ। ବୃଦ୍ଧ ଦମ୍ପତିଙ୍କ ଅଭିଯୋଗ ଅନୁଯାୟୀ, ଯଦି ବର୍ଷାର ପରିମାଣ ବୃଦ୍ଧି ପାଏ, ତେବେ ପାଣି ଘର ଭିତରକୁ ପଶିବା ଏବଂ ଘର ଭାଙ୍ଗି ଯିବାର ବେଶି ଆଶଙ୍କା ରହିଛି। ସେମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଡ଼ମ୍ବନାର ବିଷୟ ଏହି ଯେ, ୧୫ ଦିନରୁ ଅଧିକ ସମୟ ଧରି କନିଷ୍ଠ ଯନ୍ତ୍ରୀ ବିଦ୍ୟାଧର ଟୁଡୁଙ୍କୁ ଫୋନ କଲେ ମଧ୍ୟ ସେ ଫୋନ ଉଠାଉ ନାହାଁନ୍ତି କିମ୍ବା



କୌଣସି ଉତ୍ତର ଦେଉ ନାହାଁନ୍ତି । ଫଳରେ, ସେମାନଙ୍କ ସମସ୍ୟାର ସମାଧାନ ହୋଇପାରୁ ନାହିଁ । ବୃଦ୍ଧ ଦମ୍ପତି ବିଡ଼ିଓ ରବୀନ୍ଦ୍ର କୁମାର ସେଠୀଙ୍କୁ ଜଣାଇଲେ ମଧ୍ୟ ସେ କେବଳ ପ୍ରତିକାରର ପ୍ରତିଶୃତି ଦେଉଛନ୍ତି । ବାସ୍ତବରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ପ୍ରଶାସନର ଏଭଳି ଉଦାସୀନତା ଏବଂ ଦାୟିତ୍ୱହୀନତା ବୃଦ୍ଧ ଦମ୍ପତିଙ୍କ ଜୀବନକୁ ବିପଦସଙ୍କୁଳ କରିଦେଇଛି । ଏହି ଘଟଣା ଜଣାପଡିବା ପରେ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବୃଦ୍ଧ ଦମ୍ପତିଙ୍କୁ ନ୍ୟାୟ ପ୍ରଦାନ କରିବା ଏବଂ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି । ଏ ସଂକ୍ରାନ୍ତରେ ବିଡ଼ିଓ ରବୀନ୍ଦ୍ର କୁମାର ସେଠୀଙ୍କୁ ଯୋଗାଯୋଗ କରି ପଚାରିବାରୁ ସେ ହିତାଧିକାରୀଙ୍କ ମୋବାଇଲ ନମ୍ୱର୍ ମାଗିଲେ ଓ ଶୀଘ୍ର ପ୍ରଶାସନିକ ଅଧିକାରୀଙ୍କୁ ପଠେଇବି ବୋଲି କହିଥିଲେ ।

# 'ହର୍ ଘର୍ ତ୍ରିରଙ୍ଗା' ଓ ସଫେଇ ସହ ବୃକ୍ଷରୋପଣ

ପଦ୍ମପୁର,(ସବ୍ୟୁ) : ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନକୁ ସ୍ମରଣ କରି ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟରେ 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନ ଓ ଦେଶପ୍ରେମପୂର୍ଣ୍ଣ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦିଗମ୍ବର ଚାନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପଦଯାତ୍ରାରେ ଶତାଧିକ ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀ ସାମିଲ ହୋଇଥିଲେ ।

ଜାତୀୟ ପତାକା ଧରି ଛାତ୍ରଛାତ୍ରୀମାନେ 'ବନ୍ଦେ ମାତରମ' ଓ 'ଭାରତ ମାତା କି ଜୟ' ନାରା ଦେଇ ପଦଯାତ୍ରା କରିଥିଲେ । ଏଥିରେ ମହାବିଦ୍ୟାଳୟ ପରିସରରେ ଦେଶପ୍ରେମର ପରିବେଶ ସୃଷ୍ଟି ହୋଇଥିଲା । ଦେଶର ସ୍ୱାଧୀନତା ପାଇଁ ଅସୀମ ତ୍ୟାଗ କରିଥିବା ବୀର ସଂଗ୍ରାମୀଙ୍କ ଆଦର୍ଶକୁ ନୂଆପିଢ଼ି ମନେ ରଖିବା ସହ ଜାତୀୟ ଏକତା ଓ ଦେଶପ୍ରେମର ଭାବନାକୁ ଆହୁରି ଦୃଢ଼ କରିବା ଏହି ଅଭିଯାନର ମୁଖ୍ୟ



ଉଦ୍ଦେଶ୍ୟ ଥିଲା। ଏହାସହ ମହାବିଦ୍ୟାଳୟରେ 'ସ୍ୱଚ୍ଛତା ପକ୍ଷ' ପାଳନ ଅବସରରେ ସଫେଇ ଓ ବୃକ୍ଷରୋପଣ ଅଭିଯାନ ମଧ୍ୟ ଆୟୋଜିତ ହୋଇଥିଲା । ଯୁବ ରେଡ୍କ୍ରସ, ଏନଏସଏସ ଓ ଇକୋ କ୍ଲବର ମିଳିତ ଆନୁକୂଲ୍ୟରେ ପ୍ରଥମେ ମହାବିଦ୍ୟାଳୟ ପରିସରକୁ ସଫେଇ କରାଯାଇଥିଲା। ପରେ ନବନିର୍ମିତ ଛାତ୍ରାବାସ ପରିସରରେ ବିଭିନ୍ନ ଫଳ ଓ ଛାୟାପ୍ରଦ ବୃକ୍ଷର ଚାରା ରୋପଣ କରାଯାଇଥିଲା । ସ୍ୱଚ୍ଛ ପରିବେଶ ଓ ସବୁଜିମା ସୁରକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ସହ ପରିବେଶ ପ୍ରତି ଦାୟିତ୍ୱବୋଧ ସୃଷ୍ଟି କରିବା ଏହି ଅଭିଯାନର ଲକ୍ଷ୍ୟ ଥିଲା । କାର୍ଯ୍ୟକ୍ରମରେ ବିଭିନ୍ନ ୟୁନିଟ୍ର ସ୍ୱେଚ୍ଛାସେବୀ, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସକ୍ରିୟ ଭାବେ ଯୋଗଦେଇଥିଲେ । ଦେଶପ୍ରେମର ବାର୍ତ୍ତା ସହ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷାକୁ ଯୋଡ଼ି ଅଞ୍ଚଳ ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏହି ଦୁଇଟି ଅଭିଯାନ ସାଧାରଣରେ ପ୍ରଶଂସିତ ହୋଇଛି ।

# ଡକାୟତି ଉଦ୍ୟମ ବେଳେ ୨ ଡକାୟତଙ୍କୁ କାବୁ କଲା ପୋଲିସ



କୋକସରା,(ସବ୍ୟୁ): କୋକସରା ଥାନା ଅନ୍ତର୍ଗତ ୨୬ ନମ୍ବର ଜାତୀୟ ରାଜପଥରେ ଦୁଇ ଯୁବକ ଡକାୟତି ଯୋଜନା କରୁଥିବା ବେଳେ ପୋଲିସ ଗିରଫ କରିଛି । ପେଟ୍ରୋଲିଂରେ ଥିବା ପୋଲିସକୁ ରେଙ୍ଗାଲପାଲି ଛକ ନିକଟରେ ଦୁଇ ଯୁବକ ଡକାୟତି କରିବା ପାଇଁ ଯୋଜନା କରୁଥିବା କୌଣସି ସୂତ୍ରରୁ ସୂଚନା ମିଳିଥିଲା । ସୂଚନା ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ ଯୁବକଙ୍କୁ ଗିରଫ କରିଥିଲେ । ଗିରଫ ଦୁଇ ଡକାୟତ ହେଲେ ବଙ୍ଗୋମୁଣ୍ଡା ଗ୍ରାମର ଲୁଲୁ ଛତ୍ରିଆ ଏବଂ ବିଶନାଥ ନାଏକ ବୋଲି ଜଣାପଡିଛି । ସେମାନଙ୍କ ନିକଟରୁ ଗୋଟିଏ ପିସ୍ତଲ ଓ ୩ ଜୀବନ୍ତ ଗୁଳି, ୩ ମୋବାଇଲ ଫୋନକୁ ପୋଲିସ ଜବତ କରିଥିଲା। ଏ ସମ୍ପର୍କରେ କୋକସରା ଥାନା କେଶ ନମ୍ବର ୧୭୨/୨୦୨୬ରେ ମାମଲା ରୁଜୁ କରି ଦୁଇ ଡକାୟତଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିବା କୋକସରା ଥାନା ଅଧିକାରୀ ଡମ୍ବରୁଧର ଭରତିଆ ସୂଚନା ଦେଇଛନ୍ତି ।

# ଏମ୍‌ଭି –୧୦୪ ଗ୍ରାମ ପୋଖରୀରୁ କୁମ୍ଭୀର ଉଦ୍ଧାର

ମାଲକାନଗିରି,(ସବ୍ୟୁ): ଗତ ୧୦ ତାରିଖରେ ବାଲିମେଲା ବନ୍ୟାଞ୍ଚଳ ଅନ୍ତର୍ଗତ ଏମଭି–୧୦୪ ଗାଁରେ ଥିବା ଏକ ପୋଖରୀରେ ୪ ଫୁଟ ଲମ୍ବର କୁମ୍ଭୀର ଦେଖିବାକୁ ମିଳିଥିଲା । ଦୁଇ ଦିନର ଆକ୍ରାନ୍ତ ପରିଶ୍ରମ ପରେ ଜାଲ ପକାଇ ବନକର୍ମଚାରୀମାନେ ବୁଧବାର କୁମ୍ଭୀରକୁ ଉଦ୍ଧାର କରିବାରେ ସଫଳତା ଅର୍ଜ୍ଜନ କରିଛନ୍ତି । କୁମ୍ଭୀରଟି ଡାକ୍ତରୀ ପର୍ଯ୍ୟବେକ୍ଷଣ ଅଧୀନରେ ରଖାଯାଇଥିଲା ବେଳେ ପରବର୍ତ୍ତୀ ସମୟରେ ପ୍ରାକୃତିକ ବାସସ୍ଥଳୀରେ ଛଡା ଯାଇ ମୁକ୍ତ କରାଯିବ । ଗତ ୧୦ ତାରିଖ ଦିନ ବାଲିମେଲା ବନ୍ୟାଞ୍ଚଳ ଅଧିନସ୍ଥ ଏମଭି –୧୦୪ ଗ୍ରାମର ମହାଦେବ ମଣ୍ଡଳଙ୍କ ପୋଖରୀରେ ଏକ କୁମ୍ଭୀର ପ୍ରବେଶ କରିଥିବା ଦେଖିବାକୁ ପାଇଥିଲେ। ସେ ଏ ସମ୍ପର୍କରେ ସ୍ଥାନୀୟ ବନ ବିଭାଗ ସୂଚନା ଦେବା ପରେ ବନକର୍ମଚାରୀମାନେ ଜାଲକୁ ନେଇ ପୋଖରୀ ମଧ୍ୟରେ ପହଞ୍ଚି ଥିଲେ । କିନ୍ତୁ କୁମ୍ଭୀରକୁ ଉଦ୍ଧାର କରିବାରେ ସଫଳ ହୋଇ ନଥିଲେ । ଦୁଇ ଦିନର ଆକ୍ରାନ୍ତ ପରିଶ୍ରମ ପରେ କୁମ୍ଭୀରଟି ଜାଲ ଭିତରେ ଫଶିଥିଲା। ବୁଧବାର ଉକ୍ତ କୁମ୍ଭୀର ଟିକୁ ବନ କର୍ମଚାରୀମାନେ ଉଦ୍ଧାର କରିବାରେ ସଫଳ





ହୋଇପାରିଥିଲେ । ମହାଦେବ ମଣ୍ଡଳ କହିବା ଅନୁସାରେ ତାଙ୍କ ପୋଖରୀରୁ କୁମ୍ଭୀର ୯୦ ଟି ବତକ ଖାଇ ଦେଇଥିବା ବେଳେ ୫ କିଣ୍ଟାଲ ମାଛ ଉକ୍ତ ପୋଖରୀ ରେ ଛାଡି ଥିଲେ। ସେଥିରୁ ମଧ କିଛି ମାଛ କୁମ୍ଭୀରଟି ଖାଇ ଥିବା ଅନୁମାନ କରାଯାଉଛି ।

ଏହି କୁମ୍ଭୀରରଟି ବାଲିମେଲା ବନ୍ୟାଞ୍ଚଳ ଅଧିକାରୀ ଲିସ୍ମିତା କଅଁରଙ୍କ ନେତୃତ୍ୱରେ ଉଦ୍ଧାର କରାଯାଥିବା ବେଳେ ରାପିଡ ରେସପୋନ୍ସ ଟିମ ର ସମୀର ଜେନା, କୈଳାସ ମହାରଣା, ଜସ୍ମୀନ ସ୍ୱାଇଁ ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ । ଏହି ପୋଖରୀ ସହିତ ଏକ ନାଳ ସହିତ ସଂଯୋଗ ଥିବା ବେଳେ ନାମଟି କିଛି ଦୂର ପରେ ନଦୀ ସହ ମିଶ୍ରଣ ହୋଇଛି । ନଦୀ ଦ୍ୱାରା କୁମ୍ଭୀରଟି ଖାଦ୍ୟ ଅନ୍ୱେଷଣରେ ଏହି ପୋଖରୀ ରେ ପ୍ରବେଶ କରିଥିବା ଅନୁମାନ କରାଯାଉଛି । ପରବର୍ତ୍ତୀ ଡାକ୍ତରୀ ଚିକିତ୍ସା ପରେ ପୁନଶ୍ଚ ଜଳଭଣ୍ଡାରରେ ଛଡାଯିବ ବୋଲି କୁହାଯାଇଛି ।

# ଆନ୍ତର୍ଜାତୀୟ ମଞ୍ଚରେ ଭାରତର ପ୍ରତିନିଧିତ୍ୱ କରିବେ ଓମ୍‌ପ୍ରକାଶ ମିଶ୍ର



କନ୍ଧମାଳ,(ସବ୍ୟୁ): କନ୍ଧମାଳ ନିର୍ବାଚନମଣ୍ଡଳୀର ଯୁବ ନେତା ଓମପ୍ରକାଶ ମିଶ୍ର ଚୟନ ପ୍ରକ୍ରିୟାରେ ମନୋନୀତ ହୋଇ ରୁଷିଆର ୟେକାଟେରିନବର୍ଗ ଠାରେ ହେବାକୁ ଥିବା ଯୁବ ମହୋତ୍ସବରେ ଭାରତର ପ୍ରତିନିଧି ଭାବେ ଯୋଗଦେବେ। ଏନେଇ ଶ୍ରୀ ମିଶ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାଂସଦ ଧର୍ମେନ୍ଦ୍ର ପ୍ରଧାନ,ଏବଂ ଦଳର ସମସ୍ତ ବରିଷ୍ଠ ନେତୃବୃନ୍ଦ, ଜଣାଇଛନ୍ତି । ସହଯୋଗୀ ଓ ଶୁଭେଚ୍ଛୁଙ୍କୁ କୃତଜ୍ଞତା ତୃତୀୟଥର ପାଇଁ ଆନ୍ତର୍ଜାତୀୟ ଯୁବ ମଞ୍ଚରେ ଭାରତର ପ୍ରତିନିଧି ହେବା ତାଙ୍କ ପାଇଁ ଗର୍ବର ବିଷୟ ବୋଲି ସେ ପ୍ରକାଶ କରିଛନ୍ତି । ସଫଳତା ପରେ ବିଭିନ୍ନ ଅଞ୍ଚଳରୁ ଶ୍ରୀ ମିଶ୍ରଙ୍କୁ ଶୁଭେଚ୍ଛାର ସୁଅ ଛୁଟୁ ଛୁଟୁଛି । ଆଗାମୀ ଦିନରେ ଯୁବ ସମାଜର ସଶକ୍ତିକରଣ ଏବଂ ଅଞ୍ଚଳର ଗୌରବ ବୃଦ୍ଧି ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାର ସଂକଳ୍ପ ପ୍ରକାଶ କରିଛନ୍ତି। ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି ।

# ବିବାହର ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ, ବିବାହିତ ପୁରୁଷ ଗିରଫ

ସମ୍ବଲପୁର,(ସବ୍ୟୁ): ବିବାହର ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ ଅଭିଯୋଗରେ ଯୁଯୋମୁରା ଥାନା ପୋଲିସ ଜଣେ ବିବାହିତ ପୁରୁଷଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ନାକଟିଦେଉଳ ଥାନା ଆମ୍ବଝରି ବିଜୟ ସେଠୀ(୪୦) ବୋଲି ଜଣାପଡିଛି । ଉଭୟଙ୍କ ଡାକ୍ତରୀ ମାଇନା ପରେ ଆସନ୍ତାକାଲି କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ଅନିମା ଏକ୍କା କହିଛନ୍ତି । ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା ଯୁଯୋମୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ବିଜୟ ସେଠୀ ଜଣେ ବିବାହିତ ମହିଳାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିଥିଲେ । ପରେ ବିବାହ ପାଇଁ ଅରାଜି ହେବାରୁ ମହିଳା ଜଣକ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏନେଇ ଯୁଯୋମୁରା ଥାନା ପୋଲିସ ୧୪୫/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି ।

# ନିଶା ସାମଗ୍ରୀ ସହ ଅଭିଯୁକ୍ତ ଗିରଫ

ସମ୍ବଲପୁର,(ସବ୍ୟୁ) : ବେଆଇନ ନିଶା ସାମଗ୍ରୀ ବିକ୍ରି ଅଭିଯୋଗରେ ଧନୁପାଲି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଉତ୍ତର ପ୍ରଦେଶ ରାମପୁର ଜିଲ୍ଲା ସୁଆର ଥାନା ଅନ୍ତର୍ଗତ ମିରାପୁର ଅଞ୍ଚଳର ଅନସ ସା (୨୩) ବୋଲି ଜଣାପଡ଼ିଛି । ସେ ବର୍ତ୍ତମାନ ଧନୁପାଲି ଚେରୁଆପଡ଼ାରେ ରହୁଥିବା ପୋଲିସ ସୂତ୍ରରୁ ପ୍ରକାଶ । ଚଢାଉ ବେଳେ ୨୨ଟି ନିଶା କଫସିରପ୍ ବୋତଲ, ୪ଟି ଠିପି ଖୋଲା କଫସିରପ୍ ବୋତଲ, ୬ଟି ନିଶା ବଟିକା, ଅଧ ଲିଟର ଅପମିଶ୍ରିତ ନିଶାଯୁକ୍ତ ତରଳ ପଦାର୍ଥ ଥିବା ପ୍ଲାଷ୍ଟିକ ବୋତଲ, ୧୫ ଲିଟର ଦେଶୀ ମଦ ଓ ମୋବାଇଲ୍ ଫୋନ୍ ଜବତ ହୋଇଛି । ସୂଚନାଯୋଗ୍ୟ, ଧନୁପାଲି ଥାନା ପୋଲିସ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ମାଉଲିନଗର ଗୌସିଆ ମସଜିଦ୍ ନିକଟ ପଡ଼ିଆରେ ବେଆଇନ ମିଶ୍ରିତ ନିଶାଦ୍ରବ୍ୟ ବିକ୍ରି ହେଉଥିବା ଖବର ପାଇ ଚଢ଼ାଉ କରିଥିଲା । ଚଢାଉ ବେଳେ ଉପରୋକ୍ତ ସାମଗ୍ରୀ ସହ ଅଭିଯୁକ୍ତ ଅନସ ସାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ଗୋଲାମୁଣ୍ଡା ବ୍ଲକରେ ଭବ୍ୟ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା

ଗୋଲାମୁଣ୍ଡା,(ସବ୍ୟୁ) : ଦେଶପ୍ରେମର ଭାବନା ଏବଂ ଜାତୀୟତା ବୋଧକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଗୋଲାମୁଣ୍ଡା ବ୍ଲକ ପ୍ରଶାସନ ଓ ଜନତାଙ୍କ ତରଫରୁ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଶତାଧିକ ବାଇକ ଆରୋହୀ ଏବଂ ଜନସାଧାରଣ ସ୍ୱତଃସ୍ଫୂର୍ତ୍ତ ଭାବେ ସାମିଲ ହୋଇଥିଲେ । ହାତରେ ଜାତୀୟ ପତାକା ଏବଂ ମୁଖରେ ଦେଶାତ୍ମବୋଧକ ସ୍ଲୋଗାନ ଦେଇ ପରିବେଶକୁ ଦେଶପ୍ରେମର ରଙ୍ଗରେ ରଙ୍ଗେଇ ଦେଇଥିଲେ । ଏହି ବିଶାଳ ବାଇକ ଶୋଭାଯାତ୍ରାଟି ଗୋଲାମୁଣ୍ଡା ସଦର ମହକୁମାରୁ ବାହାରି ବୃନ୍ଦାବାହାଲ ଦେଇ କେଗାଁ ପର୍ଯ୍ୟନ୍ତ ଦୀର୍ଘ ପଥ ଅତିକ୍ରମ କରିଥିଲା । ରାସ୍ତାର ଦୁଇ ପାର୍ଶ୍ୱରେ ଲୋକମାନେ ଠିଆ ହୋଇ ରାଲିକୁ ସ୍ୱାଗତ କରିବା ସହ ଆରୋହୀମାନଙ୍କର ଉତ୍ସାହ ବଢ଼ାଇଥିଲେ । ପ୍ରଶାସନର ଏହି ପ୍ରୟାସ ସ୍ଥାନୀୟ ଅଞ୍ଚଳରେ ଏକ ଅପୂର୍ବ ଜାଗରଣ ସୃଷ୍ଟି କରିଛି । ଏହି ସ୍ୱତନ୍ତ୍ର ଏବଂ ଗୌରବମୟ ଅବସରରେ ରାଜ୍ୟ ବିଜେପି ଯୁବ କାର୍ଯ୍ୟ କାରିଣୀ ସଦସ୍ୟ ତଥା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ବିଡ଼ିଓ ବିଶନାଥ ରାଉତ, ତହସିଲଦାର ଚନ୍ଦନ ନାୟକ ଏବଂ ଏବିଡ଼ିଓ ବିଜୟ କୁମାର ନାୟକ, ଗୋଲାମୁଣ୍ଡା ଥାନା ଅଧିକାରୀ ଯଶୋବନ୍ତ ଶେଲମା ପ୍ରମୁଖ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ଶୋଭାଯାତ୍ରାର ଶୁଭାରମ୍ଭ କରିବା ସହ ନେତୃତ୍ୱ ନେଇଥିଲେ । ଜନସାଧାରଣଙ୍କ ମଧ୍ୟରେ ଜାତୀୟ ପତାକା ପ୍ରତି ସମ୍ମାନ ଏବଂ ଏକତା ବଜାୟ ରଖିବା ପାଇଁ ପ୍ରଶାସନିକ ଅଧିକାରୀମାନେ ନିଜ ନିଜ ବକ୍ତବ୍ୟରେ ଆହ୍ୱାନ ଦେଇଥିଲେ। ଏଥିସହିତ ସମାଜର ବିଭିନ୍ନ ବର୍ଗର ପ୍ରମୁଖ ବ୍ୟକ୍ତିବିଶେଷ ମଧ୍ୟ ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ମନୋଜ କୁମାର ମେହେର ,ପୂର୍ବତନ କଳାହାଣ୍ଡି ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭବସିନ୍ଧୁ ମଙ୍ଗରାଜ, ବୈଶାଖୁ କେତକୀ, ଜୟନ୍ତ ସିଂ, ପ୍ରସନ୍ନ ରାଉତ ,ପ୍ରମୋଦ ପ୍ରଧାନ,ଭାଗ୍ୟବାନ ବାଗ, ଜୟ କୃଷ୍ଣ ସାହୁ, ମନୋଜ ଅଗ୍ରୱାଲ, ଅନନ୍ତରାମ ବେହେରା,ଜନକ ସା, ଶ୍ୟାମ ସୁନ୍ଦର ଅଗ୍ରୱାଲ, ବରିଷ୍ଠ ସାମ୍ବାଦିକ ଆଶୁତୋଷ ରାଉତ, ପ୍ରସନ୍ନ ରାଉତ, ମାଣିକ୍ୟ ରାଉତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୋଭା ବଢ଼ାଇଥିଲେ। ରାଲି ସମୟରେ ବୃନ୍ଦାବାହାଲ ଛକ ଠାରେ ସହିଦ ବିଜେନ୍ଦ୍ର ନାଥ ରାଉତ ପ୍ରତିମୂର୍ତ୍ତି ରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ,ଶେଷରେ କେଗାଁ ଠାରେ ସମସ୍ତ ଅତିଥି ଓ ସହଯୋଗୀମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇ ଶୋଭାଯାତ୍ରାର ସଫଳ ସମାପ୍ତି ଘଟିଥିଲା।

# କ୍ରିକେଟ ଖେଳକୁ ନେଇ ମହାଭାରତ ରେଳବାଇ କର୍ମଚାରୀ ଗୁରୁତର

ରାୟଗଡ଼ା, (ସବ୍ୟୁ) : କ୍ରିକେଟ ଖେଳକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବଚସା ପରେ ମାରପିଟ ଘଟି ଜଣେ ରେଳବାଇ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତ କର୍ମଚାରୀ ଜଣକ ହେଲେ ଏସ. ଉଦୟ କୁମାର । ଏନେଇ ତାଙ୍କ ପତ୍ନୀ ଏସ. ସୁଧା ରାୟଗଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଉଦୟ କୁମାର ରେଳବାଇ ପଡ଼ିଆକୁ କ୍ରିକେଟ ଖେଳିବାକୁ ଯାଇଥିଲେ । ଖେଳ ଚାଲିଥିବା ସମୟରେ କୌଣସି ଏକ ବିଷୟକୁ ନେଇ ଖେଳାଳିଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ସିଗନାଲ ବିଭାଗର ଦିଲୀପ ଖରା କିଛି ବାହାର ଲୋକଙ୍କୁ ଡାକି ଆଣି ଝଗଡ଼ା କରିବା ସହ ଉଦୟ କୁମାରଙ୍କୁ ମାରପିଟ କରିଥିବା ଅଭିଯୋଗ ହୋଇଛି । ଏହି ଆକ୍ରମଣରେ ଉଦୟ କୁମାର ଗୁରୁତର ଆହତ ହୋଇଥିଲେ । ପରେ ତାଙ୍କୁ ଚିକିତ୍ସା ପାଇଁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଶ୍ରୀମତୀ ସୁଧା ଦାବି କରିଛନ୍ତି । ରେଳ ଡିଭିଜନ କାର୍ଯ୍ୟକ୍ରମ ହେବାର ଘଟଣା ସମ୍ପର୍କରେ ଖବର ପାଇ ରେଳବାଇର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଥ୍ୟ ସଂଗ୍ରହ କରିଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ, ଅଭିଯୋଗ ଆଧାରରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

# ମ.ରାମପୁର କଲେଜ ପକ୍ଷରୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ

ମ.ରାମପୁର,(ସବ୍ୟୁ): ଆସନ୍ତା ଅଗଷ୍ଟ ୧୫ ଭାରତର ୮୦ ତମ ସ୍ୱାଧୀନତା ଦିବସ ଉପଲକ୍ଷ ପ୍ରଧାନ ମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ସାରା ଭାରତରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହି କ୍ରମରେ ମ.ରାମପୁର ମହାବିଦ୍ୟାଳୟ ତରଫରୁ ମଧ୍ୟ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧାଂଶୁ ଶେଖର ପଣ୍ଡାଙ୍କ ନେତୃତ୍ୱରେ ଯୁକ୍ତ ଦୁଇ ଓ ଯୁକ୍ତ ତିନିର କଳା , ବିଜ୍ଞାନ ବିଭାଗର ସହସ୍ରାଧିକ ଛାତ୍ର ଛାତ୍ରୀ ଓ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ସଦସ୍ୟ ମାନେ ସାମିଲ ଥିଲେ । ଛାତ୍ର ଛାତ୍ରୀ ମାନେ ଏକ ରାଲିରେ ମ .ରାମପୁର ମହା ବିଦ୍ୟାଳୟରୁ ବାହାରି ବସ ଷ୍ଟାଣ୍ଡ ଦେଇ ଜାତୀୟତା ବୋଧର ସ୍ଲୋଗାନ ଦେଇ ମହାବିଦ୍ୟାଳୟକୁ ଫେରିଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ,କର୍ମଚାରୀ, ଏନ ଏସ ଏସ ଓ ଗତ ବର୍ଷ ନୂତନ ଭାବେ ଗଠିତ ହୋଇଥିବା ଏନସିସି ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

# ନେପାଳରେ ଝାରସୁଗୁଡ଼ା କରାଟେ ଖେଳାଳିଙ୍କ ସଫଳତା





ଝାରସୁଗୁଡ଼ା,(ସବ୍ୟୁ): ନେପାଳର କାଠମାଣ୍ଡୁଠାରେ ୭ ଓ ୮ ଅଗଷ୍ଟ ୨୦୨୬ରେ ଅନୁଷ୍ଠିତ ଦ୍ୱିତୀୟ ଦକ୍ଷିଣ ଏସିଆ ଓପନ ଆନ୍ତର୍ଜାତୀୟ କରାଟେ ପ୍ରତିଯୋଗିତା।୨୦୨୬ରେ ଝାରସୁଗୁଡ଼ାର ନ୍ୟାସନାଲ କରାଟେ ଫାଉଣ୍ଡେସନ ଏବଂ ବେଦାନ୍ତ ମାର୍ସିଆଲ ଆର୍ଟ୍ସ ଟ୍ରେନିଂ ସେଣ୍ଟରର ଛାତ୍ରଛାତ୍ରୀମାନେ ଚମତ୍କାର ସଫଳତା ହାସଲ କରି ଜିଲ୍ଲା ତଥା ଓଡ଼ିଶାର ଗୌରବ ବଢ଼ାଇଛନ୍ତି । ଏହି ପ୍ରତିଯୋଗିତାରେ ଦଳ ଶିହାନ ସୁଶାନ୍ତ ଗୁପ୍ତାଙ୍କ ମାର୍ଗଦର୍ଶନରେ ଅଂଶଗ୍ରହଣ କରିଥିଲା। ରେଞ୍ଜୀ କମଲେଶ ପ୍ରଧାନ ୧୨ ବର୍ଷରୁ କମ ବୟସ ବର୍ଗର କୁମିତେରେ ସ୍ୱର୍ଣ୍ଣ ପଦକ ଏବଂ କାତାରେ ରୌପ୍ୟ ପଦକ ହାସଲ କରିଛନ୍ତି। ପ୍ରିୟାଂଶୀ ମୁଖାର୍ଜୀ ୧୪ ବର୍ଷରୁ କମ ବୟସ ବର୍ଗର କାତା ଓ କୁମିତେ ଉଭୟରେ କାଂସ୍ୟ ପଦକ ଜିତିଛନ୍ତି । ପ୍ରିୟାଂଶୁ ମୁଖାର୍ଜୀ ୧୨ ବର୍ଷରୁ କମ ବୟସ ବର୍ଗର କାତା ଓ କୁମିତେ ଉଭୟରେ କାଂସ୍ୟ ପଦକ ହାସଲ କରିଛନ୍ତି । ସେହିପରି ସମୃଦ୍ଧ କୁମାର ୧୦ ବର୍ଷରୁ କମ ବୟସ ବର୍ଗର କାତାରେ ଏବଂ ଅନିକେତ ଠାକୁର ବରିଷ୍ଠ ବର୍ଗର କାତାରେ କାଂସ୍ୟ ପଦକ ହାସଲ କରିଛନ୍ତି । ଏହି ସଫଳତା ଝାରସୁଗୁଡ଼ାର କରାଟେ କ୍ରୀଡ଼ା ପାଇଁ ଏକ ଗୌରବମୟ ଅଧ୍ୟାୟ ସୃଷ୍ଟି କରିଛି । ଖେଳାଳିମାନଙ୍କ ଏହି ସଫଳତା ପାଇଁ କୋଚ, ଅଭିଭାବକ ଓ ଶୁଭେଚ୍ଛୁମାନେ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତରେ ଆହୁରି ବଡ଼ ସଫଳତା ପାଇଁ ଶୁଭକାମନା ଜଣାଇଛନ୍ତି ।

# ଝାରସୁଗୁଡ଼ାରେ ହର ଘର ତ୍ରିରଙ୍ଗା–୨୦୨୬' ଉତ୍ସବମୁଖର

ଝାରସୁଗୁଡ଼ା, (ସବ୍ୟୁ) : ହର ଘର ତ୍ରିରଙ୍ଗା – ୨୦୨୬' ଅଭିଯାନ ଉପଲକ୍ଷେ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ତରଫରୁ ଭବ୍ୟ ଜିଲ୍ଲାସ୍ତରୀୟ ତ୍ରିରଙ୍ଗା ପଦଯାତ୍ରା ଆୟୋଜିତ ହୋଇଯାଇଛି । ସକାଳ ୮.୦୦ ଘଟିକା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏହି ବିଶାଳ ପଦଯାତ୍ରାର ଶୁଭାରମ୍ଭ କରାଯାଇଥିଲା ସମାରୋହର ମୁଖ୍ୟ ଅତିଥି ଭାବେ ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗ ଦେଇଥିଲେ । ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିଥିମାନଙ୍କୁ ଉତ୍ତରୀୟ ଏବଂ ଚାରା ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିସହ କାର୍ଯ୍ୟକ୍ରମରେ ବନ୍ଦେ ମାତରମ ଏବଂ ଜାତୀୟ ସଂଗୀତ ଜନ ଗଣ ମନ ଗାନ କରାଯାଇଥିଲା। ଏହାପରେ ମୁଖ୍ୟ ଅତିଥି ବିଧାୟକ ଶ୍ରୀ ତ୍ରିପାଠୀ ସବୁଜ ପତାକା ଦେଖାଇ ରାଲିର ଶୁଭ ଉଦ୍ଘାଟନ କରାଯାଇଥିଲା । ଏହି ରାଲିଟି କିଶାନ ଛକ, ପୁରୁଣା ବସଷ୍ଟାଣ୍ଡ ଛକ, ଏବଂ ଝଣ୍ଡା ଛକ ଦେଇ ପରିକ୍ରମା କରିବା ପରେ ମନମୋହନ ଏମ. ଇ. ସ୍କୁଲ ପଡ଼ିଆରେ ସମାପ୍ତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ୪ ହଜାରରୁ ଅଧିକ ଜନସାଧାରଣ, ଛାତ୍ରଛାତ୍ରୀ, ସରକାରୀ ଅଧିକାରୀ, ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ସାମିଲ ହୋଇ ଜାତୀୟ ପତାକା ପ୍ରତି ଅପୂର୍ବ ଉତ୍ସାହ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ କହିଥିଲେ, ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ସମଗ୍ର ଦେଶରେ ଦେଶପ୍ରେମ ଓ ଜାତୀୟ ଏକତାର ଭାବନାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ତ୍ରିରଙ୍ଗା ଯାତ୍ରା ଆୟୋଜିତ ହେଉଛି । ଏହି ଶୋଭାଯାତ୍ରାର ମୁଖ୍ୟ ଆକର୍ଷଣ ଥିଲା ପ୍ରାୟ ୩୦୦ ମିଟର ଦୀର୍ଘ ବିଶାଳ ତ୍ରିରଙ୍ଗା ପତାକା। ସ୍କୁଲ–କଲେଜର ଛାତ୍ରଛାତ୍ରୀ, ସରକାରୀ ଅଧିକାରୀ ଓ ସାଧାରଣ ଜନତା ସମ୍ମିଳିତ ରାଲିରେ ଗୌରବର ସହ ଏହି ଦୀର୍ଘ ପତାକାକୁ ବହନ କରି ସମଗ୍ର ନଗର ପରିକ୍ରମା କରିଥିଲେ।

# ବରଗଡ ଜିଲ୍ଲା ଓକିଲ ସଂଘର ସଭାପତିଙ୍କୁ ଆକ୍ରମଣ ଘଟଣା

## ଆଇନଜୀବୀ ସଂଘର ପକ୍ଷରୁ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ସ୍ମାରକପତ୍ର



ବରଗଡ,(ସବ୍ୟୁ): ବରଗଡ଼ ଜିଲ୍ଲା ଓକିଲ ସଂଘ ସଭାପତି ଭୀଷ୍ମଦେବ ସରାଫଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାର ଅନୁସନ୍ଧାନ ପାଇଁ ନିଖିଳ ଓଡିଶା ଆଇନଜୀବୀ ସଂଘ ଅଧ୍ୟକ୍ଷ ଜ୍ଞାନ ରଞ୍ଜନ ମହାନ୍ତିଙ୍କ ନିର୍ଦ୍ଦେଶରେ ସଂଘର ଏକ ପ୍ରତିନିଧି ମଣ୍ଡଳୀ ବରଗଡ ଆସି ପ୍ରଥମେ ଶ୍ରୀ ସରାଫଙ୍କୁ ତାଙ୍କ ବାସ ଭବନରେ ସାକ୍ଷାତ କରି ତାଙ୍କର ସ୍ୱାସ୍ଥ୍ୟବ୍ୟସ୍ଥା ବୁଝିଥିଲେ । ପରେ ସେମାନେ ଜିଲ୍ଲା ଓକିଲ ସଂଘରେ ପହଞ୍ଚି କାର୍ଯ୍ୟକାରୀ କମିଟି ସହ ଆଲୋଚନା କରିଥିଲେ ଓ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ଉଦବେଗ ପ୍ରକାଶ କରିଥଲେ । ଏହି ସମୟରେ ଜିଲ୍ଲା ଓକିଲ ସଂଘ ସମ୍ପାଦକ ହରିହର ପ୍ରଧାନ , ଉପ ସଭାପତି ଉତ୍ତର ସହୁ , ଯୁଗ୍ମ ସମ୍ପାଦକ ବୈଂକୁଣ୍ଠ ଷଡ଼ଙ୍ଗୀ , ବରିଷ୍ଠ ସଦସ୍ୟ ଶିରୀଶ ବଲ୍ଲଭ ମିଶ୍ର , ଅଶୋକ କୁମାର ଯୋଶୀ, ଅନୁପ ଶତପଥୀ , ଜୟଶ୍ରୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ପରେ ବରଗଡ ଜିଲ୍ଲପାଳ ଆଦିତ୍ୟ ଗୋୟାଲ ଓ ଆରକ୍ଷୀ ଅଧିକ୍ଷକ ରବୀନ୍ଦ୍ରନାଥ ଶତପଥୀଙ୍କୁ ସାକ୍ଷାତ କରି ସ୍ମାରକ ପତ୍ର ପ୍ରଦାନ କରିଥିଲେ । ଏହି ସମୟରେ ଆଠମଲ୍ଲିକ ଓକିଲ ସଂଘ ସଭାପତି ସୁଶାନ୍ତ ମହାପାତ୍ର ( ପିନା) , ଅନୁଗୋଳ ଓକିଲସଂଘ ସଭାପତି ଦିଲ୍ଲୀପ କୁମାର ସାହୁ, ଛେଣ୍ଡିପଦା ଓକିଲ ସଂଘ ସଭାପତି ନଗେନ କୁମାର ନନ୍ଦ, ସମ୍ବଲପୁର ଜିଲ୍ଲା ଓକିଲସଂଘ ସମ୍ପାଦକ ପ୍ରବୀଣ କୁମାର ସିଂଦେଓ, ଆଇନଜୀବୀ ତାରିଣୀ ପାଣିଗ୍ରାହୀ ,ବରଗଡ଼ ଓକିଲ ସଂଘ ସମ୍ପାଦକ ହରିହର ପ୍ରଧାନ ପ୍ରମୁଖ ସାମିଲ ଥିଲେ । ଏଭଳି ଅମାନୁଷିକ ଘଟଣା କୁ ସେମାନେ ଦୃଢ ନିନ୍ଦା କରିବା ସହ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣି ଜିଲ୍ଲା ରେ ଶାନ୍ତ ବାତାବରଣ ସୃଷ୍ଟି କରନ୍ତୁ ବୋଲି ଦାବି କରିଥିଲେ । ଏହି ପ୍ରତିନିଧି ଦଳ ସୂଚନା ଦେଇଥିଲେଯେ ନିଖିଳ ଓଡିଶା ଆଇନଜୀବୀ ସଙ୍ଘ ଖୁବ ଶୀଘ୍ର ବରଗଡ ଜିଲ୍ଲା ଓକିଲ ସଂଘର ଏକ ପ୍ରତିନିଧି ମଣ୍ଡଳୀ ସହ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି, ଆଇନ ମନ୍ତ୍ରୀ, ଏଡଭୋକେଟ ଜେନେରାଲ ତଥା ବାର କାଉନସିଲ ଅଫ ଓଡ଼ିଶାର ଅଧ୍ୟକ୍ଷଙ୍କୁ ସାକ୍ଷାତ କରି ବରଗଡ ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ଆଲୋଚନା କରିବା ସହ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି କିଭଳି ସୁଧାର ହେବ ତାହା ଉପରେ ଆଲୋଚନା କରିବେ ।

# ଏମ୍‌ସିଏଲ୍ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା





ସମ୍ବଲପୁର,(ସବ୍ୟୁ): ବୁର୍ଲା ସ୍ଥିତ ଏମ୍‌ସିଏଲ୍ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ହିନ୍ଦ୍ ମଜଦୁର ସଭା ପକ୍ଷରୁ ୧୬ ଦଫା ଦାବି ନେଇ ଏକ ଗଣଧାରଣା ତଥା ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏଚ୍.ଏମ୍.ଏସ୍. ଓଡ଼ିଶା ରାଜ୍ୟ ଶାଖା ସଭାପତି ବିଜୟ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ । ସମାବେଶରେ ତାଳଚେର, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼ ସମେତ ବିଭିନ୍ନ କୋଇଲା ଖଣି ପ୍ରଭାବିତ ଅଞ୍ଚଳର ଶହଶହ ଶ୍ରମିକ, କର୍ମଚାରୀ, ବିସ୍ଥାପିତ ଓ ପ୍ରକଳ୍ପ ପ୍ରଭାବିତ ଲୋକେ ଯୋଗଦେଇ ଏମ୍‌ସିଏଲ୍‌ର ଅବହେଳା ବିରୋଧରେ ନାରାବାଜି କରିଥିଲେ। ଏଥିସହ ଏଚ୍.ଏମ୍.ଏସ୍. ପକ୍ଷରୁ ୧୬ ଦଫା ଦାବି ସମ୍ବଳିତ ଦାବିପତ୍ର ଏମ୍‌ସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଥିଲା । ଖଣି କାର୍ଯ୍ୟରେ ରାମ୍ପାର୍ଟ ସୋର୍ସିଂ ବନ୍ଦ କରି ସମସ୍ତ ଠିକା ଶ୍ରମିକଙ୍କୁ ଏଚ୍‌ପିସି ଦରମା ଲାଗୁ , ପ୍ରଭାବିତ ଜିଲ୍ଲା ଗୁଡ଼ିକରେ ସିଏସ୍ଆର ପାଣ୍ଠିର ସଠିକ୍, ସ୍ୱଚ୍ଛ ବ୍ୟବହାର ସୁନିଶ୍ଚିତ କରିବା, ସମସ୍ତ ମେଡିକାଲ୍ ୟୁନିଟ୍‌ର ମାମଲାରେ ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ ସହ ବକେୟା ମାମଲାର ତୁରନ୍ତ ସମାଧାନ ଏବଂ ସମସ୍ତ ବିସ୍ଥାପିତଙ୍କୁ ଯଥୋଚିତ କ୍ଷତିପୂରଣ, ନିଯୁକ୍ତି ଓ ଉପଯୁକ୍ତ ଥଇଥାନ ବ୍ୟବସ୍ଥା କରାଯିବାକୁ ଦାବି କରାଯାଇଛି । ସେହିପରି ଏମ୍‌ସିଏଲର ସମସ୍ତ ଠିକା ଶ୍ରମିକଙ୍କ ପାଇଁ ସର୍ବନିମ୍ନ ୨ କୋଟି ଟଙ୍କାର ବୀମା, ମେଡିକାଲ୍ କାର୍ଡ ଓ ସ୍ଥାୟୀ କର୍ମଚାରୀଙ୍କ ସମାନ ଚିକିତ୍ସା ସୁବିଧା, ବୃତ୍ତିଗତ ସ୍ୱାସ୍ଥ୍ୟ ଓ ସୁରକ୍ଷା ବ୍ୟବସ୍ଥା, ବାୟୁ ପ୍ରଦୂଷଣ ହ୍ରାସ ପାଇଁ ତୁରନ୍ତ ପଦକ୍ଷେପ, ଠିକା କର୍ମଚାରୀଙ୍କ ପିଲାମାନଙ୍କ ପାଇଁ ଡିଏଭି ବିଦ୍ୟାଳୟରେ ୪୦ ପ୍ରତିଶତ ସିଟ୍ ସଂରକ୍ଷଣ, ସମସ୍ତ ସ୍ଥାୟୀ କର୍ମଚାରୀଙ୍କ ପାଇଁ କ୍ୱାର୍ଟର୍ ପ୍ରଦାନ ଏବଂ ଭୂତଳ ଖଣିରେ ବାଲିଭରଣ ଓ ଖୋଲା ମୁହଁ ଖଣିରେ ବ୍ୟାକ୍‌ଫିଲିଂ ବ୍ୟବସ୍ଥା କରିବାକୁ ମଧ୍ୟ ଦାବୀ ମଧ୍ୟ କରାଯାଇଛି ।ଏଥିରେ ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ସୁନ୍ଦରଗଡ଼ ବିଧାୟକ ଯୋଗେଶ ସିଂହ, ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ପୂର୍ବତନ ବିଧାୟିକା ଅଳକା ମହାନ୍ତି, ପୂର୍ବତନ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, କାର୍ଯ୍ୟକାରୀ ସଭାପତି ବୈଦ୍ୟନାଥ ଦାସ, ଉପସଭାପତି ଯୁଗଳ କିଶୋର ନାୟକ, ଉପମହାସଚିବ ଗୋକୁଳ ମେହେର, ସମ୍ପାଦକ ତ୍ରିଲୋଚନ ପ୍ରଧାନ, ସମ୍ପାଦକ ସଞ୍ଜିତ ମହାନ୍ତି, ମହମ୍ମଦ ମୁର୍ତ୍ତୁଜା, ସଦାଶିବ ବିଶି, ଗଦାଧର କୁଆର, ଏନ୍. ଗୋପାଳ, ପ୍ରଣୟ ନାୟକ, ସିପ୍ରା ମହାନ୍ତି, ଭି. ରାମା ରାଓ, ମିଳନ ହୋତା, ସୁମିତ୍ ପଟେଲ, ଦେବଜେଯାତି ପଟ୍ଟନାୟକ ଓ ଆର୍ଯ୍ୟ ବହିଦାର ପ୍ରମୁଖ ସାମିଲ ଥିଲେ ।

# ମହିଳାଙ୍କୁ ହତ୍ୟା ମାମଲା

## ଅପରାଧୀଙ୍କୁ ଆଜୀବନ କାରାଦଣ୍ଡ

ସୁନ୍ଦରଗଡ଼,(ସବ୍ୟୁ) : ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଥାନା ଛତାମ ଗାଁରେ ୨୪.୧୧.୨୦୧୯ରେ ଘଟିଥିବା ଏକ ହତ୍ୟା ମାମଲାର ବିଚାର କରି ସୁନ୍ଦରଗ ଅତିରିକ୍ତ ଦେରାଜଜ୍‌ଙ୍କ କୋର୍ଟ ଅଭିଯୁକ୍ତ ମାଲାକି ବୁଡ଼ (୫୮) କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ତାକୁ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି ଜରିମାନା ଅନାଦାୟେ କାରାବାସ ଅଧିକ ୬ ମାସ ବୃଦ୍ଧି ହେବ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି । ମାମଲାର ବିବରଣୀ ଅନୁସାରେ, ମାଲାକି ବୁ ୧୧.୧୧.୨୦୧୯ରେ ବ୍ୟାଙ୍କ କାଗଜପତ୍ର ଧରି ରାଜଗାଙ୍ଗପୁର କାନରା ବ୍ୟାଙ୍କକୁ ଯାଇଥିଲା ।

ବ୍ୟାଙ୍କକୁ ତାଙ୍କ ଗାଁର ହିଲାରୁସ କେର୍କେଟା ଓ ତାଙ୍କ ପତ୍ନୀ ଫୁଲିତମାନି ମଧ୍ୟ ଯାଇଥିଲେ । ସେଠାରେ ମାଲାକିର କାଗଜପତ୍ର ହଜିଗଲା। ତାକୁ ଫୁଲିତମାନି ଲୁଚାଇ ନେଇ ଯାଇଥିବା ସନ୍ଦେହ କରି ରାଗ ରଖିଥିଲା ମାଲାକି । ୨୩ ତାରିଖ ସକାଳ ୧୧ଟାରେ ଫୁଲିତମାନି ତାଙ୍କ ଜମିରେ ଏକା ଧାନ କାଟୁଥିବା ବେଳେ ମାଲାକି ତାକୁ ପଥରରେ ଛେଚି ହତ୍ୟା କରିଥିଲା । ଏ ନେଇ ୨୫.୧୧.୨୦୧୯ରେ ପରିବାର ଲୋକଙ୍କ ଏତଲାକ୍ରମେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ମାଲାକିକୁ ୨୮.୧୧.୨୦୧୯ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା । ମାମଲାର ଶୁଣାଣି ଚାଲିଥିବା ବେଳେ ସମସ୍ତ ସାକ୍ଷ୍ୟ ପ୍ରମାଣ, ତଦନ୍ତ ରିପୋର୍ଟକୁ ଭିତ୍ତି କରି କୋର୍ଟ ଅଗଷ୍ଟ ୧୨ରେ ଦଣ୍ଡାଦେଶ କରିଛନ୍ତି। ମାମଲାକୁ ଏପିପି ଆର୍.ପି. ବେକ ପରିଚାଳନା କରିଥିଲେ ।

**AFFIDAVIT**

I, GOPAL BIHARI MUND, S/o Late Digambara Mund, R/o Village/PO-Brahmanchhendia, PS-Dharamgarh, Dist-Kalahandi, declare that my son's name has been wrongly recorded as "SRIYANSH KUMAR MUND" in the Birth Register (Regd. No. 523/2012) instead of his correct name "SHREYANSH MUND". Both names refer to one and the same person. I have sworn an affidavit before the Executive Magistrate, Dharamgarh, on 19.05.2026 for correction of the name. Henceforth he shall be known as SHREYANSH MUND for all purposes.

**GOPAL BIHARI MUND.**

**AFFIDAVIT**

I NOREEN DSOUZA, D/O- , HENRY FEDRICK LEAKE, RESIDENT OF AT-BABUABAGICHA, NEAR ANDHARA CHURCH, COX COLONY, PO/PS/ DIST- JHARSUGUDA, ODISHA PIN-768201 DECLARE BY THIS AFFIDAVIT NO:- 5802 DATED:. 12-08-2026 THAT NOW ONWARDS I SHALL BE KNOWN AS NOREEN DOROTHY DSOUZA, W/O- LATE TERENCE JUDE DSOUZA FOR ALL PURPOSES.

**NOREEN DOROTHY DSOUZA**
**JHARSUGUDA**

## ସମ୍ପାଦକୀୟ

# ବିରୋଧୀ ଦଳ ସାଂସଦଙ୍କ କର୍ତ୍ତବ୍ୟ କ'ଣ ?

ଲୋକସଭାର ସାଂସଦମାନେ କେତେ ଦରମା ପାଆନ୍ତି ? କେତେ ସୁବିଧା ପାଇ ପାରନ୍ତି ? ଏପରିକି ସାଂସଦ ଭାବେ କାର୍ଯ୍ୟ କରି ଅବସର ନେବା ପରେ କେତେ ପେନସନ୍ ପାଆନ୍ତି ? ଜଣେ ପୂର୍ବତନ ସାଂସଦଙ୍କୁ ମାଗଣାରେ ରେଳଯାତ୍ରା କରିବାର ସୁବିଧା ଏସି କୋଚ୍‌ରେ ମିଳେ । ତାଙ୍କ ସାଙ୍ଗରେ ଥିବା ସହଯାତ୍ରୀଙ୍କୁ ମଧ୍ୟ ରେଳଗାଡ଼ିର ଏସି କୋଚ୍‌ରେ ମାଗଣାରେ ସ୍ଥାନ ମିଳେ । ଲୋକେ ସେମାନଙ୍କୁ ନିର୍ବାଚିତ କରନ୍ତି, ଦେଶର, ଆଇନର ଓ ଲୋକଙ୍କର ସୁରକ୍ଷା ପାଇଁ ସେମାନେ ସଂସଦରେ ସ୍ୱର ଉତ୍ତୋଳନ କରିବେ ଆଉ ସରକାରଙ୍କର ଦୋଷତ୍ରୁଟି ଦେଖାଇ ସେମାନଙ୍କୁ କର୍ତ୍ତବ୍ୟ କରିବା କ୍ଷେତ୍ରରେ ସଚେତନ କରାଇବେ । ମାତ୍ର ବାସ୍ତବ କ୍ଷେତ୍ରରେ ସେମାନେ ଦେଶ ବା ଲୋକଙ୍କ କଥାକୁ ଗୁରୁତ୍ୱ ନ ଦେଇ ନିଜର ଫାଇଦା ବିଷୟରେ ବା ଶସ୍ତା ଲୋକପ୍ରିୟତା ଅର୍ଜନ ବିଷୟରେ କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦିଅନ୍ତି । ଗଣତନ୍ତ୍ରର ମନ୍ଦିର ବୋଲି କୁହାଯାଉଥିବା ସଂସଦକୁ ବିରୋଧୀ ଇଣ୍ଡିମେଣ୍ଟ ବେଖାତିର କରି ଅଚଳ ଅବସ୍ଥାକୁ ନେଇଆସନ୍ତି । ମାତ୍ର ଭାରତୀୟ ଲୋକେ ଏତେ ବୋକା ନୁହନ୍ତି ।

**କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ବିରୋଧୀ କଂଗ୍ରେସ ଦଳ ଉପରେ ଦୋଷାରୋପ କରି କହିଛନ୍ତି ଯେ, 'କେରଳ' ନାମକୁ ବଦଳାଇ 'କେରଳମ' କରାଯିବା ପାଇଁ ଯେଉଁ ବିଧେୟକଟି ଲୋକସଭାରେ ଆଗତ କରାଯାଇ ପାରିତ ହେଲା, ସେହି ବିଧେୟକଟିର ଆଲୋଚନା ଉପରେ କେରଳର ଦଳୀୟ ସାଂସଦ କେ.ସି. ବେଣୁଗୋପାଳ କୌଣସି ଆଲୋଚନା କରିବା ଲାଗି ସୁଯୋଗ ପାଇଲେ ନାହିଁ । କେରଳର ନୂତନ ନାମ ବିଷୟରେ ସେ ସାଂସଦ କ'ଣ କହିଥାନ୍ତେ, ସେ ବିଷୟରେ ଜାଣିବା ପାଇଁ ଲୋକମାନଙ୍କର ଆଗ୍ରହ ଥିଲା ।**

ସେମାନେ ସବୁ କଥା ବୁଝନ୍ତି, ଜାଣନ୍ତି । କିନ୍ତୁ ମୁହଁ ଖୋଲି କେହି କିଛି କହିପାରନ୍ତି ନାହିଁ । ତେଣୁ ସଂସଦରେ ଅଚଳାବସ୍ଥା ସୃଷ୍ଟି କରି ସାଂସଦମାନେ ଲାଭବାନ ହୋଇପାରିଲେ କି ? କ'ଣ ସେମାନଙ୍କ କର୍ତ୍ତବ୍ୟ ?

ଦୁଃଖ ହୁଏ ଯେ ସଂସଦର ମୌସୁମୀ ଅଧିବେଶନ ଗତ ଜୁଲାଇ ୨୦ (୨୦୨୬)ରୁ ଆରମ୍ଭ ହୋଇଥିଲା । ଲୋକେ ଭାବିଥିଲେ କେନ୍ଦ୍ର ସରକାରଙ୍କ ଅପାରଗତା ବା ଅବହେଳା ବିରୋଧରେ ବିରୋଧୀ ଦଳ, ଲୋକସଭା ବା ରାଜ୍ୟସଭାରେ ସ୍ୱର ଉତ୍ତୋଳନ କରିବେ । ଲୋକେ ମଧ୍ୟ ଜାଣିପାରିଥାନ୍ତେ, ସାଂସଦମାନେ ଠିକ୍ ଭାବେ କାର୍ଯ୍ୟ କରୁଛନ୍ତି କି ନାହିଁ । ମାତ୍ର ବିରୋଧୀ ସାଂସଦମାନେ ସଂସଦକୁ ଅଚଳାବସ୍ଥାକୁ ଠେଲିଦେଇ ନିଜ ଜିଦ୍‌ରେ ଅଟଳ ରହିଲେ । କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ ଗୃହରେ ବିବୃତି ରଖିବା ପରି ଅବାନ୍ତର କଥା କହି ସଂସଦକୁ ଅଚଳ କରାଇଦେଲେ । ଫଳରେ କେନ୍ଦ୍ର ସରକାରଙ୍କର ପ୍ରକୃତରେ ଲାଭ ହେଲା । ସଂସଦର ଏହି ଅଧିବେଶନ ସରିବା ବେଳକୁ ମଧ୍ୟ କେନ୍ଦ୍ରର ଏନ୍‌ଡିଏ ସରକାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଧେୟକ ସଂସଦରେ ପାରିତ କରାଇ ପାରିଲେ । ଗୋଟିଏ ବିଧେୟକ ହେଉଛି କେରଳ ରାଜ୍ୟର ନାମ ପରିବର୍ତ୍ତନ କରି 'କେରଳମ' ବୋଲି ବ୍ୟବହାର କରାଯିବା ଓ ଅନ୍ୟ ବିଧେୟକ ବା ବିଲ୍‌ଟି ହେଉଛି ଜାତୀୟ ସମବାୟ ଉନ୍ନୟନ ନିଗମ (ଏନ୍‌ସିଡିସି) ସିଧାସଳଖ ଭାବେ ବିଭିନ୍ନ ସମବାୟ ସୋସାଇଟିକୁ ଋଣ ଓ ଅନୁଦାନ ପ୍ରଦାନ କରିବା । ଏହି ଦୁଇଟି ବିଧେୟକର ଭଲ ମନ୍ଦ ଦିଗ ଉପରେ ଲୋକସଭାରେ ସାଂସଦମାନେ ଆଲୋଚନା କରିପାରିଥା'ନ୍ତେ । ସରକାରଙ୍କୁ ହୁଏତ କଡ଼ା ସମାଲୋଚନା ମଧ୍ୟ କରାଯାଇ ପାରିଥା'ନ୍ତା । ମାତ୍ର ସେସବୁ କିଛି ହେଲା ନାହିଁ । ଏ ଲେଖା ପ୍ରକାଶ ପାଇବା ବେଳକୁ ଲୋକସଭା ଓ ରାଜ୍ୟସଭାର ଅଧିବେଶନ ହୁଏତ ସରିଯିବ ।

କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ବିରୋଧୀ କଂଗ୍ରେସ ଦଳ ଉପରେ ଦୋଷାରୋପ କରି କହିଛନ୍ତି ଯେ, 'କେରଳ' ନାମକୁ ବଦଳାଇ 'କେରଳମ' କରାଯିବା ପାଇଁ ଯେଉଁ ବିଧେୟକଟି ଲୋକସଭାରେ ଆଗତ କରାଯାଇ ପାରିତ ହେଲା, ସେହି ବିଧେୟକଟିର ଆଲୋଚନା ଉପରେ କେରଳର ଦଳୀୟ ସାଂସଦ କେ.ସି. ବେଣୁଗୋପାଳ କୌଣସି ଆଲୋଚନା କରିବା ଲାଗି ସୁଯୋଗ ପାଇଲେ ନାହିଁ । କେରଳର ନୂତନ ନାମ ବିଷୟରେ ସେ ସାଂସଦ କ'ଣ କହିଥାନ୍ତେ, ସେ ବିଷୟରେ ଜାଣିବା ପାଇଁ ଲୋକମାନଙ୍କର ଆଗ୍ରହ ଥିଲା ।

ଏହି ବିଧେୟକ ଦୁଇଟି ନିୟମ ଦୃଷ୍ଟିରୁ ରାଜ୍ୟସଭାକୁ ପଠାଇ ପାରିତ କରାଯିବାର ସମ୍ଭାବନା ଅଧିକ । ଏହି ବିଧେୟକ ଦୁଇଟି ବିପକ୍ଷରେ ବିରୋଧୀ ଦଳ କ'ଣ କହୁଛନ୍ତି, ତାହା କେହି ଜାଣିପାରିଲେ ନାହିଁ । କାରଣ ବିରୋଧୀ ଦଳ ଆଲୋଚନାରେ ଅଂଶଗ୍ରହଣ କଲେ ନାହିଁ । ଏହା ହିଁ ଦୁର୍ଭାଗ୍ୟ ଆମର ।

**କର୍ତ୍ତବ୍ୟ ସାଧନରୁ ସ୍ୱାଭାବିକ ଭାବରେ ଯେଉଁ ଶକ୍ତି ଉତ୍ପନ୍ନ ହୁଏ, ତାହା ସତ୍ୟାଗ୍ରହରୁ ଜାତ ଅହିଂସା ଓ ଅପରାଜେୟ ଶକ୍ତି ।**

**ମହାତ୍ମା ଗାନ୍ଧି**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ମତଦାନ: ମୌଳିକ ଅଧିକାର ଅନ୍ତର୍ଭୁକ୍ତ କରାଯାଉ



**ଅଭୟ ଦ୍ୱିବେଦୀ**

ସମ୍ବିଧାନ ପ୍ରଣୟନ ସମୟରୁ ଏବଂ ସ୍ୱାଧୀନତା ପରେ, ମତଦାନ ପ୍ରକ୍ରିୟାକୁ ମୌଳିକ ଅଧିକାର ଅନ୍ତର୍ଭୁକ୍ତ କରିବା ପାଇଁ ଦାବି ହେଉଥିଲେ ମଧ୍ୟ କୌଣସି ସରକାର ତାହାକୁ ଗ୍ରହଣ କରିନାହାନ୍ତି– କାହିଁକି ? ତାହାର ବିଶ୍ଲେଷଣ ହିଁ ଏହି ନିବନ୍ଧର ଆଭିମୁଖ୍ୟ। ନିର୍ବାଚନ ହେଉଛି ଗଣତନ୍ତ୍ରର ପ୍ରାଣକେନ୍ଦ୍ର। ଗୋଟିଏ ଦେଶର ନିର୍ବାଚନ ପ୍ରକ୍ରିୟା ଯେତେ ସ୍ୱଚ୍ଛ, ସେ ଦେଶର ଗଣତନ୍ତ୍ର ସେତେ ସୁଦୃଢ଼ ଓ ଶକ୍ତିଶାଳୀ। ୧୯୪୭ ମସିହାରେ ସ୍ୱାଧୀନତାର ଅବ୍ୟବହିତ ପୂର୍ବରୁ ପ୍ରମୁଖ ବ୍ରିଟିଶ ରାଜନେତାମାନେ ଭବିଷ୍ୟବାଣୀ କରିଥିଲେ– ଖୁବ୍ ଶୀଘ୍ର ଭାରତରେ ଗଣତନ୍ତ୍ର ଭୁଷୁଡ଼ି ପଡ଼ିବ। ସେମାନଙ୍କର ଆଶଙ୍କା ଥିଲା– ଭାରତୀୟମାନେ ନିଜକୁ ଶାସନ କରିବା ପାଇଁ ଯୋଗ୍ୟ ନୁହନ୍ତି, ଫଳରେ କ୍ଷମତା ପାଇଁ ରାଜନୈତିକ କଳହ ଓ କନ୍ଦଳ ଯୋଗୁ ଦେଶ ଖଣ୍ଡବିଖଣ୍ଡିତ ହୋଇଯିବ । ବ୍ରିଟିଶ ପାର୍ଲାମେଣ୍ଟରେ ଭାରତୀୟ ସ୍ୱାଧୀନତା ଅଧିନିୟମକୁ ବିରୋଧ କରି ଉଇନ୍‌ଷ୍ଟନ୍ ଚର୍ଚ୍ଚିଲ ଦାବି କରିଥିଲେ ଯେ ସ୍ୱାଧୀନତା ପାଇବା ପରେ ଭାରତର ଶାସନ ବ୍ୟବସ୍ଥା ବଦମାସ, ଧୂର୍ତ୍ତ ଏବଂ ଲୁଟେରାମାନଙ୍କ ହାତକୁ ଚାଲିଯିବ । ତାଙ୍କର ଯୁକ୍ତି ଥିଲା – ସମସ୍ତ ଭାରତୀୟ ନେତା ନିମ୍ନସ୍ତରର। ସେ ଆହୁରି ମଧ୍ୟ କହିଥିଲେ – ଭାରତୀୟ ନେତାଙ୍କ କଳହ ଯୋଗୁଁ ଦେଶ ରାଜନୈତିକ ଅରାଜକତା ମଧ୍ୟରେ ଲୋପ ପାଇଯିବ। ଆଜି ସ୍ୱାଧୀନତାର ସାତ ଦଶନ୍ଧି ପରେ ପ୍ରତ୍ୟେକ ଭାରତୀୟ ଗର୍ବର ସହିତ ଘୋଷଣା କରିପାରିବେ – ୧୯୫୧–୫୨ ପ୍ରଥମ ନିର୍ବାଚନ ସମୟରୁ ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତବର୍ଷର ନିର୍ବାଚନ ପ୍ରକ୍ରିୟା ସମେତ ସମସ୍ତ ଗଣତାନ୍ତ୍ରିକ ବିଧିବ୍ୟବସ୍ଥା ସମଗ୍ର ବିଶ୍ୱ ପାଇଁ ଦୃଷ୍ଟାନ୍ତ ହୋଇ ରହିଛି। ନିର୍ବାଚନ ହେଉଛି ସାମ୍ବିଧାନିକ ଓ ପ୍ରତିଷ୍ଠାନଗତ ଗଣତାନ୍ତ୍ରିକ ବ୍ୟବସ୍ଥା ଯାହା ଗୋଟିଏ ନିର୍ବାଚିତ ସରକାରକୁ ଶାସନ କରିବାର ଅଧିକାର ପ୍ରଦାନ କରିଥାଏ ଏବଂ ଆବଶ୍ୟକ ହେଲେ ପୁନଶ୍ଚ ନିର୍ବାଚନ ପ୍ରକ୍ରିୟାରେ ସେହି ସରକାରକୁ କ୍ଷମତାରୁ ଅପସାରିତ କରିପାରେ। ତେଣୁ ନିୟମିତ ଅବାଧ ନିର୍ବାଚନ ହେଉଛି ଗଣତନ୍ତ୍ରର ସର୍ବନିମ୍ନ ଅପରିହାର୍ଯ୍ୟ ଅଙ୍ଗ ଏବଂ ମତଦାନ ହେଉଛି ତାହାର ପ୍ରାଣକେନ୍ଦ୍ର। ସାରମର୍ମ ହେଉଛି – ଶାସନର ବୈଧତା ନିମନ୍ତେ ନିର୍ବାଚନ ଅପରିହାର୍ଯ୍ୟ ଏବଂ ନିର୍ବାଚନ ସେତେବେଳେ ଅର୍ଥପୂର୍ଣ୍ଣ ହୁଏ, ଯେତେବେଳେ ମତଦାନ ପ୍ରକ୍ରିୟା ଅବାଧ ଓ ସ୍ୱଚ୍ଛ ରହିଥାଏ। ତେଣୁ ମତଦାନ ଅଧିକାରର ସୁରକ୍ଷା ହେଉଛି ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାର ମୂଳଦୁଆକୁ ସୁରକ୍ଷା ପ୍ରଦାନ କରିବା।

ଆମ ଦେଶରେ ମତଦାନ ଆଇନଗତ ଅଧିକାରର ଅଂଶ ମୌଳିକ ଅଧିକାର ନୁହେଁ। ଏହି ଦୁଇଟି ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ହେଉଛି – ମୌଳିକ ଅଧିକାର ସମ୍ବିଧାନ ସ୍ୱୀକୃତ, ସଂସଦ କିମ୍ବା ବିଧାନସଭାରର ସାଧାରଣ ଆଇନ ଏଥିରେ ପରିବର୍ତ୍ତନ ଆଣି ପାରିବ ନାହିଁ । ମୌଳିକ ଅଧିକାରର ଉଲ୍ଲଂଘନ ହେଲେ , ଜଣେ ନାଗରିକ ସମ୍ବିଧାନର ଅନୁଚ୍ଛେଦ ୩୨ ଆଧାରରେ ସୁପ୍ରିମକୋର୍ଟର ସହାୟତା ଲୋଡ଼ିପାରିବେ। କିନ୍ତୁ ଆଇନଗତ ଅଧିକାରର ଉତ୍ସ ହେଉଛି ସଂସଦ କିମ୍ବା ବିଧାନସଭା। ତେଣୁ ସଂସଦ କିମ୍ବା ବିଧାନସଭା ଏହି ଆଇନରେ ପରିବର୍ତ୍ତନ ଆଣିପାରିବେ, ଆବଶ୍ୟକ ହେଲେ ବିଲୋପ କରିପାରିବେ।

ଏବେ ମତଦାନ ଅଧିକାରକୁ ଆସିବା। ଆଗରୁ କୁହାଯାଇଛି ଏହା ମୌଳିକ ଅଧିକାର ନୁହେଁ, ଆଇନଗତ ଅଧିକାର ଲୋକ ପ୍ରତିନିଧିତ୍ୱ ଅଧିନିୟମ,୧୯୫୧ ଦ୍ୱାରା ପ୍ରଦତ୍ତ ବିଧିସମ୍ମତ ଅଧିକାର। ମୌଳିକ ଅଧିକାର ହେଉଛି ଘରର ମୂଳଦୁଆ ସହିତ ସଂଶ୍ଲିଷ୍ଟ ଭାରବହନକାରୀ ସ୍ତମ୍ଭ ସଦୃଶ। ଏହି ସ୍ତମ୍ଭକୁ ଯେପରି ଘରର ଗଠନରୁ ବାଦ୍ ଦେଇ ହୁଏ ନାହିଁ, ବରଂ ଘରଟି ସେହି ସ୍ତମ୍ଭ ଉପରେ ପ୍ରତିଷ୍ଠିତ ହୋଇଥାଏ, ସେହିପରି ମୌଳିକ ଅଧିକାରକୁ ବିଲୋପ କରିବା ସମ୍ଭବ ନୁହେଁ। କାରଣ ଏହା ସମ୍ବିଧାନର ମୂଳ ଗଠନ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଅପରପକ୍ଷେ ଆଇନଗତ ଅଧିକାର ହେଉଛି ପରବର୍ତ୍ତୀ ସମୟରେ ଘର ସହିତ ଯୋଡ଼ାଯାଇଥିବା କୋଠରୀ ବା ପାଚେରୀ ସଦୃଶ। ଏହା ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଏହାକୁ ସଂଶୋଧନ କଲେ ମୂଳ ଘରର ଢାଞ୍ଚାରେ ପରିବର୍ତ୍ତନ ଆସେ ନାହିଁ । ମୁକ୍ତ, ଅବାଧ ଏବଂ ନିର୍ଣ୍ଣାୟକ ମତଦାନ ନିମନ୍ତେ ନାଗରିକଙ୍କୁ କିଛି ଅଧିକାର ପ୍ରଦାନ କରାଯାଇଛି , ଯଥା : ୧) ପ୍ରାର୍ଥୀଙ୍କ ସମ୍ବନ୍ଧରେ ସୂଚନା ପାଇବାର ଅଧିକାର: ପ୍ରତ୍ୟେକ ଭୋଟର ମତଦାନ ପୂର୍ବରୁ ପ୍ରାର୍ଥୀଙ୍କ ଅପରାଧିକ ପୃଷ୍ଠଭୂମି, ସମ୍ପତ୍ତି ଓ ଦେୟ,

> **ଆମ ଦେଶରେ ମତଦାନ ଆଇନଗତ ଅଧିକାରର ଅଂଶ ମୌଳିକ ଅଧିକାର ନୁହେଁ। ଏହି ଦୁଇଟି ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ହେଉଛି – ମୌଳିକ ଅଧିକାର ସମ୍ବିଧାନ ସ୍ୱୀକୃତ, ସଂସଦ କିମ୍ବା ବିଧାନସଭାରର ସାଧାରଣ ଆଇନ ଏଥିରେ ପରିବର୍ତ୍ତନ ଆଣି ପାରିବ ନାହିଁ । ମୌଳିକ ଅଧିକାରର ଉଲ୍ଲଂଘନ ହେଲେ , ଜଣେ ନାଗରିକ ସମ୍ବିଧାନର ଅନୁଚ୍ଛେଦ ୩୨ ଆଧାରରେ ସୁପ୍ରିମକୋର୍ଟର ସହାୟତା ଲୋଡ଼ିପାରିବେ। କିନ୍ତୁ ଆଇନଗତ ଅଧିକାରର ଉତ୍ସ ହେଉଛି ସଂସଦ କିମ୍ବା ବିଧାନସଭା। ତେଣୁ ସଂସଦ କିମ୍ବା ବିଧାନସଭା ଏହି ଆଇନରେ ପରିବର୍ତ୍ତନ ଆଣିପାରିବେ, ଆବଶ୍ୟକ ହେଲେ ବିଲୋପ କରିପାରିବେ।**

ଓ ଶିକ୍ଷାଗତ ଯୋଗ୍ୟତା ବିଷୟରେ ତଥ୍ୟ ହାସଲ କରାଯାଇ ପାରିବ ଏବଂ ଏହା ଭୋଟରଙ୍କ ମୌଳିକ ଅଧିକାର। ୨) ଗୋପନୀୟ ଭୋଟଦାନର ଅଧିକାର : କେଉଁ ପ୍ରାର୍ଥୀଙ୍କୁ ଭୋଟ ଦିଆଗଲା, ତାହା ସଂପୂର୍ଣ୍ଣ ଗୋପନୀୟ ଅଟେ ଏବଂ ଏହା ଭୋଟରଙ୍କ ମୌଳିକ ଅଧିକାର ଅନ୍ତର୍ଭୁକ୍ତ। ୩) ସ୍ୱାଧୀନ ଓ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟାର ଅଧିକାର: ନିର୍ବାଚନ ପରିଚାଳନାର ଦାୟିତ୍ୱ ନିର୍ବାଚନ ଆୟୋଗଙ୍କ ଉପରେ ନ୍ୟସ୍ତ ଥାଏ। ତେଣୁ ମୁକ୍ତ, ଅବାଧ ନିର୍ବାଚନ ପରିଚାଳନା ନିମନ୍ତେ ନିର୍ବାଚନ ଆୟୋଗଙ୍କ ସ୍ୱାଧୀନତା ଅପରିହାର୍ଯ୍ୟ । ସର୍ବୋଚ୍ଚ ନ୍ୟାୟାଳୟ ବାରମ୍ବାର ଦୋହରାଇଛନ୍ତି – ସ୍ୱାଧୀନ ଓ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟାର ଅଧିକାର ସମ୍ବିଧାନର ମୌଳିକ ଢାଞ୍ଚା ତତ୍ତ୍ୱରେ ନିହିତ ଏବଂ ଏହା ସାମ୍ବିଧାନିକ ଆବଶ୍ୟକତା। ମୂଳ ମତଦାନ ଆଇନଗତ ଅଧିକାର ହୋଇଥିଲେ ମଧ୍ୟ , ବିଡ଼ମ୍ବନା, ଏହା ସହିତ ସଂଶ୍ଲିଷ୍ଟ ଉପରେ ବର୍ଣ୍ଣିତ ସମସ୍ତ ଅଧିକାର ମୌଳିକ ଅଧିକାର ଅନ୍ତର୍ଭୁକ୍ତ।

ତେଣୁ ଦେଶରେ ସମ୍ବିଧାନ ଲାଗୁ ହେବା ସମୟରୁ ମତଦାନକୁ ମୌଳିକ ଅଧିକାର ଅନ୍ତର୍ଭୁକ୍ତ କରିବା ପାଇଁ ଦାବି ହୋଇ ଆସୁଛି ଏବଂ ଏହା ଯୁକ୍ତିଯୁକ୍ତ ମନେହୁଏ। ସାମ୍ବିଧାନିକ ସଭାରେ ଏହା ଉପରେ ବିତର୍କ ଆରମ୍ଭ ହୋଇଥିଲା। ସାମ୍ବିଧାନିକ ସଭାର ପ୍ରାରମ୍ଭିକ ପ୍ରସ୍ତୁତି ପର୍ଯ୍ୟାୟରେ ସାର୍ବଜନୀନ ପ୍ରାପ୍ତବୟସ୍କ ମତାଧିକାରକୁ ମୌଳିକ ଅଧିକାର ଭାବେ ସ୍ୱୀକୃତି ଦେବା ସପକ୍ଷରେ ବ୍ୟାପକ ସହମତି ଥିଲା । ଏଥି ସହିତ ମୌଳିକ ଅଧିକାର ଉପସମିତି ଏବଂ ସଂଖ୍ୟାଲଘୁ ଉପସମିତି ମତଦାନ ଅଧିକାରକୁ ମଧ୍ୟ ମୌଳିକ ଅଧିକାର ଅଧ୍ୟାୟରେ ସାମିଲ କରିବାକୁ ଅନୁମୋଦନ କରିଥିଲେ। ଡ.ଆମ୍ବେଦକର ଏବଂ କେ.ଟି.ଶାହା ଉଭୟ ନିଜ ନିଜ ସମ୍ବିଧାନ ଖସଡ଼ାରେ ମତଦାନ ଅଧିକାରକୁ ସମ୍ବିଧାନର ମୌଳିକ ଅଧିକାର ଅଧ୍ୟାୟରେ ସ୍ଥାନ ଦେବା ପାଇଁ ପ୍ରସ୍ତାବ ରଖିଥିଲେ। ଯେତେବେଳେ ଏହି ଧାରା ୧୯୪୭ ମସିହା ଏପ୍ରିଲ ୨୧ ତାରିଖରେ ମୌଳିକ ଅଧିକାର ସମ୍ବନ୍ଧୀୟ ପରାମର୍ଶଦାତା କମିଟିରେ ଆଲୋଚନା ପାଇଁ ଉପସ୍ଥାପନା କରାଗଲା, ସେତେବେଳେ ମତଭେଦ ଆରମ୍ଭ ହେଲା । ଡ.ଆମ୍ବେଦକର ଏବଂ ବାବୁ ଜଗଜୀବନରାମ ଏହାକୁ ମୌଳିକ ଅଧିକାର ଅଧ୍ୟାୟରେ ସ୍ଥାନିତ କରିବା ପାଇଁ ପ୍ରସ୍ତାବ ରଖିଥିବାବେଳେ, ସର୍ଦ୍ଦାର ପଟେଲ ଏବଂ ସି.ରାଜଗୋପାଲାଚାରୀ ତାହାର ବିରୋଧ କରିଥିଲେ। ସେହି ସମୟରେ ପ୍ରଜାମଣ୍ଡଳ ଆନ୍ଦୋଳନ ମାଧ୍ୟମରେ ଡ.ମହତାବ ଦେଶୀୟ ରାଜ୍ୟ ସମ୍ମିଶ୍ରଣ ନିମନ୍ତେ ଉଦ୍ୟମ ଆରମ୍ଭ କରିଥିଲେ। ସର୍ଦ୍ଦାର ପଟେଲଙ୍କର ଆଶଙ୍କା ଥିଲା, ଯଦି ସାର୍ବଜନୀନ ପ୍ରାପ୍ତବୟସ୍କ ମତାଧିକାରକୁ ଅପରିବର୍ତ୍ତନୀୟ ମୌଳିକ ଅଧିକାର ଅଧ୍ୟାୟରେ ସ୍ଥାନିତ କରାଯାଏ, ହୁଏତ ଦେଶୀୟ ରାଜାମାନେ ଭୟଭୀତ ହୋଇ ସମ୍ମିଶ୍ରଣ ପ୍ରକ୍ରିୟାକୁ ବିରୋଧ କରିପାରନ୍ତି। ତେଣୁ ସର୍ଦ୍ଦାର ପଟେଲଙ୍କ ବିରୋଧ ଆଦର୍ଶଗତ ନ ଥିଲା, ଥିଲା କୂଟନୈତିକ ଓ କୌଶଳଗତ। ୧୯୪୯ ମସିହା ଜୁନ୍ ୧୬ ତାରିଖରେ ଡ.ଆମ୍ବେଦକରଙ୍କ ଅଧ୍ୟକ୍ଷତାରେ ଗଠିତ ଡ୍ରାଫ୍ଟିଂ କମିଟି ମତାଧିକାର ପ୍ରସଙ୍ଗକୁ ମୌଳିକ ଅଧିକାର ଅଧ୍ୟାୟରେ ସ୍ଥାନିତ ନ କରି ନିର୍ବାଚନ ଅଧ୍ୟାୟ ସହିତ ଯୋଡ଼ି ଦେଇଥିଲେ, ଯାହା ଆଜି ଅନୁଚ୍ଛେଦ ୩୨୬ ନାମରେ ପରିଚିତ।

ସେହି ଆଧାରରେ ୧୯୫୨ ମସିହାରେ ପୋନୁସ୍ୱାମୀ ବନାମ ରିଟର୍ଣ୍ଣି ଅଫିସର ମାମଲାରେ ସାମ୍ବିଧାନିକ ଖଣ୍ଡପୀଠଙ୍କ ରାୟ ଗୁରୁତ୍ୱପୂର୍ଣ୍ଣ। ସଂପୂର୍ଣ୍ଣ ମାମଲାଟି ଏହିଭଳି – ତାମିଲନାଡୁ ରାଜ୍ୟ ନିର୍ବାଚନରେ ପୋନୁସ୍ୱାମୀ ନାମକ ଜଣେ ବ୍ୟକ୍ତି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। କୌଣସି କାରଣରୁ ରିଟର୍ଣ୍ଣି ଅଫିସର ସେହି ପ୍ରାର୍ଥପତ୍ର ନାକଚ କରିଦେଲେ। ପୋନୁସ୍ୱାମୀ ହାଇକୋର୍ଟର ଦ୍ୱାରସ୍ଥ ହେଲେ, ସେଠାରୁ ନିରାଶ ହେବା ପରେ ସୁପ୍ରିମକୋର୍ଟରେ ଆବେଦନ କଲେ। ସୁପ୍ରିମକୋର୍ଟ ମତ ରଖିଥିଲେ, ଥରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବା ପରେ ଅଦାଲତ ସେଥିରେ ହସ୍ତକ୍ଷେପ କରିପାରିବେ ନାହିଁ ପୁନଶ୍ଚ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ଏବଂ ମତଦାନ ମୌଳିକ ଅଧିକାର ନୁହେଁ, ଆଇନଗତ ଅଧିକାର । ପରବର୍ତ୍ତୀ ସମୟରେ ଏଥିରେ ସାମାନ୍ୟ ସୁଧାର ଆସିଲା ।

୨୦୦୩ ମସିହା ପିଉସିଏଲ ବନାମ ଭାରତ ସରକାର ମାମଲାରେ ବିଚାରପତି ପି.ଭି.ରେଡ୍ଡି ବହୁଚର୍ଚ୍ଚିତ ଟିପ୍ପଣୀ ଦେଇଥିଲେ – ମତାଧିକାର ଯଦିଓ ମୌଳିକ ଅଧିକାର ନୁହେଁ, ଏହାକୁ ସାଧାରଣ ଆଇନଗତ ଅଧିକାର କହିବା ସମୀଚୀନ ହେବ ନାହିଁ । ଏହା ହେଉଛି ସାମ୍ବିଧାନିକ ଅଧିକାର – ମୌଳିକ ଅଧିକାର ଓ ବୈଧାନିକ ଅଧିକାରର ମଧ୍ୟବର୍ତ୍ତୀ ସ୍ଥିତି।

ଏହି ଦୃଷ୍ଟିରୁ ୨୦୨୩ ମସିହାର ଅନୁପ ବରଣୱାଲ ବନାମ ଭାରତ ସରକାର ମାମଲାର ଶୁଣାଣୀ ସମୟରେ ସାମ୍ବିଧାନିକ ଖଣ୍ଡପୀଠର ଅନ୍ୟତମ ବିଚାରପତି ଅଜୟ ରାଷ୍ଟୋଗୀଙ୍କ ମନ୍ତବ୍ୟ ପ୍ରଣିଧାନଯୋଗ୍ୟ । ନିର୍ବାଚନ କମିଶନରଙ୍କ ନିଯୁକ୍ତି ସଂପର୍କରେ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ ଅବସରରେ ବିଚାରପତି ଅଜୟ ରାଷ୍ଟୋଗୀ ମତ ରଖିଥିଲେ– ନିର୍ବାଚନ ପ୍ରକ୍ରିୟାରେ ମତ ଦାନ ହେଉଛି ସାମ୍ବିଧାନିକ ଅଧିକାର। ସମ୍ବିଧାନ ପ୍ରଣୟନ ସମୟରେ ମାନନୀୟ ସଦସ୍ୟମାନେ ଏହି ପ୍ରସ୍ତାବରେ ସହମତ ଥିଲେ। କିନ୍ତୁ ସେ ସମୟରେ ଦେଶୀୟ ରାଜ୍ୟ ସମ୍ମିଶ୍ରଣକୁ ଆଖିରେ ରଖି ଏହାକୁ ଆଇନଗତ ଅଧିକାରର ମାନ୍ୟତା ପ୍ରଦାନ କରାଯାଇଥିଲା । ବର୍ତ୍ତମାନ ସାତ ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ପରେ ଆମେ ଭିନ୍ନ ସ୍ଥିତିରେ ଉପନୀତ ହୋଇଛନ୍ତି। ତେଣୁ ସମ୍ବିଧାନ ପ୍ରଣେତାଙ୍କୁ ସମ୍ମାନସ୍ୱରୂପ ମତାଧିକାରକୁ ମୌଳିକ ଅଧିକାର ଭାବେ ଗ୍ରହଣ କରାଯାଉ।ାଦ ନିକଟରେ ୨୦୨୬ ମସିହା ଏପ୍ରିଲ ମାସରେ ରାଜସ୍ଥାନ ଦୁଗ୍ଧ ସମବାୟ ସମିତିର ନିର୍ବାଚନ ସଂପର୍କୀୟ ମାମଲାର ଶୁଣାଣୀ ସମୟରେ ସୁପ୍ରିମକୋର୍ଟର ଖଣ୍ଡପୀଠ ବିଚାରପତି ଅଜୟ ରାଷ୍ଟୋଗୀଙ୍କ ମନ୍ତବ୍ୟକୁ ସମ୍ମାନର ସହ ଅସ୍ୱୀକାର କରିବା ସହିତ ବିଚାରପତି ପି.ଭି.ରେଡ୍ଡିଙ୍କ ମତ ଆଧାରରେ ମତାଧିକାରକୁ ସାମ୍ବିଧାନିକ ଅଧିକାର ଭାବେ ସ୍ୱୀକୃତି ପ୍ରଦାନ କରିଛନ୍ତି।

କିନ୍ତୁ ଏହା ଯଥେଷ୍ଟ ନୁହେଁ। ସଂସଦ ଓ ନ୍ୟାୟପାଳିକା ଉଭୟଙ୍କୁ ନିବେଦନ – ମତଦାନ ଅଧିକାରକୁ ମୌଳିକ ଅଧିକାରର ମାନ୍ୟତା ପ୍ରଦାନ କରନ୍ତୁ। ଫଳରେ ଅନୁଚ୍ଛେଦ ୩୨ ଆଧାରରେ ସ୍ୱୟଂ ସମ୍ବିଧାନ ହିଁ ହେବ ଏହାର ସୁରକ୍ଷା କବଚ । କାରଣ ଏହି ଅନୁଚ୍ଛେଦ ମୌଳିକ ଅଧିକାରକୁ ସୁରକ୍ଷା ପ୍ରଦାନ କରିଥାଏ ଏବଂ ଏହା ସମ୍ବିଧାନର ମୌଳିକ ଢ଼ାଞ୍ଚାର ଅନ୍ତର୍ଗତ ତେଣୁ ଏଥିରେ ପରିବର୍ତ୍ତନ ଅଣାଯାଇପାରିବ ନାହିଁ। ଫଳରେ ଭବିଷ୍ୟତରେ କେହି ଏକଛତ୍ରବାଦୀ ଶାସକ ରାଜନୈତିକ ସ୍ୱାର୍ଥ ଲକ୍ଷ୍ୟରେ, ସଂଖ୍ୟାଗରିଷ୍ଠତା ଆଧାରରେ ଏହାକୁ ସଂଶୋଧନ କିମ୍ବା ପରିବର୍ତ୍ତନ କରିପାରିବ ନାହିଁ। ୧୯୪୯ ମସିହା ନଭେମ୍ବର ୨୫ ତାରିଖରେ, ସମ୍ବିଧାନ ଲାଗୁ ହେବାର ପୂର୍ବ ଦିନ, ଡ.ଆମ୍ବେଦକର ସମ୍ବିଧାନ ସଭାର ଅନ୍ତିମ ଅଭିଭାଷଣରେ ମତ ରଖିଥିଲେ– ଯଦି ମୋତେ ସମ୍ବିଧାନର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅନୁଚ୍ଛେଦଚିହ୍ନଟ କରିବାକୁ କୁହାଯାଏ, ଯେଉଁ ଅନୁଚ୍ଛେଦ ବିନା ସମ୍ବିଧାନ ମୂଲ୍ୟହୀନ ହୋଇଯିବ, ତେବେ ମୁଁ ଦୃଢ଼ ସ୍ୱରରେ ଧାରା ୩୨ର ନାମ ଘୋଷଣା କରିବି । କାରଣ ତାହା ହେଉଛି ସମ୍ବିଧାନର ପ୍ରାଣ ଓ ହୃଦୟ । ମତଦାନ ଅଧିକାରକୁ ସାମ୍ବିଧାନିକ ସ୍ୱୀକୃତି ମିଳିଲେ, ଆମ ଦେଶର ଗଣତନ୍ତ୍ର ଆହୁରି ସୁଦୃଢ଼ ଓ ଶକ୍ତିଶାଳୀ ହେବ, ଏହା ସୁନିଶ୍ଚିତ।

**(ଶ୍ରୀ ଦ୍ୱିବେଦୀ ଜଣେ ସୁଲେଖକ ଓ ସମ୍ବାଦିକ) ଭଦ୍ରାଣୀ, ସାଲନ୍ଦୀ ନଗର,ଭଦ୍ରକ**
**ମୋ: ୯୪୩୭୧ ୯୧୩୫୦**

# ଜୀବନ ଜିଇଁବାର କଳା

**ପ୍ରଭାତ କୁମାର ମହାପାତ୍ର**

ଆଜିର ସମୟରେ ଜୀବନର ଗତି ଏତେ ତୀବ୍ର ହୋଇଯାଇଛି ଯେ ଲୋକମାନେ ପ୍ରାୟ ପ୍ରତ୍ୟେକ କଥାକୁ ଲାଭ ଏବଂ କ୍ଷତିର ନିକିତିରେ ତଉଲିବାକୁ ଲାଗିଛନ୍ତି । କୌଣସି କାମ କରିବା ପୂର୍ବରୁ ମନରେ ପ୍ରଥମ ପ୍ରଶ୍ନ ଉଠେ– 'ଏଥିରୁ ମୋର କି ଲାଭ ହେବ ?' ଯଦି ଲାଭ ଦେଖାଯାଏ, ତେବେ ଆମେ ତୁରନ୍ତ ଆଗକୁ ବଢୁ ଏବଂ ଯଦି ଲାଭ ସ୍ପଷ୍ଟ ନ ହୁଏ, ତେବେ ଅନେକ ସମୟରେ ଆମେ ସେହି କାମଠାରୁ ଦୂରେଇ ରହୁ ।

ଧୀରେ ଧୀରେ ଏହି ଚିନ୍ତାଧାରା ଆମ ଜୀବନର ଏକ ଅଂଶ ପାଲଟିଯାଉଛି । କିନ୍ତୁ ସତରେ କଣ ଜୀବନର ପ୍ରତ୍ୟେକ କଥାକୁ ଲାଭ–କ୍ଷତିରେ ମାପିବା ଠିକ୍ ହେବ ? କଣ ସମ୍ପର୍କ, ଭାବନା ଏବଂ ମାନବୀୟ ସମ୍ବେଦନା ମଧ୍ୟ କୌଣସି ବ୍ୟାପାରିକ ହିସାବ–କିତାବର ଅଂଶ ହୋଇପାରେ? ଯଦି ଆମେ ଟିକେ ଗଭୀର ଭାବେ ଚିନ୍ତା କରିବା, ତେବେ ଜଣାପଡ଼େ ଯେ ଜୀବନର ସବୁଠାରୁ ସୁନ୍ଦର ଅଂଶ ସେଇଟି, ଯେଉଁଠାରେ କୌଣସି ଗଣନା ବା ମାପ–ତଉଲ ନଥାଏ ।

ସବୁଠାରୁ ବଡ଼ ଉଦାହରଣ ହେଉଛି ପିତାମାତାଙ୍କ ସ୍ନେହ । ସେମାନେ ନିଜ ପିଲାମାନଙ୍କ ପାଇଁ ଅସଂଖ୍ୟ ତ୍ୟାଗ କରନ୍ତି, ସେମାନଙ୍କ ପାଠପଢ଼ା, ସ୍ୱାସ୍ଥ୍ୟ ଏବଂ ଭବିଷ୍ୟତ ପାଇଁ ଦିନରାତି ପରିଶ୍ରମ କରନ୍ତି । ପିତାମାତା ନିଜ ପିଲା ପାଇଁ କେତେ ନିଦ ହରାଇଛନ୍ତି, କେତେଥର ନିଜ ଇଚ୍ଛାକୁ ଦବାଇଛନ୍ତି କିମ୍ବା କେତେ ପରିଶ୍ରମ କରିଛନ୍ତି, ଏହାର କୌଣସି ହିସାବ ରଖନ୍ତି ନାହିଁ । ସେମାନେ କେବେହେଲେ ଭାବନ୍ତି ନାହିଁ ଯେ ପିଲାକୁ ବଡ଼ କରିବାରେ କେତେ ଖର୍ଚ୍ଚ ହେଲା ଏବଂ ସେଥିରୁ ସେମାନଙ୍କୁ କି ଲାଭ ମିଳିବ ? ସେମାନଙ୍କ ପାଇଁ ପିଲାର ଖୁସି ହିଁ ସବୁଠାରୁ ବଡ଼ ରୋଜଗାର ।

ବାସ୍ତବରେ ପିତାମାତା ଆମକୁ ଏହା ଶିଖାନ୍ତି ଯେ ପ୍ରକୃତ ପ୍ରେମ ସେଇଟି, ଯେଉଁଥିରେ ସ୍ୱାର୍ଥ ଏବଂ ଲାଭ–କ୍ଷତିର କୌଣସି ସ୍ଥାନ ନଥାଏ । କିନ୍ତୁ ଯେତେବେଳେ ଆମେ ନିଜ ଆଶା ଆଧାରରେ କାହା ସହ ଜଡ଼ିତ ହେଉ ଏବଂ ସାମ୍ନା ବ୍ୟକ୍ତି ଜଣକ ସେଥିରେ ସଫଳ ହୁଅନ୍ତି ନାହିଁ ସେତେବେଳେ ଗଭୀର ଆଘାତ ଲାଗେ । ଏହିପରି ଶିକ୍ଷକ ଏବଂ ଛାତ୍ରଙ୍କ ସମ୍ପର୍କ ମଧ୍ୟ କେବଳ ଆନୁଷ୍ଠାନିକ ନୁହେଁ ।

ଜଣେ ପ୍ରକୃତ ଶିକ୍ଷକ କେବଳ ପାଠ୍ୟକ୍ରମ ଶେଷ କରି ନିଜ କର୍ତ୍ତବ୍ୟ ସରିଗଲା ବୋଲି ଭାବନ୍ତି ନାହିଁ । ସେ ଦୁର୍ବଳ ଛାତ୍ରକୁ ଅଲଗା ଭାବେ ବୁଝାନ୍ତି, ତାକୁ ପ୍ରେରିତ କରନ୍ତି ଏବଂ ତା' ଭିତରେ ଆତ୍ମବିଶ୍ୱାସ ଜଗାଇବାକୁ ଚେଷ୍ଟା କରନ୍ତି ।

ଅନେକ ସମୟରେ ଶିକ୍ଷକ ଶ୍ରେଣୀ ଗୃହ ପରେ ମଧ୍ୟ ସମୟ ଦେଇ ଛାତ୍ରମାନଙ୍କ ସନ୍ଦେହ ଦୂର କରନ୍ତି, ସେମାନଙ୍କ ଜୀବନ ସହ ଜଡ଼ିତ ପ୍ରଶ୍ନରେ ମାର୍ଗଦର୍ଶନ କରନ୍ତି ।

ଏଥିପାଇଁ ସେମାନଙ୍କୁ କୌଣସି ଅତିରିକ୍ତ ଲାଭ ମିଳେନାହିଁ, ତଥାପି ସେମାନେ ଏପରି କରନ୍ତି, କାରଣ ସେମାନଙ୍କ ପାଇଁ ଛାତ୍ରର ପ୍ରଗତି ଏବଂ ସଫଳତା ହିଁ ସବୁଠାରୁ ବଡ଼ ସନ୍ତୋଷ । ବନ୍ଧୁତା ମଧ୍ୟ ଏପରି ଏକ ଭାବନା, ଯାହାକୁ କୌଣସି ଗଣିତରେ ମାପି ହେବ ନାହିଁ ।

ପ୍ରକୃତ ବନ୍ଧୁ କଠିନ ସମୟରେ ସାଥୀରେ ଠିଆ ହୁଏ । ସେ ଏହା ଭାବେ ନାହିଁ ଯେ ଏଥିରୁ ତାକୁ କଣ ମିଳିବ ? ମନେ କରନ୍ତୁ, ଆପଣଙ୍କର କୌଣସି ବନ୍ଧୁ ହଠାତ୍ ରାତିରେ ସାହାଯ୍ୟ ପାଇଁ କହିଲେ– ତାଙ୍କୁ ଡାକ୍ତରଖାନା ଯିବାକୁ ଅଛି କିମ୍ବା କୌଣସି ସମସ୍ୟାରେ ସାହାଯ୍ୟ ଦରକାର । ସେହି ସମୟରେ ଯଦି ଆମେ ଲାଭ–କ୍ଷତି କଥା ଚିନ୍ତା କରିବା, ତେବେ ବନ୍ଧୁତାର ମୂଲ୍ୟ ହିଁ ଶେଷ ହୋଇଯିବ ।

ପ୍ରକୃତ ବନ୍ଧୁତା ସେଇଟି, ଯେଉଁଥିରେ ନିଃସ୍ୱାର୍ଥପର ଭାବେ ପରସ୍ପରର ସୁଖ–ଦୁଃଖରେ ସାଥୀ ହୋଇଥାନ୍ତି । ଦୈନନ୍ଦିନ ଜୀବନରେ ମଧ୍ୟ ଆମେ ଏମିତି ଅନେକ ଛୋଟ ଛୋଟ କାମ କରୁ, ଯାହାର କୌଣସି ଆର୍ଥିକ ଲାଭ ନଥାଏ, ତଥାପି ସେଗୁଡ଼ିକ ଆମ ମନକୁ ପ୍ରକୃତ ଖୁସି ଦେଇଥାଏ । ଯେପରି ବସ୍‌ରେ କୌଣସି ବୃଦ୍ଧ ବା ମହିଳାଙ୍କୁ ନିଜ ସିଟ୍ ଦେଇଦେବା, କୌଣସି ଅଜଣା ବ୍ୟକ୍ତିଙ୍କୁ ରାସ୍ତା ବୁଝାଇଦେବା, କୌଣସି ଅସୁବିଧାରେ ଥିବା ବନ୍ଧୁର କଥାକୁ ଧୈର୍ଯ୍ୟର ସହ ଶୁଣିବା କିମ୍ବା ରାସ୍ତାରେ ପଡ଼ିଥିବା କୌଣସି ଆହତ ବ୍ୟକ୍ତିଙ୍କୁ ଡାକ୍ତରଖାନାରେ ପହଞ୍ଚାଇବାରେ ସାହାଯ୍ୟ କରିବା । ଏହି କାର୍ଯ୍ୟଗୁଡ଼ିକରୁ ଆମକୁ କୌଣସି ଲାଭ ମିଳେ ନାହିଁ, କିନ୍ତୁ ସନ୍ତୋଷ ଏବଂ ଖୁସି ନିଶ୍ଚୟ ମିଳିଥାଏ ।

ପଞ୍ଚତନ୍ତ୍ରର କାହାଣୀଗୁଡ଼ିକରେ ମଧ୍ୟ ଏହି କଥାକୁ ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଛି । ଏହି ପ୍ରସିଦ୍ଧ କାହାଣୀରେ ପାରାମାନେ ଶିକାରୀର ଜାଲରେ ଫସିଯାଆନ୍ତି । ସେମାନେ ମିଶି ଜାଲ ସହିତ ଉଡ଼ିଯାଆନ୍ତି ଏବଂ ନିଜ ବନ୍ଧୁ ମୂଷା ପାଖକୁ ପହଞ୍ଚନ୍ତି । ମୂଷାଟି କୌଣସି ସ୍ୱାର୍ଥ ବିନା ଜାଲକୁ କାଟି ସେମାନଙ୍କୁ ମୁକ୍ତ କରିଦିଏ । ସେ ଏହା ଚିନ୍ତା କରିନଥିଲା ଯେ ଏଥିରୁ ତା'ର କି ଲାଭ ହେବ । ସେଠାରେ କେବଳ ସଚ୍ଚା ବନ୍ଧୁତା ଏବଂ ସହଯୋଗ ଥିଲା । ଏହି କାହାଣୀ ଆମକୁ ଶିଖାଏ ଯେ ସମ୍ପର୍କର ଶକ୍ତି ଲାଭ–କ୍ଷତିରୁ ନୁହେଁ, ବରଂ ବିଶ୍ୱାସ ଏବଂ ସହଯୋଗରୁ ସୃଷ୍ଟି ହୋଇଥାଏ ।

ଅନେକ ସମୟରେ ଲୋକେ ସମ୍ପର୍କରେ ମଧ୍ୟ ଲାଭ ଖୋଜିବାକୁ ଲାଗନ୍ତି । ସେମାନେ ଭାବନ୍ତି ଯେ ଏହି ସମ୍ପର୍କ ସେମାନଙ୍କର କାମରେ ଆସିବ କି ନାହିଁ । କିନ୍ତୁ ସତ୍ୟ ଏହା ଯେ ଯେଉଁ ସମ୍ପର୍କ କେବଳ ସ୍ୱାର୍ଥ ଉପରେ ଆଧାରିତ ହୋଇଥାଏ, ତାହା ଅଧିକ ସମୟ ତିଷ୍ଠି ରହିପାରେ ନାହିଁ । ପ୍ରକୃତ ସମ୍ପର୍କ ହେଉଛି, ଯେଉଁଥିରେ ଆପଣାପଣ, ବିଶ୍ୱାସ, ସମ୍ମାନ ଏବଂ ସତ୍ୟତା ଥାଏ ।

ସେମାନେ ଭାବନ୍ତି ଯେ ଏହି ସମ୍ପର୍କ ସେମାନଙ୍କ କାମରେ ଆସିବ କି ନାହିଁ । କିନ୍ତୁ ସତ୍ୟ ଏହା ଯେ ଯେଉଁ ସମ୍ପର୍କ କେବଳ ସ୍ୱାର୍ଥ ଉପରେ ଅଟକି ରହିଥାଏ, ତାହା ଅଧିକ ସମୟ ଚାଲିପାରେ ନାହିଁ । ପ୍ରକୃତ ସମ୍ପର୍କ ସେଇଗୁଡ଼ିକ, ଯେଉଁଥିରେ ଆପଣାପଣ, ବିଶ୍ୱାସ, ସମ୍ମାନ ଏବଂ ସତ୍ୟତା ଥାଏ ।

ବାସ୍ତବରେ ଜୀବନର ସବୁଠାରୁ ମୂଲ୍ୟବାନ ଜିନିଷଗୁଡ଼ିକ ସେଇଆ, ଯାହାର କୌଣସି ହିସାବ–କିତାବ ନଥାଏ – ପିତାମାତାଙ୍କ ସ୍ନେହ, ସାଙ୍ଗମାନଙ୍କ ବନ୍ଧୁତା, ଶିକ୍ଷକଙ୍କ ମାର୍ଗଦର୍ଶନ ଏବଂ କୌଣସି ଅଜଣା ବ୍ୟକ୍ତିଙ୍କର ଛୋଟ ସାହାଯ୍ୟ । ଏଗୁଡ଼ିକୁ କୌଣସି ନିକିତିରେ ତଉଲା ଯାଇପାରିବ ନାହିଁ। ଯେତେବେଳେ ଆମେ ଭାବନାତ୍ମକ ଭାବେ ଯୋଡ଼ି ହେବା ବଦଳରେ ଏହି କଥା ଉପରେ ଧ୍ୟାନ ଦେବାକୁ ଲାଗୁ ଯେ ଆମକୁ କଣ ମିଳୁଛି, ତେବେ ସମ୍ପର୍କର ପ୍ରକୃତ ଅର୍ଥ ହିଁ ଶେଷ ହେବାକୁ ଲାଗେ ।

ଜୀବନ କୌଣସି ବ୍ୟାପାରର ବହି ନୁହେଁ, ଯେଉଁଠାରେ ପ୍ରତି ଧାଡ଼ିରେ ଲାଭ ଏବଂ କ୍ଷତିର ହିସାବ ଲେଖାଯିବ । ଯଦି ଆମେ ପ୍ରତ୍ୟେକ ସମ୍ପର୍କ ଏବଂ ପ୍ରତ୍ୟେକ କାର୍ଯ୍ୟକୁ କେବଳ ସ୍ୱାର୍ଥ ଓ ଲାଭର ଦୃଷ୍ଟିକୋଣରୁ ଦେଖିବା, ତେବେ ଜୀବନରୁ ସମ୍ବେଦନା ଧୀରେ ଧୀରେ ସମାପ୍ତ ହୋଇଯିବ । ପ୍ରକୃତ ସୁଖ ସେହି ସମୟରେ ମିଳେ, ଯେତେବେଳେ ଆମେ ବିନା କୌଣସି ଆଶାରେ କିଛି ଭଲ କରୁ– ଯେତେବେଳେ ଆମେ କାହାକୁ ସାହାଯ୍ୟ କରୁ, କାହା ମୁହଁରେ ହସ ଫୁଟାଉ କିମ୍ବା କାହାର ଜୀବନକୁ ଟିକେ ଭଲ କରିବାକୁ ଚେଷ୍ଟା କରୁ ।

କାରଣ ଜୀବନର ପ୍ରକୃତ ସମ୍ପତ୍ତି ସେଇଟି ନୁହେଁ, ଯାହା ଆମ ଆକାଉଣ୍ଟରେ ଜମା ହୋଇଥାଏ, ବରଂ ତାହା ଯାହା ଆମ ବ୍ୟବହାର ଏବଂ ସମ୍ପର୍କରେ ଦେଖାଯାଇଥାଏ । ସତ କଥା ଏହା ଯେ ଦୁନିଆର ସବୁଠାରୁ ମୂଲ୍ୟବାନ ଜିନିଷଗୁଡ଼ିକ ସେଇଆ, ଯାହାକୁ ଲାଭ–କ୍ଷତିର ନିକିତିରେ ତଉଲା ଯାଇପାରିବ ନାହିଁ ।

**ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ କୋରାପୁଟ**
**ମୋ–୭୮୯୪୦୦୫୪୫୫**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଟେକ୍ନୋଲୋଜିକୁ...

ବା ମର ଡାକରା ଦେଇଥିଲେ । ଏହି ଆନ୍ଦୋଳନରେ ହଜାର ହଜାର ସଂଗ୍ରାମୀଙ୍କ ବଳିଦାନ ଯୋଗୁଁ ଆମେ ଆଜି ସ୍ୱାଧୀନତା ପାଇଛୁ । ପଲାସୀ ବିଦ୍ରୋହ, ସିପାହୀ ବିଦ୍ରୋହ ଓ ପାଇକ ବିଦ୍ରୋହ ଭଳି ବହୁ ଆନ୍ଦୋଳନ ସ୍ୱାଧୀନତା ପୂର୍ବରୁ କରାଯାଇଛି । ଆଜିର ପିଢ଼ି ସଂଗ୍ରାମୀର ବଳିଦାନ ଗାଥା ମନେ ରଖିବା ଉଚିତ ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ଭାବେ ବିଧାୟିକା ସୋଫିଆ ଫିର୍ଦୋସ କହିଥିଲେ, ଏବର ଦାୟିତ୍ୱବାନ ସରକାର ଅତୀତ ଓ ଭବିଷ୍ୟତ କଥା କହୁଛନ୍ତି । କିନ୍ତୁ ଯୁବ ପିଢ଼ିଙ୍କୁ ବର୍ତ୍ତମାନ ସମୟ ଦରକାର । ଯେପରି ଶିକ୍ଷା ବ୍ୟବସ୍ଥା କିପରି ବଦଳିବ ଭଳି ବିଭିନ୍ନ ଯୋଜନା ସେମାନେ ଏବେ ପାଇପାରିବେ । ଦେଶରେ ବର୍ତ୍ତମାନ ୯୦ କୋଟି ଲୋକ ସାମାଜିକ ଗଣମାଧ୍ୟମରେ ସିଧାସଳଖ ଯୋଡ଼ି ହୋଇଛନ୍ତି । ଜେନ୍-ଜି ଆନ୍ଦୋଳନ ଯୋଗୁଁ ସାମାଜିକ ଗଣମାଧ୍ୟମର ଭୂମିକା ବଢ଼ିଛି । ଏହି ଜେନ୍-ଜି ଆନ୍ଦୋଳନ ସମସ୍ତଙ୍କୁ ଅନୁପ୍ରାଣିତ କରିଛି । ଦେଶ ପାଇଁ ଅନୁଗତ ରହିଲେ ତାହା ହେଲେ ହିଁ ଆମେ ଦେଶ ପାଇଁ କିଛି କରିପାରିବା । ପୂର୍ବ ସ୍ୱାଧୀନତା ବେଳେ ଆଞ୍ଚଳିକ ଭାଷା ହିଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ନିରପେକ୍ଷ ଓ ନିର୍ଭୟ ହୋଇ ଲୋକଙ୍କ ପାଖକୁ ଖବର ପହଞ୍ଚିବା ଏକ ଦାୟିତ୍ୱବାନ ଗଣମାଧ୍ୟମର ଭୂମିକା । ସମୟର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ଆହ୍ୱାନରେ ୨୦୪୭ରେ ଭାରତ ତାର ସ୍ୱାଧୀନତାର ଶହେ ବର୍ଷ ପାଳନ କରିବ । ସାମାଜିକ ଗଣମାଧ୍ୟମରେ ନିୟନ୍ତ୍ରଣ ରହିବା ଦରକାର ନଚେତ୍ ଉନ୍ନତି ବଦଳରେ ଅବନତି ଆଡକୁ ଯିବ ବୋଲି ସେ କହିଥିଲେ । ଶେଷରେ ସମୟ ଲାଇଭ ତଥା ସମୟର ସମ୍ପାଦକ ପପୁ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ସମୟ ଲାଇଭର କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ଉତ୍ତମ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା ।

### ଆଗ୍ରିଷ୍ଟାକ୍...

ସରକାରୀ କାର୍ଯ୍ୟକୁ ଅଧିକ ଡିଜିଟାଲ କରିବା ଦିଗରେ ଓଶ୍ୱାସ-୨.୦ କାର୍ଯ୍ୟକାରି କରିବାକୁ କ୍ୟାବିନେଟ୍ ନିଷ୍ପତ୍ତି ନେଇଛନ୍ତି । ବ୍ଲକ୍ ସ୍ତର ପର୍ଯ୍ୟନ୍ତ ସମସ୍ତ ସରକାରୀ ଅଫିସ କାର୍ଯ୍ୟ ପେପରଲେସ୍ ରହିବ । ଓଶ୍ୱାସ-୩.୦ ପ୍ରକଳ୍ପ ପାଇଁ ନୂତନ ସିଷ୍ଟମ୍ ଡେଭ୍‌ଲପର ମନୋନୟନ ନିମନ୍ତେ ଇ-ନିବିଧା ପୋର୍ଟାଲ ମାଧ୍ୟମରେ ଟେଣ୍ଡର ଆହ୍ୱାନ କରାଯାଇଥିଲା । ଟିସିଏସ୍ ଏକମାତ୍ର ବିଡ୍ ଦାଖଲ କରିଥିଲା । ଏହାକୁ ଟିସିଏସ୍‌କୁ ଦିଆଯାଇଛି । ଟିସିଏସ୍‌ର ୧୨୨ କୋଟି ୬୦ ଲକ୍ଷ ୨୫ ହଜାର ୪୭୬ ଟଙ୍କାର ମୂଲ୍ୟ ପ୍ରସ୍ତାବକୁ ସରକାର ଅନୁମୋଦନ କରିଛନ୍ତି । ସେମି କଣ୍ଡକ୍ଟର ନୀତିର ତୃତୀୟ ସଂଶୋଧନକୁ ଅନୁମୋଦନ ମିଳିଛି । ଏହି ସଂଶୋଧନ ନୀତି ଆକର୍ଷଣକୁ ବୃଦ୍ଧି କରିବା, ନିବେଶକମାନଙ୍କର ଆସ୍ଥାକୁ ସୁଦୃଢ଼ କରିବା ଏବଂ ରାଜ୍ୟରେ ଏକ ସୁଦୃଢ଼ ଓ ସ୍ଥାୟୀ ସେମିକଣ୍ଡକ୍ଟର ପରିବେଶ ଗଠନର ଲକ୍ଷ ରଖିଛି । ସେହିଭଳି ପାର୍ବତୀଗିରି ମେଗା ଉଠାଜଳସେଚନ ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ଆଗାମୀ ୫ ବର୍ଷ ଲାଗି ୧୨୪୫୮.୪ କୋଟି ଟଙ୍କାର ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ୨୦୨୬-୨୭ ଆର୍ଥିକ ବର୍ଷରୁ ୨୦୩୦-୩୧ ଆର୍ଥିକ ବର୍ଷ ମଧ୍ୟରେ ରାଜ୍ୟର ସବୁ ଜିଲ୍ଲାରେ ୨ ଲକ୍ଷ ୬୨ ହଜାର ୨୭୫ ହେକ୍ଟର ଜମିକୁ ଜଳସେଚିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଓଡ଼ିଶା ପମ୍ପ ଷ୍ଟୋରେଜ୍ ପ୍ରୋଜେକ୍ଟ ନୀତି ଓ ପିଏସ୍‌ପି ନୀତିର ପରିଚାଳନା ନିର୍ଦ୍ଦେଶାବଳୀ ସଂଶୋଧନକୁ କ୍ୟାବିନେଟ୍ ମଞ୍ଜୁରୀ କରିଛନ୍ତି । ୨୦୩୦ ସୁଦ୍ଧା ଅକ୍ଷୟ ଶକ୍ତିରୁ ପ୍ରାୟ ୧୧୦୦୦ମେଗାୱାଟ୍ କ୍ଷମତା ଯୋଡ଼ିବାକୁ ଲକ୍ଷ୍ୟ ରଖାଯାଇଛି । ଅସହାୟ ଶିଶୁମାନଙ୍କୁ ରାଜ୍ୟସ୍ତରୀୟ ଯୋଜନା, ଯଶୋଦା ଓ ଉପଯୋଜନା ଆଶୀର୍ବାଦକୁ ଜାରି ରଖିବା ନିମନ୍ତେ ୨୯୬.୯୯ କୋଟି ଟଙ୍କାକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ୫ ବର୍ଷ ମଧ୍ୟରେ ଏହି ଟଙ୍କା ଖର୍ଚ୍ଚ କରାଯିବ । ଏହି ଯୋଜନା ହେଉଛି ଯେ କୋଭିଡ-୧୯ ମହାମାରୀ ସମୟରେ ଉଭୟ କିମ୍ବା ପରିବାରର ଏକମାତ୍ର ରୋଜଗାରିମା ପିତାମାତାଙ୍କୁ ହରାଇଥିବା ଶିଶୁମାନଙ୍କୁ ଡିବିଟି ମାଧ୍ୟମରେ ମାସିକ ଆର୍ଥିକ ସହାୟତା ଓ ଅନ୍ୟାନ୍ୟ ସମନ୍ୱିତ ସହାୟତା ପ୍ରଦାନ କରାଯାଇଥାଏ । ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା ଜାରି ରଖିବା ପାଇଁ ଅନୁମୋଦନ ମିଳିଛି । ୟୁନିଫର୍ମ, ଜୋତା, ମୋଜା ଓ ସ୍ୱେଟରର ୟୁନିଟ୍ ମୂଲ୍ୟରେ ସଂଶୋଧନ ଓ ପିଲାମାନଙ୍କ ପାଇଁ ଅତିରିକ୍ତ ଗୋଟିଏ ହଳ ମୋଜା ବ୍ୟବସ୍ଥା କରାଯାଇଛି । ଏହି ଯୋଜନାରେ ପ୍ରତିବର୍ଷ ୧୪.୭୬ ଲକ୍ଷ ପ୍ରାକ୍ ବିଦ୍ୟାଳୟ ପିଲା ୩-୬ ବର୍ଷ ଉପକୃତ ହେବେ । କ୍ୟାବିନେଟ୍ ୨୦୨୬-୨୭ ଠାରୁ ୨୦୩୦-୩୧ ପର୍ଯ୍ୟନ୍ତ ଏହି ଯୋଜନାରେ ୫୮ କୋଟି ୬୫ ଲକ୍ଷ ୭୫ ହଜାର ୪୮୦ ଟଙ୍କା ଅନୁମୋଦନ କରିଛନ୍ତି । ଜଳାଶ୍ରୟ ଏବଂ କ୍ଷୁଦ୍ର ଉଠାଜଳସେଚନ ପ୍ରକଳ୍ପ ଉନ୍ନତିକରଣ କାର୍ଯ୍ୟ ପର୍ଯ୍ୟାୟ-୩ କୁ ଅନୁମୋଦନ ମିଳିଛି । ୪ ବର୍ଷ ପାଇଁ ୩୮୯ କୋଟି ବ୍ୟୟରେ ଏହା କାର୍ଯ୍ୟକାରୀ ହେବ । ୧୫୭୦୦ ହେକ୍ଟର ହଜିଯାଇଥିବା ଜଳସେଚନ କ୍ଷେତ୍ର (ଆୟାକଟ)କୁ ପୁନରୁଦ୍ଧାର କରାଯିବ । ଓଡ଼ିଶା ବେସାମରିକ ସେବା (ପୁନର୍ବାସ ସହାୟତା) ନିୟମାବଳୀ ୨୦୨୬ ପ୍ରଣୟନ କରାଯାଇଛି । ଏଥିରେ ୧୦୦ ପଏଣ୍ଟ ମୂଲ୍ୟାୟନ ପଦ୍ଧତି ଯୋଗ୍ୟତା ସର୍ତ୍ତ ପ୍ରତ୍ୟାହାର ହେବାସହ ମୂଳସ୍ତରରେ ଗ୍ରୁପ୍-ଡି ପଦବୀରେ ୫୦% ସୀମାକୁ ପ୍ରତ୍ୟାହାର କରାଯାଇଛି ।

### ଗୁରୁଣ୍ଡିଆ...

ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିଲେ । ଏଥିପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମ୍ପୃକ୍ତ ଡାକ୍ତର ବାରିକଙ୍କୁ ସରକାରୀ ସେବାରୁ ବହିଷ୍କୃତ କରିଛନ୍ତି । ଦୁର୍ନୀତି ବିରୁଦ୍ଧରେ ଶୂନ୍ୟସହନଶୀଳତା ନୀତି ଅବଲମ୍ବନ ପାଇଁ ମୁଖ୍ୟମନ୍ତ୍ରୀ ପ୍ରଶାସନର ସବୁ ସ୍ତରରେ ନିର୍ଦ୍ଦେଶ ଦେଇଛନ୍ତି । କୌଣସି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଛଡା ଯିବନାହିଁ ବୋଲି ମୁଖ୍ୟମନ୍ତ୍ରୀ ସବୁବେଳେ କହି ଆସୁଛନ୍ତି ।

### ବିରୋଧୀ...

ଜବାବ ରଖି ରାହୁଲ ଗାନ୍ଧି କହିଛନ୍ତି ଯେ ଅମିତ ଶାହାଙ୍କ ଭାଷଣ ଶୁଣିବାକୁ ବିରୋଧୀ ଦଳ ନେତା କିମ୍ବା ଦେଶବାସୀଙ୍କର ଆଗ୍ରହ ନାହିଁ । କୌଣସି ଯୁବକ ମଧ୍ୟ ଏହା ଶୁଣିବାକୁ ଚାହୁଁନାହାନ୍ତି । ଛାତ୍ରମାନଙ୍କ ଉପରେ ଗୁଳି ଚଳାଇବା ପାଇଁ କିଏ ଅନୁମତି ଦେଇଥିଲା, ତାହା ସ୍ପଷ୍ଟ କରାଯାଉ । ଦିଲ୍ଲୀ ପୋଲିସ ଓ ଆର୍‌ଏଏଫ୍ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ଆସୁଛି । କ'ଣ ଶ୍ରୀ ଶାହା ନିର୍ଦ୍ଦେଶ ଦେଇଥିଲେ କି ବୋଲି ସେ ପ୍ରଶ୍ନ କରିବା ସହ କହିଛନ୍ତି, ଯଦି ସେ ଏହା କହିଛନ୍ତି, ସେ ଦୋଷୀ । ଯଦି ଏହା କରି ନଥାନ୍ତି, ତାହାଲେ ଅପରାଗ । ଉଭୟ ଘଟଣାରେ ଶ୍ରୀ ଶାହା ଇସ୍ତଫା ଦେବା ଉଚିତ । ଆଜି ଅପରାହ୍ନରେ ଲୋକସଭାରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଛନ୍ତି ଯେ ସରକାର ଆଲୋଚନା ପାଇଁ ପ୍ରସ୍ତୁତ । ମାତ୍ର ପ୍ରଥମ ଥର ପାଇଁ ସେ ତାଙ୍କ ଜୀବନରେ ଦେଖୁଛନ୍ତି, ସରକାର ଆଲୋଚନା ଚାହୁଁଥିଲାବେଳେ ବିରୋଧୀ ଦଳ ଗୃହ ଚଳାଇ ଦେଉନାହାନ୍ତି । ସଂସଦୀୟ ଗଣତନ୍ତ୍ରରେ ଏହାକୁ କଳ୍ପନା କରିବା କଷ୍ଟ । ଯଦି ବିରୋଧୀ ଆଲୋଚନା ଦାବି କରିବେ, ସରକାର ଏହାର ଜବାବ ଦେବେ । ମାତ୍ର ସରକାର ଆଲୋଚନା ପାଇଁ ଚାହୁଁଛନ୍ତି କିନ୍ତୁ ବିରୋଧୀ ଦଳ ଶୁଣିବାକୁ ରାଜି ନୁହଁନ୍ତି । ଇତିମଧ୍ୟରେ ଅମିତ ଶାହା ବାଚସ୍ପତିଙ୍କୁ ଚିଠି ଲେଖିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ବିରୋଧୀ ଦଳ ସହ ଆଲୋଚନା କରାଯାଇ ଏକ ସର୍ବସମ୍ମତ ନିଷ୍ପତ୍ତି ହେଉ, କେତେ ସମୟ ଆଲୋଚନା ହେବ ସମୟ ଧାର୍ଯ୍ୟ ହେଉ । ମୁଁ ଗୃହରେ ଉପସ୍ଥିତ ରହିଛି ଓ ବିରୋଧୀଙ୍କ ସମସ୍ତ ପ୍ରଶ୍ନର ଉତ୍ତର ଦେବାକୁ ପ୍ରସ୍ତୁତ । ହେଲେ ବିରୋଧୀ ଦଳଗୁଡ଼ିକ ଏହି ପ୍ରସ୍ତାବକୁ ଗ୍ରହଣ କରିନାହାନ୍ତି । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ଯେ ଗୃହ ଚଳାଇବା ପ୍ରାଥମିକତା । ଯଦି କଂଗ୍ରେସ ରାଜି ହେବ ଆସନ୍ତାକାଲି ପୂର୍ବାହ୍ନ ୧୧ଟାରୁ ଆଲୋଚନା ଆରମ୍ଭ କରାଯିବ ।

### ଲଘୁଚାପ...

ଯୋଗୁ ରାଜ୍ୟରେ ବର୍ଷାର ପରିମାଣ ହ୍ରାସ ପାଇବାର ସମ୍ଭାବନା ଅଛି । ସେପଟେ ଭୁବନେଶ୍ୱର ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ବୁଲେଟିନରେ କହାଯାଇଛି, ଆସନ୍ତାକାଲି(ଗୁରୁବାର) କେନ୍ଦୁଝରରେ ଅତି ପ୍ରବଳ ବର୍ଷା ନେଇ ରେଡ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ବାଲେଶ୍ୱର, ଯାଜପୁର, କଟକ, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ ଓ ମୟୂରଭଞ୍ଜ ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି ।

# ଝାଡ଼ଖଣ୍ଡର ୬ ଚୋର ଗିରଫ, ଆହୁରି ଅନେକ ବାକି



ଭଦ୍ରକ,(ସବ୍ୟୁ): ଲୁଟର ନୂଆ ଅନ୍ଦାଜ । ଝାରଖଣ୍ଡରୁ ଆସି ଭଦ୍ରକରେ ଲୁଟୁଥିଲେ । ପ୍ରଥମେ ଜଣେ ଡକାୟତ ଓଡ଼ିଆରେ ମାମୁଁ,ଭାଇ,ମାଉସୀ କିମ୍ବା ଭାଉଜ କହି ଡାକୁଥିଲା । ପାଣି ପିଇବା ପାଇଁ ମାଗୁଥିଲା । ଲୋକେ ପାଣି ଆଣିବା ପାଇଁ ଯିବା ମାତ୍ରେ ଏକ ସାଙ୍ଗେ ଘରେ ପଶୁଥିଲେ ୫ରୁ ଊର୍ଦ୍ଧ୍ୱ ଡକାୟତ । ବନ୍ଧୁକ ଦେଖାଇ ସ୍ତ୍ରୀ ଓ ପୁରୁଷମାନଙ୍କୁ ଅଲଗା ଅଲଗା ଘରେ ବନ୍ଧକ ରଖି ଜଗି ରହୁଥିଲେ । ଅନ୍ୟ ଲୁଟେରା ସମସ୍ତ ଜାଗାରୁ ଲୁଟ କରୁଥିଲେ । ଏମିତି ଏକ ଗ୍ୟାଙ୍ଗର ଖୁଲାଶା କରି ଧରିଛି ଭଦ୍ରକ ପୋଲିସ । ଭଦ୍ରକ ଏସପି ମନୋଜ ରାଉତଙ୍କ ସୂଚନା ଅନୁଯାୟୀ ଗତ ମେ ମାସରୁ ଏବେ ପର୍ଯ୍ୟନ୍ତ ଭଦ୍ରକ ଜିଲ୍ଲାରେ ୬ଟି ଡକାୟତି ହୋଇଥିଲା । ମୁଖ୍ୟତଃ ସନ୍ଧ୍ୟା ସମୟରେ ଲୁଟ ପ୍ଲାନିଙ୍ଗ କରୁଥିଲେ ଏହି ଝାଡଖଣ୍ଡି ଡକାୟତ ଦଳ । ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧିନ ଜଗଦଲପୁରରେ ଲୁଟ ପରେ ପୋଲିସ ଭଦ୍ରକ ଜିଲ୍ଲାର ମାଷ୍ଟରମାଇଣ୍ଡ ଆଦିତ୍ୟ ରଣାକୁ ଧରିଥିଲା । ଆଦିତ୍ୟ ରଣାର ତଥ୍ୟ ଅନୁଯାୟୀ ଝାରଖଣ୍ଡର ମୁଖ୍ୟ ଆସାମୀ ନିକଟରେ ବର୍ତ୍ତମାନ ୪୦ ରୁ ୫୦ ଅପରାଧୀ ରହି ବିଭିନ୍ନ ରାଜ୍ୟ ତଥା ଜିଲ୍ଲାରେ କରୁଥିଲେ ଡକାୟତ । ପର୍ଯ୍ୟାୟକ୍ରମେ ସେ କିଛି କିଛି ଅପରାଧୀ ଓଡ଼ିଶା ଆସିବା ସହ ବିଭିନ୍ନ ପ୍ରକାରର ଡକାୟତି କରୁଥିଲେ । ଭଦ୍ରକ ପୋଲିସର ଦୁଇଟି ଟିମ ଝାରଖଣ୍ଡ ଯାଇ ଏବେ ୬ଜଣଙ୍କୁ ଗିରଫ କରିଛନ୍ତି । କିନ୍ତୁ ଝାଡ଼ଖଣ୍ଡର ମୁଖ୍ୟ ଅପରାଧୀ ଓ ତାର ଅନ୍ୟ ୫ରୁ ଅଧିକ ସହଯୋଗୀଙ୍କୁ ଧରିବା ପାଇଁ ଭଦ୍ରକ ପୋଲିସର ଅନ୍ୟ ଏକ ଟିମ ଏବେ ପୁଣି ଝାରଖଣ୍ଡ ବାହାରିଛି । ସେମାନଙ୍କ ନିକଟରୁ ଗୋଟେ ବନ୍ଧୁକ ସହ ଜୀବନ୍ତ ଗୁଳି ସହ ନଗଦ ୨ ଲକ୍ଷ ୧୭ ହଜାର ଟଙ୍କା, ୭୩ ଗ୍ରାମ ସୁନା,୬୦୦ ଗ୍ରାମ ରୂପା, ଗୋଟେ ସୁଜୁକି ବ୍ରିଜା ଯାହାର ନମ୍ବର ଜେଏଚ-୧୦-୦୭୪୦, ଗୋଟିଏ ବୁଲେଟ ଓ ଗୋଟିଏ ହିରୋ ଏକ୍ସଟ୍ରିମ ବାଇକ ଓ ୭ ଟି ମୋବାଇଲ ଫୋନ ଜବତ କରିଛି ବୋଲି କହିଛନ୍ତି ଭଦ୍ରକ ଏସପି ମନୋଜ ରାଉତ ।

# ଜମିଜମା ବିବାଦକୁ ନେଇ ଜାଳିଦେଲେ କାର

ଗୋପ,(ସବ୍ୟୁ): ପୂର୍ବଶତ୍ରୁତା ଓ ଜମିଜମା ବିବାଦକୁ କେନ୍ଦ୍ରକରି ମଙ୍ଗଳବାର ବିଳମ୍ବିତ ରାତିରେ କାରରେ ନିଆଁ ଲଗାଇ ଦେଲେ ଦୁର୍ବୃତ୍ତ । ,ହୁତୁ ହୁତୁ ହୋଇ ଜଳିଗଲା କାର ପୁରୀ ଜିଲ୍ଲା ଗୋପ ଥାନା ଅନ୍ତର୍ଗତ ସୁଦୁଖଣ୍ଡ ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ଗତକାଲି ଦିନରେ ଦୁଇ ଗୋଷ୍ଠୀମଧ୍ୟରେ ଗଣ୍ଡଗୋଳ ପରେ ଫୋନ ଯୋଗେ ଧମକ ଦେଇ ବିଳମ୍ବିତ ରାତ୍ରୀରେ ଚିତ୍ତରଞ୍ଜନ ସ୍ୱାଇଁ ନାମକ ଜଣେ ବ୍ୟକ୍ତିଙ୍କ ଇଟିକା କାର ରେ ଦୁର୍ବୃତ୍ତ ମାନେ ନିଆଁ ଲଗାଇଦେଇଥିବା ଅଭିଯୋଗ ପରେ ଗୋପ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ବୈରିପୁର ଗ୍ରାମର ବିପିନି ସ୍ୱାଇଁ, ଜଗା ସ୍ୱାଇଁ ମହାପୁର ଗ୍ରାମର ବାବୁ ନାୟକ ଓ ରାଜୁ ନାୟକ ସମେତ କିଛି ଲୋକ ସୁଦୁଖଣ୍ଡ ମୌଜାର ଏକ ବିବାଦୀୟ ଜମିରେ ଟ୍ରାକଫର ନେଇ ହଳ କରିବାରୁ ସୁଦୁଖଣ୍ଡ ଗ୍ରାମବାସୀ ବିରୋଧ କରିବାରୁ ସେମାନେ ଫେରିଯାଇ ଗାଳିଗୁଲଜ କରିଥିଲେ । ମଙ୍ଗଳବାର ସନ୍ଧ୍ୟାରେ ଓ ରାତି ୧୧ ଟାରେ ଦୃବୃତମାନେ ଚିତ୍ତରଞ୍ଜନଙ୍କୁ ଫୋନ କରି ହତ୍ୟା ଧମକ ଦେଇଥିଲେ । ରାତିରେ ୨ଟାରେ ଘରବାହାରେ ପାଟିତୁଣ୍ଡ ଶୁଣି ଚିତ୍ତରଞ୍ଜନ ଘରବାହାରେ ତାଙ୍କ କାର ହୁତୁହୁତୁ ହୋଇ ଜଳୁଥିବା ଦେଖୁ ପୁଲିସକୁ ଜଣାଇଥିଲେ । ବୁଦବାର ଦିନ ଗୋପ ପୁଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରଂଭ କରିଛି । ତେବେ ଏସମ୍ବନ୍ଧରେ ଗୋପ ଥାନା ଅଧିକାରୀ ଦୁର୍ଗାଚରଣ ମହାପାତ୍ରଙ୍କୁ ପଚାରିବାର ସେ କହିଛନ୍ତି ଉଭୟ ପକ୍ଷରୁ ଦୁଇଟି ଅଭିଯୋଗ ହୋଇଛି । ତଦନ୍ତ ଚାଲିଛି ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ବୁଲା ଷଣ୍ଢଙ୍କ ବେକରେ ବନ୍ଧା ଗଲା ରେଡିୟମ୍ ବେଲ୍ଟ

ଆଗରପଡ଼ା,(ସବ୍ୟୁ):ଭଦ୍ରକ ଜିଲ୍ଲାର ବନ୍ତ ବ୍ଲକ୍ ଓଡଙ୍ଗ ପଂଚାୟତରେ ରାଜ୍ୟସରକାରଙ୍କ ପକ୍ଷରୁ ଓଡଙ୍ଗ ପ୍ରାଣୀନିରୀକ୍ଷକ ପ୍ରିୟବ୍ରତ ରାଉତ ଓ ମୈତ୍ରୀ ଆକାଶ ଜେନାଙ୍କ ପ୍ରଚେଷ୍ଟାରେ ଆସିଥିବା ରେଡିୟମ ବେଲ୍ଟ ବୁଲା ଷଣ୍ଡ ମାନଙ୍କ ବେକରେ ବନ୍ଧା ଯାଇଛି । ଏହି ରେଡ଼ିୟମ ବେଲଟ ବାନ୍ଧିବା ଫଳରେ ବୁଲା ଷଣ୍ଢମାନେ ପ୍ରତିଦିନ ଘଟୁଥିବା ଦୁର୍ଘଟଣାରୁ ରକ୍ଷା ପାଇ ପାରିବେ । ଏଥି ସହିତ ଗାଡି ଚାଳକ ସାବଧାନତା ଅବଲମ୍ବନ କରିପାରିବା ସହ ସୁରକ୍ଷିତରେ ଘରକୁ ଫେରିପାରିବେ ବୋଲି ସେ କହିଛନ୍ତି ।


**AFFIDAVIT**

By virtue of an affidavit sworn before Executive Magistrate, Jatni, dated 11/08/2026 I, Birlangi Sunitha, Address At-Retanga Colony, Po- Jatni, Ps-Jatni, Dist- Khorda, Odisha, Pin- 752050 declare that I have changed my name from B.Sunita to Birlangi Sunitha. Henceforth, I shall be known as **Birlangi Sunitha** for all purposes.

Birlangi Sunitha

**AFFIDAVIT**

By virtue of an affidavit sworn before Executive Magistrate, Jatni, dated 11/08/2026 I, Birlangi Tejaswani, Address At-Retanga Colony, Po- Jatni, Ps-Jatni, Dist- Khorda, Odisha, Pin- 752050 declare that I have changed my name from B.Tejaswani to Birlangi Tejaswani. Henceforth, I shall be known as **Birlangi Tejaswani** for all purposes.

Birlangi Tejaswani

**AFFIDAVIT**

I, Sudarsan Barik, S/o. Late Lokanath Barik, resident of OCC colony Mancheswar Industrial Estate, Po/Ps-Mancheswar, Dist-Khordha, Pin-751010, Odisha declare by this Affidavit No. 54 dtd. 11.08.2026 that now onwards I shall be known as **SUDARSHAN BARIK** for all future purposes.

**ଦ.ପୂ. ରେଳପଥ-ଟେଣ୍ଡର**

ଟେଣ୍ଡର ନୋଟିସ୍ ନଂ. ସିକେପି-ବେଣ୍ଡାଲ୍-୨୬-୨୭-୩୧ । ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଏବଂ ତାଙ୍କ ପକ୍ଷରୁ କାର୍ଯ୍ୟ କରୁଥିବା ଡିଭିଜନାଲ୍ ରେଳବାଇ ମ୍ୟାନେଜର (ଇଞ୍ଜିନିୟରିଂ), ଚକ୍ରଧରପୁର ଖୋଲା ଟେଣ୍ଡର ବିପକ୍ଷରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ବିରୁଦ୍ଧରେ ମାନୁଆଲ୍ ପ୍ରସ୍ତାବଗୁଡ଼ିକୁ ଅନୁମତି ଦିଆଯାଇ ନାହିଁ ଏବଂ ଏପରି ପ୍ରାପ୍ତ କୌଣସି ମାନୁଆଲ୍ ପ୍ରସ୍ତାବକୁ ଅଣଦେଖା କରାଯିବ । **କାର୍ଯ୍ୟର ନାମ:** ଚକ୍ରଧରପୁରରେ ନୂତନ ଡିଆରଏମ ଅଫିସ୍ କୋଠାରେ ଗୋଟିଏ ଲିଫ୍ଟ ଯୋଗାଇବା ସହିତ ଜଡ଼ିତ ଯାତ୍ରୀ ଏବଂ ସିଭିଲ୍ ଇଞ୍ଜିନିୟରିଂ କାର୍ଯ୍ୟ ପାଇଁ ଏମଇଏ ଅଧୀନରେ ସୋନୁଆ, ଲୋଟାପାହାଡ଼, ବୁଲିଆ ଏବଂ ବାଇଡାମୁ ଷ୍ଟେସନରେ ଉପଯୁକ୍ତ ଜଳ ଯୋଗାଣ ବ୍ୟବସ୍ଥା (ବୃତୀୟ କଲ୍) । **ଟେଣ୍ଡର ମୂଲ୍ୟ:** ଟ. ୨,୧୩,୮୦,୦୬୭.୨୨ । **ଇଏମଡି:** ଟ. ୪,୨୬,୯୦୦/- । ଟେଣ୍ଡର ଫର୍ମ ମୂଲ୍ୟ: ଟ୦ । **ଖୋଲିବାର ତାରିଖ:** ୦୪.୦୯.୨୦୨୬ । ଟେଣ୍ଡରଟି ୱେବସାଇଟ୍‌ରେ ଦେଖାଯାଇପାରିବ: http:// www.ireps.gov.in ଟେଣ୍ଡରଦାତା/ ବିଡରମାନଙ୍କର ଶ୍ରେଣୀ-୩ ଡିଜିଟାଲ୍ ଦସ୍ତଖତ ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ଆଇଆରଇପିଏସ ପୋର୍ଟାଲରେ ପଞ୍ଜିକୃତ ହୋଇଥିବା ଆବଶ୍ୟକ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜପତ୍ର ଅପଲୋଡ୍ କରିବାକୁ ପଡ଼ିବ ।

(PR-606)

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
13001/1268/2627 ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବସାଇଟ୍ www.oshb.org.

ପତ୍ର ସଂଖ୍ୟା: ୧୪୯ **ବିଜ୍ଞାପନ** ତା : ୯.୭.୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ତିନିଜଣ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବନାହିଁ ।

| ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ସ୍ୱର୍ଗୀୟା ପ୍ରତିମା ଦାସ, ସ୍ୱାମୀ- ଶ୍ରୀ ଶିଶିର ହୋତା, ସା-ହିନ୍ଦାର ମନ୍ଦିର ରାସ୍ତା, ପୋ-କୋରାପୁଟ, ଥାନା-କୋରାପୁଟ, ଜିଲ୍ଲା-କୋରାପୁଟ | ଏ. ଟାଇପ ଦୋକାନ ନଂ-୪-ଏମ୍ (A Type Shop No.4-M) ସୁପର ମାର୍କେଟ କୋରାପୁଟ | ୧. ଶିଶିର ହୋତା (ସ୍ୱାମୀ) ୨. ଅମିତ ହୋତା (ଅ.ବି.ପୁତ୍ର) ୩. ସୁଜିତ ହୋତା (ଅ.ବି.ପୁତ୍ର) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13001/13030/1/26-27/0163

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
13001/1512/2627 ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବସାଇଟ୍ www.oshb.org.

ପତ୍ର ସଂଖ୍ୟା ୧୧୬ **ବିଜ୍ଞାପନ** ତା : ୨୪.୦୮.୨୦୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏଲଆଇ-୪୧୦ (LI-410) କୁସୁମ୍ପା, ଫେଜ୍-୩, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ରାକେଶ କୁମାର ରାଉତ, ପିତା-କୃଷ୍ଣଚନ୍ଦ୍ର ରାଉତ, ସା-ସିଜଗିଡି, ପୋ-ମୌଗୁଧା ବଜାର, ଥାନା-ଚାନ୍ଦବାଲି, ଜିଲ୍ଲା-ଭଦ୍ରକଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ରାକେଶ କୁମାର ରାଉତ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ବସନ୍ତ କୁମାର ପାତ୍ର, ପିତା-ସ୍ୱର୍ଗତ ଦାମୋଦର ପାତ୍ର, ସା-କେସିଙ୍ଗା, ପୋ-କେସିଙ୍ଗା, ଥାନା-କେସିଙ୍ଗା, ଜିଲ୍ଲା-କଳାହାଣ୍ଡିଙ୍କ ନାମରେ ମାଲିକାନା ସତ୍ତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13001/13030/1/26-27/0194

**ODISHA HYDRO POWER CORPORATION LIMITED**
**OFFICE OF THE SENIOR GENERAL MANAGER (ELECTRICAL)**
**BALIMELA HYDRO ELECTRIC PROJECT:,POST: BALIMELA: DIST: MALKANGIRI (ODISHA); PIN: 764051:**
4001/255/2627
Phones: 06861-291058(O)/ 06861-291048(R)
<E mail- bhep.balimela@gmail.com, unit-head balimela@yahoo.com>

**TENDER CALL NOTICE NO: BHEP/25/2026-27** **DATED 11.08.2026**

Sealed Tenders are invited in single part bid basis from Vehicle Owners/ Travel Agencies/ individuals fulfilling the eligibility criteria as per the tender specification for the work as mentioned below.

| SL NO | Description of Services | Cost of tender paper (Non-refundable in Rs. | EMD in shape of DD/BC (Refundable) in Rs. | Period of availability of tender OHPC website | Last date & Time of receipt of Tender | Date & Time of opening of bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01 | HIRING OF 01 (ONE) NUMBER OF 32 SEATER BUS FOR SHIFT DUTY OF T.N.E EMPLOYEES WITH SINGLE DRIVER PROVISION FOR THREE YEARS UNDER BHEP, BALIMELA. | Rs. 7080/- (Rupees Seven Thousand Eighty) only | Rs. 39,248/- | From 14.08.2026 to up to 11.30 hrs on 29.08.2026 | 11:30 Hrs. of 29.08.2026 | 12:00 Hrs of 29.08.2026 |

For details of the tender documents, terms & conditions please visit our website www.ohpcltd.com

OIPR : 4001/4019/1/26-27/0024
Sd/- C & P Head
BHEP, Balimela


### ଜୟ ମହାବୀର କ୍ଲବର ବୋଲବମ ଭକ୍ତଙ୍କ ସେବା

ବାଲିପାଟଣା ,(ସବ୍ୟୁ): ବାଲିପାଟଣା ସ୍ଥିତ ଜୟ ମହାବୀର କ୍ଲବ ତରଫରୁ ପ୍ରତ୍ୟେକ ବର୍ଷ ବୋଲବମ ଶ୍ରଦ୍ଧାଳୁ ଭକ୍ତଙ୍କ ସେବାକରାଯାଇଛି । ଏହି ଅବସରେ ମଙ୍ଗଳବାର ଅପରାହ୍ନରେ ବାଲିପାଟଣା ଛକ ବିଶ୍ରାମ ଘର ନିକଟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ବାଉଙ୍ଗୀ ପାଇଁ ଭାରା ଏବଂ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା ଗାୟତ୍ରୀ ଭଜନ ସନ୍ଧ୍ୟା କଳାକାର ବୃନ୍ଦ ଶିବଙ୍କ ଭଜନ ପରିବେଷଣ କରି ଶ୍ରଦ୍ଧାଳୁ ଏବଂ ଦର୍ଶକଙ୍କ ମନମୁଗ୍ଧ କରିଥିଲେ ଜୟ ମହାବୀର କ୍ଲବ ପକ୍ଷରୁ ପ୍ରଭାତ କୁମାର ଭୋଳ , ବିଜୟ କୁମାର ପରିଡା , ଶୁଭମ ଦାସ , ଶୁଭ୍ରାଂଶୁ ତ୍ରିପାଠୀ , ବାପି ପଣ୍ଡା , କିଶୋର ପ୍ରଧାନ , ଅନିଲ ଜେନା , ତ୍ରିବିକ୍ରମ ଜେନା , ସୁରଜ ଭୋଳ , ଉମେଶ ଜେନା , ଦୀପ୍ତି ପ୍ରସାଦ ଜେନା , ପ୍ରଦୀପ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।

# ନକଲି ସାର ଯୋଗାଣକୁ ନେଇ ଜନ ଶୁଣାଣି ଶିବିରରେ ଝଡ଼

ନୀଳଗିରି, (ସବ୍ୟୁ): ବାଲେଶ୍ୱର ଜିଲ୍ଲା ନିଳଗିରି ଅଂଚଳରେ ଏବେ ନକଲି ସାର ସରକାରଙ୍କ ନିର୍ଦ୍ଦେଶରେ ଓରମାସ ପକ୍ଷରୁ ଚାଷୀଙ୍କୁ ଡିଏପି(୧୮୪୬) ୧୪୨୦ଟଙ୍କାରେ, ୟୁରିଆ ୩୪୦ଟଙ୍କା, ଓ ପଟାସ୍ ବସ୍ତା ପିଛା ୧୯୦୦ରେ ବିକ୍ରି କରାଯାଉଥିବା ବେଳେ ଚାଷୀମାନେ ଏହା ନକଲି ବୋଲି ଜଣା ପଡ଼ିବା ପରେ ସୋମବାର ଦିନ ନିଳଗିରି ବ୍ଲକକନଫରେନ୍ସ ହୋଲରେ ଚାଲିଥିବା ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିର ଅନେକଚାଷୀ ଅଟୋରେ ସାର୍ ଲୋଡ୍ କରି ଆଣିଥିଲେ । ଏନେଇ ଉପସ୍ଥିତ ଅଧିକାରୀଙ୍କୁ ଅଭିଯୋଗ କରିବା ସହ ତୁରନ୍ତ ସରକାରଙ୍କ ତରଫରୁ କିଏ ଚାଷୀଙ୍କୁ ଦେଉଛି, ନିଳଗିରି ବ୍ଲକର କୋଉ ଅଧିକାରୀଙ୍କ ଇଙ୍ଗିତରେ ଏମ୍ ବି କେ. ମାନଙ୍କ ଜରିଆରେ ପ୍ରଦାନ କରାଯାଉଛି, ଏସବୁ ସାରରେ ଲୁଣ ମିଶିଥିବାର ଚାଷୀମାନେ ଅଭିଯୋଗକୁ ଉପସ୍ଥିତ ବାଲେଶ୍ୱର ଏଡିଏମ୍, ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ଏନେଇ ଉପଯୁକ୍ତ ତଦନ୍ତ କରାଯିବା ସହ ଯଦି ସତଯତା ଥାଏ, ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରତିଶ୍ରୁତି ଦେବା ପରେ ଜନ ଶୁଣାଣି ଶିବିର ସ୍ୱାଭାବିକ ଚାଲିଥିଲା । ସୂଚନା ଅନୁଯାୟୀ ନୀଳଗିରି ବ୍ଲକର ୨୫ଟି ପଂଚାୟତରେ ଚାଷୀଙ୍କୁ ବିଭିନ୍ନ ପ୍ରକାରର ସାର ଯୋଗାଇ ଦେବା ପାଇଁ ଓରମାସ ପକ୍ଷରୁ ଯୋଗାଇ ଦିଆଯିବା ସହ ନିଳଗିରି ବ୍ଲକର ଡେପୁଟି ସି. ଓ. ଶାନ୍ତନୁ ବାନାର୍ଜୀ ଦାୟିତ୍ୱରେ ଥିବା ବେଳେ ପ୍ରତି ପଞ୍ଚାୟତରେ ଥିବା ଏମ ବି କେ ନିକଟରେ ଗଚ୍ଛିତ କରାଗଲା ପରେ ଚାଷୀମାନେ ତା ଠାରୁ ସରକାରଙ୍କ ଉଚିତ ମୂଲ୍ୟ ଦେଇ ସାର ନେଇ ପାରିବେ । ଡେପୁଟି ସି. ଓ. ନୀଳଗିରି ବ୍ଲକରେ ଏନ୍ ଜି ଓ, ପକ୍ଷରୁ ନିଯୁକ୍ତି ପାଇଥିବା ଏଫ. ଇ. ଓ. ସୁଶ୍ରୀ ପ୍ରଭା ରାଉତଙ୍କ ଜରିଆରେ ପଞ୍ଚାୟତକୁ ଯୋଗାଇ ଦିଆ ଯାଇଥାଏ । ନିଳଗିରି ବ୍ଲକର ମଛୁଆ ପଂଚାୟତରେ ଚାଷୀମାନେ ଅଭିଯୋଗ କରିଛନ୍ତି । ବିଜେପିର ଜିଲ୍ଲା କୃଷକ ମୋର୍ଚ୍ଚାର ସଭାପତି ସଭାପତି ତାପସ କୁମାର ମହାନ୍ତି ସମେତ ଅନେକ ଚାଷୀ ଉପସ୍ଥିତ ଥିଲେ । ଏନେଇ କୃଷି ବିଭାଗର କୌଣସି ସଂପୃକ୍ତି ନ ଥିବା ବେଳେ ଏହା ନକଲି କି ଅସଲି ସାର ତାର ନମୂନା ବାଲେଶ୍ୱର ଜିଲ୍ଲାର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିଶ୍ୱଜିତ୍ ପଣ୍ଡା ପ୍ରକାଶ କରିଛନ୍ତି । କେତେ ଟନ୍ ବିଭିନ୍ନ ପ୍ରକାର ସାର ଆସିଲା, ଚାଷୀଙ୍କୁ କେତେ ଦିଆଗଲା ସେସବୁର କୌଣସି ସଠିକ୍ କାଗଜପତ୍ର ନ ଥିବାର ଶୁଣିବାକୁ ମିଳୁଛି । ନିଳଗିରି ଭେଜି ଟେବୁଲ୍ ଆଗ୍ରୋ ପ୍ରୋଡିସର କମ୍ପାନୀ ନାମରେ ଏଭଳି କଳା ବଜାରୀ ହେଉଥିବାର ଦେଖିବାକୁ ମିଳିଛି । ନକଲି ସାର ବାବଦରେ ମଧ୍ୟ ନିଳଗିରି ଥାନାରେ ଅଭିଯୋଗ କରିଛନ୍ତି । ତେବେ ଦେଖିବାକୁ ବାକି ରହିଲା ମୋହନ ସରକାର ନକଲି ସାର କଳାବଜାରୀ ଉପରେ କି ପଦକ୍ଷେପ ନେଉଛନ୍ତି ।


**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
13001/1468/2627 ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବସାଇଟ୍ www.oshb.org.

ପତ୍ର ସଂଖ୍ୟା ୧୭୨ **ବିଜ୍ଞାପନ** ତା : ୨୯.୭.୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏଲସିଆର-୧୬୨ (LCR-162), ସି.ଏସ୍.ଏସ୍. ଛେଣ୍ଡ, ଫେଜ୍-୧, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ମମତା ଭୌମିକ, ସ୍ୱାମୀ- ଧିରେନ୍ଦ୍ର ନାଥ ଭୌମିକ, ଘର ନଂ ଏଲସିଆର-୧୬୨, ଫେଜ୍-୧, ଛେଣ୍ଡ, ରାଉରକେଲା-୧୫, ଜିଲ୍ଲା-ସୁନ୍ଦରଗଡ଼ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ମମତା ଭୌମିକ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ମୃତ୍ୟୁଞ୍ଜୟ ବାରିକ, ପିତା-ସ୍ୱର୍ଗତ ମାଗୁଣି ଚରଣ ବାରିକ, ସା-କାଣପୁର, ପୋ-କାଣପୁର, ଥାନା-କାଣପୁର, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13001/13030/1/26-27/0190

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-I. MALKANGIRI**
25001/913/2627 **NATIONAL COMPETITIVE BIDDING THROUGH e-Procurement**

**1st Corrigendum to Online Tender 04/RWD-I.MKG/2026-27 dt. 29.07.2026**

In Partial modification to this office tender call notice Online Tender 04/RWD-I, MKG/2026-27 dt.29.07.2026 availability of Tender on-line for bidding have been rescheduled as follows :

| Procurement Officer | Bid Identificaiton No. | No of Works | Availability of Tender on-line for bidding From | Availability of Tender on-line for bidding To | Last Date & Time of seeking tender clarification | Date and time of opening of tender |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Malkangiri | Online Tender -04/RWD-I, MKG/ 2026-27 | Total 14 nos (Single Cover) | 17.08.2026 from 11.00 AM | 29.08.2026 up to 5.00 PM | 28.08.2026 up to 5.00 PM | Tech Bid opening - 31.08.2026 at 11.00 AM |

OIPR : 25001/25058/1/26-27/0005
Sd/- Executive Engineer
R.W.Division-I, Malkangiri

Annexure-II

**Office of District Manager**
**Odisha State Civil Supplies Corporation Ltd. (OSCSC)**
**NABARNAGPUR**
7001/94/2627
**Phone: 9438200053**
**District Website: nabarangpurnic.in**

**Tender No. 07/2026,08/2026,09/2026,10/2026,11/2026 & 12/2026** **Dt. 11.08.2026**

District Manager, Odisha State Civil Supplies Corporation Ltd, Nabarangpur invites tenders in Double Cover System through ONLINE MODE ONLY for the works below:

| | | | |
|---|---|---|---|
| 1 | Name of the work | : | Selection and appointment of Transport Contractor for transportation of Paddy from Paddy purchase Centre to Rice Mill and CMR from Mills to Depots for the KMS 2025-26 |
| 2 | Availability of bid document in the portal | : | From 12.08.2026 |
| 3 | Last Date / Time for receipt of bids in the portal | : | Dt 27.08.2026 up to 5.00 P.M. |
| 4 | Date/Time of Opening of Technical Bid | : | Dt 28.08.2026 at 11.00 AM. |
| 5 | Name and address of the Officer Inviting Tender | : | District Manager, OSCSC Ltd, Nabarangpur |

Tender Documents & other details can be seen from the e-procurement portal www.oscsc.in, www.foododisha.in &www.tendersodisha.gov.in along with district website. Amendments /corrigendum /cancellation/ retenders etc. if any shall be published only in above websites.

OIPR : 7001/7045/1/26-27/0003
Sd/- District Manager
OSCSC Ltd. Nabarangpur



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୦୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୭୫୬୭୬୨୨, କେନ୍ଦୁଝର-ରବିନାରାୟଣରାଜ୍- ୯୪୩୭୩୩୭୨୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୭୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।



ଲୋକ ସେବା ଭବନରେ ବୁଧବାର ରାଜ୍ୟର ପୂର୍ବତନ ବିଧାୟକ ମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ସେମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ସମ୍ପର୍କରେ ଆଲୋଚନା କରିଛନ୍ତି ।

## ପୁରୀ ଗୋବର୍ଦ୍ଧନ ପୀଠ ଓ ସ୍ୱର୍ଗଦ୍ୱାର ବେଳାଭୂମିର ଉନ୍ନତିକରଣ ସମ୍ପର୍କରେ ସମୀକ୍ଷା

# ପୁରୀ ବେଳାଭୂମି ହେବ 'ଆଧ୍ୟାତ୍ମିକ ବେଳାଭୂମି' : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ) : ପୁରୀ ଗୋବର୍ଦ୍ଧନ ପୀଠର ସର୍ବାଙ୍ଗୀନ ବିକାଶ, ସୁରକ୍ଷା ଏବଂ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରସାର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ପୁରୀର ଆଧ୍ୟାତ୍ମିକ ଗରିମାକୁ ବଢ଼ାଇବା ସହ ପୀଠର ସମ୍ପତ୍ତିର ସୁରକ୍ଷା ପାଇଁ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ପୀଠର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ । ବୈଠକରେ ମୁଖ୍ୟମନ୍ତ୍ରୀ ପୁରୀ ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମିରେ ପ୍ରତିଦିନ ଅନୁଷ୍ଠିତ ହେଉଥିବା ପବିତ୍ର 'ସନ୍ଧ୍ୟା ମହୋଦଧି ଆରତୀ'ଦ ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି । ଏହି ଆରତୀ ସ୍ଥଳର ସୌନ୍ଦର୍ଯ୍ୟକରଣ କରାଯିବା ସହିତ ସନ୍ଧ୍ୟା ଆରତୀକୁ ଆହୁରି ଭବ୍ୟ ଆକାରରେ କରାଯିବ



ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସମଗ୍ର ପୁରୀ ବେଳାଭୂମିକୁ ଏକ ଭବ୍ୟ ଆଧ୍ୟାତ୍ମିକ ବେଳାଭୂମି ଭାବେ ବିକଶିତ କରିବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ଗୋବର୍ଦ୍ଧନ ପୀଠର ଜମି ଜମା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପୁରୁଣା ଲ୍ୟାଣ୍ଡ ସେଟେଲମେଣ୍ଟ ଦସ୍ତାବିଜ୍‌କୁ ପୁନର୍ବାର ସମ୍ପୂର୍ଣ୍ଣ ଯାଞ୍ଚ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କ ନିରାପତ୍ତା ଓ ପୀଠ ପରିସରର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଗୋବର୍ଦ୍ଧନ ପୀଠର ସମସ୍ତ ପୂର୍ବାଚାର୍ଯ୍ୟ ମାନଙ୍କ ପବିତ୍ର ସମାଧି ସ୍ଥଳର ସୁରକ୍ଷା ଓ ସଂରକ୍ଷଣ ଉପରେ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ । ମଠର ପାରିପାର୍ଶ୍ୱିକ ବିକାଶ ସହିତ ମଠ ପରିସରରେ ଥିବା 'ଶ୍ରୀ ଗୋବର୍ଦ୍ଧନ ଗୋଶାଳାର ସୁପରିଚାଳନା ପାଇଁ ଆବଶ୍ୟକୀୟ ସୁବିଧା ସୁଯୋଗ ଯୋଗେଇଦେବା ଉପରେ ବୈଠକରେ ଆଲୋଚନା ହୋଇଥିଲା । ଏହି ବୈଠକରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୋବର୍ଦ୍ଧନ ପୀଠର ସାଧୁସନ୍ଥ ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ପୀଠର ଉନ୍ନତି ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି. କେ. ସିଂହ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ, ଆଇନ ସଚିବ ଡକ୍ଟର ପବିତ୍ର ମୋହନ ସାମଲ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଏବଂ ପୁରୀ ଏସପି ପ୍ରତୀକ ସିଂହ ପ୍ରମୁଖ ଯୋଗଦେଇଥିଲେ । ଏହା ସହିତ ଗୋବର୍ଦ୍ଧନ ପୀଠର ବ୍ୟବସ୍ଥା ପ୍ରମୁଖ ପ୍ରଫୁଲ୍ଲ ଚୈତନ୍ୟ ମହାରାଜ, ଆଦିତ୍ୟ ବାହିନୀ ମୁଖ୍ୟ ପୀଠ ପ୍ରତିନିଧି ମାତୃ ପ୍ରସାଦ ମିଶ୍ର ତଥା ଅନ୍ୟାନ୍ୟ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ବିଧାୟକ ପ୍ରକାଶ ସେଠୀଙ୍କ ଜିଦ୍ କୁ ମାନିନେଲେ କର୍ତ୍ତୃପକ୍ଷ, ହଟିଲେ ଚିଫ୍ ୱାର୍ଡେନ

## ଡେପୁଟି ୱାର୍ଡେନ ରବିଉଲ୍ ଅନସାରୀଙ୍କୁ ହଷ୍ଟେଲ ଦାୟିତ୍ୱରୁ ସମ୍ପୂର୍ଣ୍ଣ ଅବ୍ୟାହତି

କଟକ, (ସବ୍ୟୁ) :ଶିକ୍ଷକ ଏବଂ କଟକ ସଦର ବିଧାୟକଙ୍କ ବିବାଦ ମଧ୍ୟରେ ବାଜି ମାରିଛନ୍ତି ବିଧାୟକ ପ୍ରକାଶ ସେଠୀ । ତାଙ୍କ ଜିଦ୍ କୁ ଏକ ପ୍ରକାର ମାନି ନେଇଛନ୍ତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ । ବଦଳିଛନ୍ତି ରେଭେନ୍ସା ବିଶ୍ୱବିଦ୍ୟାଳୟର ଚିଫ ୱାର୍ଡେନ । ପ୍ରଫେସର ସୁଦର୍ଶନ ମିଶ୍ରଙ୍କ ସ୍ଥାନରେ ରସାୟନ ବିଭାଗର ପୂର୍ଣ୍ଣେନ୍ଦୁ ପାଢ଼ୀଙ୍କୁ ଚିଫ୍ ୱାର୍ଡେନ ଭାବେ ଦାୟିତ୍ୱ ଦିଆଯାଇଛି । ସେହିଭଳି ଦୁଇ ଡେପୁଟି ଚିଫ୍ ୱାର୍ଡେନଙ୍କୁ ମଧ୍ୟ ବଦଳି କରାଯାଇ ଥିବାବେଳେ ୮ ଜଣ ଲେଖାଏଁ ୱାର୍ଡେନ ସମେତ ଡେପୁଟି ୱାର୍ଡେନଙ୍କୁ ପରିବର୍ତ୍ତନ କରାଯାଇଛି । ସେମାନଙ୍କୁ ମଧ୍ୟରୁ କିଛି ନୂଆ ଦାୟିତ୍ୱ ପାଇଥିବାବେଳେ ଆଉ କିଛି ଜଣଙ୍କର ଅନ୍ୟ ହଷ୍ଟେଲକୁ ବଦଳି ହୋଇଛି । ବିଶେଷ କରି ଯେଉଁ ଡେପୁଟି ୱର୍ଡେନଙ୍କୁ ନେଇ ବିବାଦ ଏତେ ବାଟ ଯାଇଥିଲା, ସମ୍ପୃକ୍ତ ଡେପୁଟି ୱାର୍ଡେନ ରବିଉଲ୍ ଅନସାରୀଙ୍କୁ ହଷ୍ଟେଲ ଦାୟିତ୍ୱରୁ ସମ୍ପୂର୍ଣ୍ଣ ଭାବେ ବାଦ୍ ଦିଆଯାଇଛି । ପୂର୍ବରୁ ଚିଫ୍ ୱାର୍ଡେନ ଏବଂ ଡେପୁଟି ୱାର୍ଡେନଙ୍କ ବଦଳି ହେଲେ ଏହି ବିବାଦ ସମାଧାନ ହେବ ବୋଲି କଟକ ସଦର ବିଧାୟକ ପ୍ରକାଶ ସେଠୀ କହିଥିଲେ । ସେହି ଦୃଷ୍ଟିରୁ ରେଭେନ୍ସାରେ ଦୀର୍ଘଦିନ ଧରି ଚାଲିଥିବା ବିବାଦ ପୂର୍ଣ୍ଣଚ୍ଛେଦ ପଡ଼ିବା ନେଇ ସମ୍ଭାବନା ସୃଷ୍ଟି ହୋଇଛି । ରେଭେନ୍ସା ବିଶ୍ୱବିଦ୍ୟାଳୟର ଇଷ୍ଟ ହଷ୍ଟେଲ ଛାତ୍ରଙ୍କ ଆନ୍ଦୋଳନରୁ ଏହି ବିବାଦ ଆରମ୍ଭ ହୋଇଥିଲା । ଅନ୍ତେବାସୀଙ୍କ ସମସ୍ୟାର ସମାଧାନ ନେଇ ଚାଲିଥିବା ବୈଠକରେ ଚିଫ୍ ୱାର୍ଡେନ ଏବଂ ବିଧାୟକ ଶ୍ରୀ ସେଠୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା । ଏପରିକି ଉଭୟ ନିଜ ନିଜ ବିରୋଧରେ ଦୁର୍ବ୍ୟବହାର ନେଇ ଅଭିଯୋଗ ଆଣିଥିଲେ । ଶିକ୍ଷକ ସଂଘ ପଦଯାତ୍ରା ମାଧ୍ୟମରେ ବିଧାୟକଙ୍କ କ୍ଷମା ପ୍ରାର୍ଥନା ଦାବି କରିଥିଲେ । ଚିଫ୍ ୱାର୍ଡେନଙ୍କ ସମେତ ସବୁ ୱାର୍ଡେନ ଏବଂ ଡେପୁଟି ୱାର୍ଡେନ ସମୂହ ଇସ୍ତଫା ଦେଇଥିଲେ । ଏପଟେ ବିଧାୟକ ଶ୍ରୀ ସେଠୀ ଦୁର୍ବ୍ୟବହାର ନେଇ ଚିଫ୍ ୱାର୍ଡେନ ପ୍ରଫେସର ମିଶ୍ରଙ୍କ ବିରୋଧରେ ବାଚସ୍ପତିଙ୍କୁ ଚିଠି ଲେଖିଥିଲେ । ଉକ୍ତ ଚିଠିକୁ ବିଧାୟକ ପ୍ରତ୍ୟାହାର କରନ୍ତୁ ବୋଲି ଶିକ୍ଷକ ସଂଘ ଦାବି କରିଥିଲେ । ତେବେ ଆଜି ରେଭେନ୍ସା କର୍ତ୍ତୃପକ୍ଷ ସବୁ ହଷ୍ଟେଲରେ ପଦାଧିକାରୀଙ୍କୁ ବଦଳି କରିଛନ୍ତି । ଚିଫ୍ ୱାର୍ଡେନ ଶ୍ରୀ ପାଢ଼ୀଙ୍କ ବ୍ୟତୀତ ପ୍ରଫେସର ଦୀପ୍ତି ରାଉତ ଓ ଡ. ଦ୍ୟୁତିକୃଷ୍ଣ ବେହେରାଙ୍କୁ ଡେପୁଟି ଚିଫ୍ ୱାର୍ଡେନ ଦାୟିତ୍ୱ ମିଳିଛି । ସେହିଭଳି ଜଗନ୍ନାଥ ଛାତ୍ରାବାସର ଡେପୁଟି ୱାର୍ଡେନ ଭାବେ ଡ. ଚିନ୍ମୟ ମଲ୍ଲିକ, ୱେଷ୍ଟ ହଷ୍ଟେଲର ୱାର୍ଡେନ ଭାବେ ସୀତାରାମ ମହାପାତ୍ର ଓ ଡେପୁଟି ୱାର୍ଡେନ ମହମ୍ମଦ ରହିମୁଲା ଅସରଫ, ଇଷ୍ଟ ହଷ୍ଟେଲର ୱାର୍ଡେନ ଭାବେ ଯଯାତି ନାୟକ ଓ ଡେପୁଟି ୱାର୍ଡେନ ରାଜା କିଶୋର ପୃଷ୍ଟି, ଲଳିତଗିରି ଛାତ୍ରାବାସର ୱାର୍ଡେନ ଭାବେ ଦିପ୍ତୀ ରଞ୍ଜନ ମହାରଣା ଓ ଡେପୁଟି ୱାର୍ଡେନ ଜିତେନ୍ଦ୍ର ସାବର, ପରିଜା ହଷ୍ଟେଲର ଡେପୁଟି ୱାର୍ଡେନ ସେଞ୍ଜୁତି ନନ୍ଦୀ, କାଠଯୋଡ଼ି ହଷ୍ଟେଲର ୱାର୍ଡେନ ରୂପେ ମନୋସ୍ମିତା ମହାପାତ୍ର ଓ ଡେପୁଟି ୱାର୍ଡେନ ମଧୁସ୍ମିତା ରାଉତ, ମହାନଦୀ ଛାତ୍ରୀନିବାସ ୱାର୍ଡେନ ବିନୋଦିନୀ ମାଝୀ, ଦେବୀ ହଷ୍ଟେଲର ୱାର୍ଡେନ ବନଜାରାଣୀ ପଣ୍ଡା, ଦୟା ହଷ୍ଟେଲ ୱାର୍ଡେନ ଡ. ସଂଘମିତ୍ରା ବେହେରା ଓ ଡେପୁଟି ୱାର୍ଡେନ ମାଳିନୀ ପ୍ରଭା ସେଠୀ, ଭାର୍ଗବୀ ହଷ୍ଟେଲର ୱାର୍ଡେନ ଯାଜ୍ଞସେନୀ ରାଉତ ଓ ଡେପୁଟି ୱାର୍ଡେନ ଭାବେ ରତ୍ନ ପାତ୍ରଙ୍କୁ ଦାୟିତ୍ୱ ଦାୟିତ୍ୱ ପ୍ରଦାନ କରାଯାଇଛି । ଏନେଇ ଆଜି ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

# ଟେଟ୍ରାହେଡ୍ରନରେ ଅନ୍ତର୍ଜାତୀୟ ଯୁବ ଦିବସ

## ଜିଲ୍ଲା ସ୍ତରୀୟ ଆଇସି ଅଭିଯାନ ଉଦ୍‌ଘାଟନ

କଟକ,(ସବ୍ୟୁ):କଟକ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆୟୋଜନରେ ଏବଂ ଓଡ଼ିଶା ରାଜ୍ୟ ଏଡ଼ସ ନିୟନ୍ତ୍ରଣ ସଂସ୍ଥା ସହଯୋଗରେ ଓଡ଼ିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ ସମ୍ମିଳନୀ କକ୍ଷରେ ଆନ୍ତର୍ଜାତୀୟ ଯୁବ ଦିବସ ଓ ଜିଲ୍ଲା ସ୍ତରୀୟ ଆଇସି ଅଭିଯାନ ବୁଧବାର ଉଦଘାଟିତ ହୋଇଯାଇଛି । ଜିଲ୍ଲା ଯୁବ ରେଡକ୍ରସର କନଭେନର ଡ଼ ସସ୍ମିତା ପଟ୍ଟନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଡିପିଏଚଓ ମନ୍ଦାକିନୀ ବେହେରା, ଏଡିପିଏଚଓ ଡ଼ ଅଶୋକ କୁମାର ଦାସ, ରାଜ୍ୟ ଯୁବ ରେଡକ୍ରସ୍ ସଂଯୋଜକ ଗୋପାଳ କୃଷ୍ଣ ମିଶ୍ର, ଜିଲ୍ଲା ସଂଯୋଜକ ଅକ୍ଷୟ କୁମାର ମହାନ୍ତି ଓ ପରାମର୍ଶଦାତା ଅଞ୍ଜଳି ଦାଶ ପ୍ରମୁଖ ଯୋଗଦେଇ ଯକ୍ଷ୍ମା



ଓ ଏଡ଼ସ ରୋଗର ନିରାକରଣ ଉପରେ ଆଲୋକପାତ କରିବା ସହ ଆନ୍ତର୍ଜାତୀୟ ଯୁବ ଦିବସର ଲକ୍ଷ୍ୟ ଉପରେ ବିସ୍ତୃତ ବାଖ୍ୟା କରିଥିଲେ । ଏହି ଅବସରରେ ଜିଲ୍ଲା ସ୍ତରୀୟ ଆଇସି ଅଭିଯାନର ଶୁଭାରମ୍ଭ ହୋଇଥିଲା । କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ସମେତ ଯୁବଗୋଷ୍ଠୀ ଯୋଗଦେଇଥିଲେ । ଟେଟ୍ରାହେଡ୍ରନର କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ ।

# ପ୍ରକାଶ ପାଇଲା ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ : ପାସ୍ ହାର ୬୩.୬୪ ପ୍ରତିଶତ

କଟକ,(ସବ୍ୟୁ): ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି । ଏହି ପରୀକ୍ଷାରେ ମୋଟ ୫,୭୬୦ ଜଣ ଛାତ୍ରଛାତ୍ରୀ ଅବତୀର୍ଣ୍ଣ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩,୬୬୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ଚଳିତ ବର୍ଷ ମୋଟ ପାସ ହାର ୬୩.୬୪ ପ୍ରତିଶତ ରହିଛି । ଅନ୍ୟପଟେ ୨,୦୯୪ ଜଣ ପରୀକ୍ଷାର୍ଥୀ ଏହି ପରୀକ୍ଷାରେ ଫେଲ ହୋଇଛନ୍ତି । ଏ୧ ଗ୍ରେଡ୍ ରେ ଜଣେ ହେଲେ ବି ଉତ୍ତୀର୍ଣ୍ଣ ହୋଇପାରିନାହାନ୍ତି । ତେବେ ଏ-୨ ଗ୍ରେଡ୍ ୫ ଜଣ, ୧୨ ଜଣ ବି-୧, ୫୩ ଜଣ ବି-୨,୧୯୨ ଜଣ ସି ,୫୩୬ ଜଣ ଡି ଓ ୨,୫୯୩ ଜଣ ଇ-ଗ୍ରେଡ ପାଇ ପାସ କରିଛନ୍ତି । କମ୍ପାର୍ଟମେଣ୍ଟାଲରେ ୨୭୫ ଜଣ ଉତ୍ତୀର୍ଣ୍ଣ ହୋଇଥିବା ନେଇ ସୂଚନା ଦେଇଛନ୍ତି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ । ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ (ଓପନ୍ ସ୍କୁଲ) ପରୀକ୍ଷାରେ ୮,୬୯୮ ଜଣ ଛାତ୍ରଛାତ୍ରୀ ଅବତୀର୍ଣ୍ଣ ହୋଇଥିବା ବେଳେ ୫,୪୫୦ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏହି ପରୀକ୍ଷାରେ ପାସ୍ ହାର ୬୨.୬୫ ପ୍ରତିଶତ ରହିଥିବା ବେଳେ ୩,୧୮୫ ଜଣ ପରୀକ୍ଷାର୍ଥୀ ଫେଲ୍ ହୋଇଛନ୍ତି । ଏହି ପରୀକ୍ଷାରେ ଏ-୧ ଗ୍ରେଡରେ କେହି ଉତ୍ତୀର୍ଣ୍ଣ ହୋଇନଥିବା ବେଳେ ୧୦ଜଣ ଏ-୨,୧୦୯ଜଣ ବି-୧, ୪୦୧ଜଣ ବି-୨, ୮୬୮ଜଣ ସି ,୧୫୧୪ଜଣ ଡି ଓ ୨୫୪୮ ଜଣ ଇ ଗ୍ରେଡରେ ପାସ କରିଛନ୍ତି ।

# ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲରେ ତମାଖୁ ବର୍ଜନ ଦିବସ

କଟକ, (ସ୍ୱପ୍ର) : ଡିଏଭି ଏସ୍.ସି.ବି. ମେଡିକାଲ ପବ୍ଲିକ ସ୍କୁଲ୍ ଓ କଟକ ମହାନଗର ନିଗମର ମିଳିତ ସହଯୋଗରେ ବିଦ୍ୟାଳୟ ପରିସରରେ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ କଟକ ମହାନଗର ନିଗମର କମିଶନର କିରନଦୀପ କୌର ସହୋତା ମୁଖ୍ୟଅତିଥି ଭାବେ ଯୋଗଦେଇ ତମାଖୁ ମୁକ୍ତ ଶିକ୍ଷାନୁଷ୍ଠାନ ଗଠନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଡା. ସତ୍ୟବ୍ରତ ମହାପାତ୍ର, ଡା. ଦୀପା ପଟ୍ଟନାୟକ, ପ୍ରଫେସର ନିରଞ୍ଜନ ମିଶ୍ର, ଡା. ସୁଭାଷ ଚନ୍ଦ୍ର ଦାସ ଏବଂ ୨୪ ନମ୍ବର ୱାର୍ଡର କର୍ପୋରେଟର ମୀନା ସାହୁ, ଏମଡିଏ ସଭାପତି ସଞ୍ଜୟ




ଜେନା ଯୋଗଦେଇ ନିଜ ନିଜ ବକ୍ତବ୍ୟରେ ତମାଖୁ ଭୟାବହ କୁପରିଣାମ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ସହ ଶିକ୍ଷାନୁଷ୍ଠାନଗୁଡ଼ିକୁ ତମାଖୁ ମୁକ୍ତ ରଖିବା ପାଇଁ ସମସ୍ତଙ୍କ ସକ୍ରିୟ ସହଯୋଗର ଆହ୍ୱାନ ଦେଇଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ଡଃ. ନିରଞ୍ଜନ ସ୍ୱାଇଁ ନିଜ ଅଭିଭାଷଣରେ ଯୁବପିଢ଼ିଙ୍କୁ ତମାଖୁ ଜାତୀୟ ପଦାର୍ଥର ଅପବ୍ୟବହାର ପ୍ରତି ସଜାଗ ରହିବାକୁ ଆହ୍ୱାନ ଜଣାଇଥିଲେ । ଏହି ସଚେତନତାମୂଳକ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ସୁପରଭାଇଜର୍, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ତମାଖୁବର୍ଜନ ବାର୍ତ୍ତାକୁ ସମାଜର ପ୍ରତ୍ୟେକ ସ୍ତରରେ ପହଞ୍ଚାଇବାର ସଂକଳ୍ପ ପତ୍ର ପାଠ କରିଥିଲେ ।

# ଆତ୍ମନିର୍ଭର ଭାରତ ପାଇଁ କୋଇଲା ଗ୍ୟାସିଫିକେସନ ଜରୁରୀ- ସିଜିଏଆଇ

ଭୁବନେଶ୍ୱର, (ସବ୍ୟୁ) : କୋଇଲା ଗ୍ୟାସିଫିକେସନ କ୍ଷେତ୍ରରେ ଅଗ୍ରଣୀ ଶୀର୍ଷ ସଂଗଠନ କୋଲ ଗ୍ୟାସିଫାୟର୍ସ ଆସୋସିଏସନ ଅଫ ଇଣ୍ଡିଆ (ଉଏଇଓ), ପକ୍ଷରୁ ଭୁବନେଶ୍ୱରରେ "କୋଇଲା ଗ୍ୟାସିଫିକେସନ୍‌ରେ ଆହ୍ୱାନ, ସୁଯୋଗ ଏବଂ ନୂତନ ପ୍ରଯୁକ୍ତି" ଶୀର୍ଷକ ଏକ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଦେଶରେ ଗଚ୍ଛିତ ବିପୁଳ କୋଇଲା ଭଣ୍ଡାର ଓ କୋଇଲା ମନ୍ତ୍ରାଳୟ ପକ୍ଷରୁ ପ୍ରଦତ୍ତ ଆର୍ଥିକ ସହାୟତା (ଭାଏବିଲିଟି ଗ୍ୟାପ୍ ଫଣ୍ଡିଂ ଯୋଜନା)କୁ ଆଧାର କରି ଦେଶର ଇନ୍ଧନ ଆତ୍ମନିର୍ଭରଶୀଳତା ହାସଲ ପାଇଁ କୋଇଲା ଗ୍ୟାସିଫିକେସନ ବୃଦ୍ଧି ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ଏହି ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀରେ କୋଲ ଇଣ୍ଡିଆ, ମହାନଦୀ କୋଲଫିଲ୍ଡସ, ସାଉଥ ଇଷ୍ଟର୍ଣ୍ଣ କୋଲ ଫିଲ୍ଡସ, ଗେଲ, ଏନଟିପିସି ଓ ଜିନ୍ଦଲ ଷ୍ଟିଲ ସମେତ ଶ୍ରୀଲଙ୍କାରୁ ଆସିଥିବା ଅନ୍ତର୍ଜାତୀୟ ପ୍ରତିନିଧି ମଣ୍ଡଳୀ ଓ କାନାଡାରୁ ପ୍ରଯୁକ୍ତି ବିଶେଷଜ୍ଞ ଯୋଗଦେଇଥିଲେ । ସମ୍ମିଳନୀରେ ୨୫ରୁ ଅଧିକ ବିଶେଷଜ୍ଞ ବକ୍ତା ବୈଷୟିକ ପ୍ରବନ୍ଧ ଉପସ୍ଥାପନ କରି ଭାରତୀୟ ଉଚ୍ଚ ପାଉଁଶ ସୃଷ୍ଟିକାରୀ କୋଇଲାର ପ୍ରକ୍ରିୟାକରଣ ପାଇଁ ଆଧୁନିକ ସମାଧାନ ଏବଂ ଜରୁରୀ ରାସାୟନିକ ପଦାର୍ଥର ଘରୋଇ ଉତ୍ପାଦନ ମାଧ୍ୟମରେ ବିଦେଶୀ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବାର




ଉପାୟ ସମ୍ପର୍କରେ ଆଲୋଚନା କରିଥିଲେ । ଏନଟିପିସି ଏବଂ ଜିନ୍ଦଲ ଷ୍ଟିଲ୍‌ର ଶୀର୍ଷ ଅଧିକାରୀମାନେ ଆତ୍ମନିର୍ଭରଶୀଳ ଭାରତର ଜାତୀୟ ଲକ୍ଷ୍ୟ ସହ ସିଧାସଳଖ ଭାବେ ସମ୍ପୃକ୍ତ ବିଭିନ୍ନ ପ୍ରମୁଖ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରତିନିଧିମାନେ ଜିନ୍ଦଲ ଷ୍ଟିଲ୍‌ର ଅନୁଗୋଳସ୍ଥିତ ପ୍ଲାଣ୍ଟ ପରିଦର୍ଶନ କରିଥିଲେ । ଏହି ଅବସରରେ ସେମାନେ ସେଠାରେ ଥିବା ଭାରତର ପ୍ରଥମ 'ସିଜିପି-ଡିଆରଆଇ' ବ୍ୟବସ୍ଥା ପରିଦର୍ଶନ କରିଥିଲେ, ଯେଉଁଠାରେ କୋଲ ଗ୍ୟାସିଫିକେସନ ବ୍ୟବସ୍ଥାର ବ୍ୟବହାର କରାଯାଇ ଉଚ୍ଚମାନର ଇସ୍ପାତ ଉତ୍ପାଦନ କରାଯାଉଛି । ଅନୁଗୁଳ ପ୍ଲାଣ୍ଟ, ଦେଶର ପ୍ରଥମ ଇସ୍ପାତ ଉତ୍ପାଦନକାରୀ ପ୍ଲାଣ୍ଟ, ଯେଉଁଠାରେ 'ସିଜିପି-ଡିଆରଆଇ'ର ସୁବିଧା ରହିଛି ଏବଂ ଏହା ଦେଶରେ କୋଇଲାର ଅଭିନବ ବ୍ୟବହାରର ଏକ ଉଲ୍ଲେଖନୀୟ ଉଦାହରଣ । ଉନ୍ନତମାନର ପ୍ରଯୁକ୍ତି, ଆଧୁନିକ ଉତ୍ପାଦନ ସୁବିଧା, ଦକ୍ଷତା ଏବଂ ସ୍ଥାୟିତ୍ୱ ଉପରେ ଗୁରୁତ୍ୱ ଦେଉଥିବା ଜିନ୍ଦଲ ଷ୍ଟିଲ୍‌ର ଅନୁଗୋଳ ପ୍ଲାଣ୍ଟ ଭାରତର ଅତ୍ୟାଧୁନିକ ଇସ୍ପାତ କାରଖାନା ମଧ୍ୟରୁ ଅନ୍ୟତମ । ପ୍ରତିନିଧିମାନେ ପ୍ଲାଣ୍ଟର କାର୍ଯ୍ୟପ୍ରଣାଳୀକୁ ପ୍ରଶଂସା କରିବା ସହ ଦେଶର ସର୍ବବୃହତ୍ ବ୍ଲାଷ୍ଟ ଫର୍ନେସ୍ ଏବଂ ପ୍ଲାଣ୍ଟର ବିଭିନ୍ନ ସୁବିଧା ସମ୍ପର୍କରେ ଅବଗତ ହୋଇଥିଲେ । ଏଥିସହ ପ୍ଲାଣ୍ଟର ସମ୍ପ୍ରସାରଣ କାର୍ଯ୍ୟକ୍ରମରେ ଗ୍ରହଣ କରାଯାଉଥିବା ବିଶ୍ୱସ୍ତରୀୟ ସର୍ବୋତ୍ତମ ପ୍ରଚଳିତ ବ୍ୟବସ୍ଥା ଏବଂ ଉନ୍ନତ ପ୍ରଯୁକ୍ତି ସମ୍ପର୍କରେ ସେମାନେ ପ୍ରତ୍ୟକ୍ଷ ଜ୍ଞାନ ହାସଲ କରିଥିଲେ । ସମ୍ମିଳନୀରେ ଜିନ୍ଦଲ ଷ୍ଟିଲ୍‌ର ପରାମର୍ଶଦାତା ତଥା କୋଲ୍ ଗ୍ୟାସିଫାୟର୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆର ସଭାପତି ସଞ୍ଜୟ ସିଂହ, ମହାସଚିବ ଡ. ଏ.କେ. ବାଲ୍ୟାନ୍, ଉପସଭାପତି ତଥା କୋଇଲା ଗ୍ୟାସିଫିକେସନ୍ ବିଶେଷଜ୍ଞ କପିଲ ଧଗତ ଏବଂ ଗେଲର ବ୍ୟବସାୟ ବିକାଶ ନିର୍ଦ୍ଦେଶକ ଆର୍.କେ. ସିଙ୍ଘଲ ପ୍ରମୁଖ ଉପସ୍ଥିତ ଥିଲେ । ଓଡ଼ିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ।

# ପ୍ରଖ୍ୟାତ ଶିକ୍ଷାବିତ୍ ଓ ଶିକ୍ଷା ପ୍ରଶାସକ ପ୍ରଫେସର ଡ. ବିଶ୍ୱମୋହନ ମିଶ୍ରଙ୍କ ପରଲୋକ

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟର ପ୍ରଖ୍ୟାତ ଶିକ୍ଷାବିତ୍ତ, ରାଜନୀତି ବିଜ୍ଞାନର ପୂର୍ବତନ ପ୍ରଫେସର ଓ ଶିକ୍ଷା ପ୍ରଶାସକ ପ୍ରଫେସର ଡ ବିଶ୍ୱମୋହନ ମିଶ୍ରଙ୍କ ପରଲୋକ ଘଟିଛି । ମୁମ୍ବାଇ ସ୍ଥିତ ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ମଙ୍ଗଳବାର ତାଙ୍କର ପରଲୋକ ଘଟିଛି । ସେ ଗତ କିଛି ସମୟ ଧରି ଅସୁସ୍ଥ ଥିବା ବେଳେ ଚିକିତ୍ସାଧିନ ଅବସ୍ଥାରେ ଥିଲେ । ସେ ଖଲ୍ଲିକୋଟ କଲେଜ (ବର୍ତ୍ତମାନର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ)ର ଅଧ୍ୟକ୍ଷ, ଉତ୍କଳ ବିଶ୍ୱବିଦ୍ୟାଳୟର ଏକାଡେମିକ୍ ଷ୍ଟାଫ୍ କଲେଜର ନିର୍ଦ୍ଦେଶକ ତଥା କେନ୍ଦ୍ରାପଡ଼ା କଲେଜ, ଯାଜପୁରର ଏନ୍.ସି. କଲେଜ ଓ ନୟାଗଡ଼ କଲେଜର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ । ତାଙ୍କ ତତ୍ତ୍ୱାବଧାନରେ ଅନେକ ଗବେଷକ ଉଚ୍ଚତର ଡିଗ୍ରୀ ହାସଲ କରିଥିଲେ । ପୁରୀ ଜିଲ୍ଲାର ବୀରପ୍ରତାପପୁର ଗାଁର ଏକ ସାମାଜିକ ଚେତନା ସମ୍ପନ୍ନ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ । ପ୍ରଫେସର ଡ ମିଶ୍ର ପୁରୀର ଏସ୍.ସି.ଏସ୍. କଲେଜରୁ ସ୍ନାତକ ଓ ଆଲାହାବାଦ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ । ଏହାପରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଲୋକ ପ୍ରଶାସନରେ ଡି.ଲିଟ୍ ଡିଗ୍ରୀ ପ୍ରାପ୍ତ କରିଥିଲେ । ସେ ତାଙ୍କ ସମୟର ଜଣେ ଲୋକପ୍ରିୟ ଶିକ୍ଷକ ଥିଲେ । ତାଙ୍କ ଅନେକ ଛାତ୍ରଛାତ୍ରୀ ସିଭିଲ୍ ସର୍ଭିସ୍‌ରେ ଯୋଗ ଦେଇ ପ୍ରାଶାସନିକ ସେବାରେ ନିୟୋଜିତ ରହିଛନ୍ତି । ସେ ଚାକିରୀରୁ ଅବସର ଗ୍ରହଣ କରିବା



ପରେ ମୁମ୍ବାଇରେ ତାଙ୍କ ଝିଅଙ୍କ ପାଖରେ ରହୁଥିଲେ । ଯୁବାବସ୍ଥାରେ ସେ ଜଣେ ଉଚ୍ଚକୋଟିର ସକ୍ରିୟ ବକ୍ତା ଓ ଲେଖକ ଥିଲେ । ଅନ୍ତର୍ଜାତିକ ଆଇନ ସମ୍ବନ୍ଧୀୟ ଅନେକ ଗୁରୁତ୍ୱପୂର୍ଣ୍ଣ ପୁସ୍ତକକୁ ଓଡ଼ିଆ ଭାଷାରେ ଅନୁବାଦ କରିଥିଲେ । ଛାତ୍ରଛାତ୍ରୀ ଓ କର୍ମଚାରୀ ମାନଙ୍କ ମଧ୍ୟରେ ତାଙ୍କ ବିନମ୍ରତା ଓ ଲୋକପ୍ରିୟତା ପାଇଁ ସେ ସର୍ବଦା ପରିଚିତ ଥିଲେ ।ପ୍ରଫେସର ମିଶ୍ରଙ୍କ ଦୁଇଟି ସନ୍ତାନ ଅଛନ୍ତି । ଜଣେ ପୁତ୍ର ଡକ୍ଟର ସନ୍ତୃପ୍ତ ମିଶ୍ର (ବର୍ତ୍ତମାନ ରାଜ୍ୟସଭା ସଦସ୍ୟ) ଓ କନ୍ୟା ଡକ୍ଟର ଲିପ୍ସା ମିଶ୍ର (ଅବସରପ୍ରାପ୍ତ ପ୍ରଫେସର) । ତାଙ୍କ ପତ୍ନୀ ଶ୍ରୀମତୀ ସରଜୁବାଲା ମିଶ୍ର ୬୪ ବର୍ଷରେ ପଦାର୍ପଣ କରିଛନ୍ତି । ତାଙ୍କ ପରଲୋକରେ ଅନେକ ପ୍ରଶଂସକ ଓ ବିଭିନ୍ନ ଜନପ୍ରତିନିଧି ଗଭୀର ଶୋକ ପ୍ରକାଶ କରିଛନ୍ତି ।

# କିମ୍ସ ଏଣ୍ଡୋକ୍ରାଇନୋଲୋଜି ବିଶେଷଜ୍ଞ ଡା. ସମ୍ବିତ ଦାସ

## ଏଣ୍ଡୋକ୍ରାଇନ୍ ସୋସାଇଟି ଅଫ୍ ଇଣ୍ଡିଆ ସଭାପତି

ଭୁବନେଶ୍ୱର, (ସବ୍ୟୁ) : କିମ୍ସ ଭୁବନେଶ୍ୱରର ଏଣ୍ଡୋକ୍ରାଇନୋଲୋଜି ବିଭାଗର ପ୍ରଫେସର ତଥା ବିଭାଗୀୟ ମୁଖ୍ୟ ଡା. ସମ୍ବିତ ଦାସ ଦେଶର ଏଣ୍ଡୋକ୍ରାଇନୋଲୋଜି କ୍ଷେତ୍ରର ଅନ୍ୟତମ ପ୍ରତିଷ୍ଠିତ ବୃତ୍ତିଗତ ସଂଗଠନ ଏଣ୍ଡୋକ୍ରାଇନ୍ ସୋସାଇଟି ଅଫ୍ ଇଣ୍ଡିଆର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ୧୯୭୨ ମସିହାରେ ପ୍ରତିଷ୍ଠିତ ଏଣ୍ଡୋକ୍ରାଇନ୍ ସୋସାଇଟି ଅଫ୍ ଇଣ୍ଡିଆ ଦେଶର ଏଣ୍ଡୋକ୍ରାଇନୋଲୋଜି ବିଶେଷଜ୍ଞମାନଙ୍କର ସର୍ବବୃହତ ସଂଗଠନ । ଗତ ୪୦ ବର୍ଷ ମଧ୍ୟରେ ଡା. ଦାସ ପ୍ରଥମ ଓଡ଼ିଆ ଏଣ୍ଡୋକ୍ରାଇନୋଲୋଜିଷ୍ଟ ଭାବେ ଏହି ସଂଗଠନର ସଭାପତି ନିର୍ବାଚିତ ହୋଇଥିବା



କୁହାଯାଉଛି । ଏଥିସହ ସଂଗଠନର ଇତିହାସରେ ସେ ଏହି ପଦବୀ ଅଳଙ୍କୃତ କରିଥିବା ସର୍ବକନିଷ୍ଠ ସଭାପତି ହେବାର ଗୌରବ ମଧ୍ୟ ଅର୍ଜନ କରିଛନ୍ତି । ଜଣେ ବିଶିଷ୍ଟ ଚିକିତ୍ସକ, ନିଷ୍ଠାବାନ ଶିକ୍ଷକ ଏବଂ ସଫଳ ଗବେଷକ ଭାବେ ଡା. ଦାସ ଏଣ୍ଡୋକ୍ରାଇନୋଲୋଜି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଛନ୍ତି । ସେ ବର୍ତ୍ତମାନ ଇଏସଆଇର ଉପସଭାପତି ଭାବେ କାର୍ଯ୍ୟ କରୁଥିବାବେଳେ ସାଉଥ୍ ଏସିଆନ୍ ଫେଡେରେସନ୍ ଅଫ୍ ଏଣ୍ଡୋକ୍ରାଇନ୍ ସୋସାଇଟିଜର କାର୍ଯ୍ୟକାରୀ କମିଟି ସଦସ୍ୟ ମଧ୍ୟ ଅଛନ୍ତି । ଦୀର୍ଘ ବର୍ଷ ଧରି ଏଣ୍ଡୋକ୍ରାଇନୋଲୋଜି କ୍ଷେତ୍ରରେ ତାଙ୍କ ଅବଦାନ ପାଇଁ ସେ ଅନେକ ଜାତୀୟ ଓ ଆନ୍ତର୍ଜାତୀୟ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ନିକଟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ତାଙ୍କୁ 'ଏକ୍ସେଲେନ୍ସ ଇନ୍ ଏଣ୍ଡୋକ୍ରାଇନୋଲୋଜି ଆଣ୍ଡ ଡାଇବେଟିସ୍ ଆୱାର୍ଡ ପ୍ରଦାନ କରି ସମ୍ମାନିତ କରିଥିଲେ । ଡା. ଦାସଙ୍କ ଏହି ସଫଳତା ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇ କିଟ୍, କିସ୍ ଓ କିମସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ତାଙ୍କ ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି । ଏହି ପ୍ରତିଷ୍ଠିତ ପଦବୀକୁ ଡା. ଦାସଙ୍କ ନିର୍ବାଚନ କେବଳ ଅନୁଷ୍ଠାନ ପାଇଁ ନୁହେଁ, ସମଗ୍ର ଓଡ଼ିଶା ପାଇଁ ମଧ୍ୟ ଏକ ବଡ଼ ସମ୍ମାନର ବିଷୟ ବୋଲି ଶ୍ରୀ ସାମନ୍ତ କହିଛନ୍ତି ।

## ସଂଘବଦ୍ଧ ଆକ୍ରମଣରୁ କୋମାରେ ଲକ୍ଷ୍ମୀଧର

# ଅଭିଯୁକ୍ତଙ୍କ ଗିରଫ ଦାବିରେ ବାଲିଅନ୍ତା ଥାନା ଘେରାଉ

ଭୁବନେଶ୍ୱର, (ସବ୍ୟୁ) : ସଂଘବଦ୍ଧ ଆକ୍ରମଣରେ ସୁଧାଷଡଙ୍ଗୀ ଗ୍ରାମର ଲକ୍ଷ୍ମୀଧର ସ୍ୱାଇଁ ଗୁରୁତର ହୋଇ କୋମାରେ ଥିବାବେଳେ ଅଭିଯୁକ୍ତଙ୍କ ଗିରଫ ଦାବିରେ ତାଙ୍କ ପରିବାର ଓ ଗାଁ ଲୋକେ ବାଲିଅନ୍ତା ଥାନା ଘେରାଉ କରିଥିଲେ । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ଉଚ୍ଚ ଅଧିକାରୀ ଓ ଏକ ପ୍ଲାଟୁନ୍ ଫୋର୍ସ ଘଟଣାସ୍ଥଳରେ ଉପସ୍ଥିତ ରହି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ପରେ ସେମାନେ ଥାନା ଘେରାଉରୁ ବିରତ ହୋଇଥିଲେ ।

ରବିବାର ରାତିରେ ସୁଧା ଷଡଙ୍ଗୀ ଗାଁ ସ୍କୁଲରେ କିଛି ଯୁବକ ଭୋଜି କରିବା ସହ ସ୍କୁଲ ତାଲା ଭାଙ୍ଗୁଥିଲେ । ମାର୍କେଟକୁ ପରିବା ପାଇଁ ଆସିଥିବା ଲକ୍ଷ୍ମୀଧର ଏହା ଦେଖି ସେମାନଙ୍କୁ ତାଲା ଭାଙ୍ଗିବାକୁ ବାରଣ କରିଥିଲେ । ଯାହା ଫଳରେ ସମ୍ପୃକ୍ତ ଯୁବକମାନେ ମିଳିତ ଭାବେ ମିଶି ଲକ୍ଷ୍ମୀଧରକୁ ମାଡ ମାରି ଗୁରୁତର କରିଥିଲେ । ଏଭଳି ମାଡ ମାରିଲେ ଯେ, ତାଙ୍କ ମୁଣ୍ଡ, ନାକ, ଆଖି ପ୍ରଭୃତି ସମ୍ପୂର୍ଣ୍ଣ ନଷ୍ଟ ହୋଇଛି । ସେ କୋମାରେ ରହି ଜୀବନ ସହ ସଂଗ୍ରାମ କରୁଥିବା ବେଳେ ପୋଲିସ କାହାରିକୁ ଗିରଫ କରିନାହିଁ । ପୋଲିସ ତିନିଜଣଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ଛାଡିଦେଇଥିଲା ।

ସୌମ୍ୟ ଘଟଣା ଲୋକଙ୍କ ମନରୁ ନଲିଭୁଣୁ ପୁଣି ଲକ୍ଷ୍ମୀଧରକୁ ମିଳିତ ଆକ୍ରମଣ କରି ଗୁରୁତର କରିବା ଘଟଣା ବାଲିଅନ୍ତା ଥାନା ଅଞ୍ଚଳରେ ଚର୍ଚ୍ଚା ହେଉଛି । ୪ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହେଉଥିବାରୁ ଲକ୍ଷ୍ମୀଧରଙ୍କ ସ୍ତ୍ରୀ, ଦୁଇଝିଅ ଓ ଗାଁର ପୁରୁଷ, ମହିଳାମାନେ ମିଶି ବୁଧବାର ଦୀର୍ଘ ସମୟ ଥାନା ଘେରାଉ କରିଥିଲେ । ଥାନା ଘେରାଉ କରିଥିବା ଗାଁ ଲୋକଙ୍କ କହିବା କଥା ଲକ୍ଷ୍ମୀଧର ଦିନ ମଜୁରିଆ ହୋଇଥିବାରୁ ତାଙ୍କ ପରିବାର କିଭଳି ଚଳିବେ ? ସେଥିପାଇଁ ସରକାରୀ ସହାୟତା ଦିଆଯିବା ସହ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯାଇ କଠୋର ଦଣ୍ଡବିଧାନର ବ୍ୟବସ୍ଥା କରାଯାଉ ।ଏ ସମ୍ପର୍କରେ ପୋଲିସ କିଛି କହିବାକୁ ଅନିଚ୍ଛା ପ୍ରକାଶ କରିଛି ।

ବାଲିଅନ୍ତା ଥାନା ପୋଲିସର କାର୍ଯ୍ୟଦକ୍ଷତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସୌମ୍ୟ ଘଟଣା ଭଳି ଲକ୍ଷ୍ମୀଧର ଘଟଣା ଘଟିଥିବାରୁ ସାଧାରଣ ଲୋକେ ପ୍ରତିକ୍ରିୟାଶୀଳ ଅଛନ୍ତି । ପୋଲିସ ଆନ୍ଦୋଳନକାରୀଙ୍କୁ ଶୀଘ୍ର ଗିରଫ କରାଯିବା ପ୍ରତିଶ୍ରୁତି ଦେବା ସହ ପରିବାର ପ୍ରତିପୋଷଣ ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିବା ଆନ୍ଦୋଳନରେ ସାମିଲ ଥିବା ଲୋକେ କହିଛନ୍ତି ।

# ଜେପିସିକୁ ଗଲା ଏଫସିଆର୍‌ଏ ବିଲ୍

## ସଂସଦରେ ବିରୋଧୀ ଦଳଙ୍କ ହୋହଲ୍ଲା ମଧ୍ୟରେ ପ୍ରସ୍ତାବ ପାରିତ

**ନୂଆଦିଲ୍ଲୀ:** ଲୋକସଭାରେ ପ୍ରବଳ ହଟ୍ଟଗୋଳ ମଧ୍ୟରେ ବିଦେଶୀ ଅନୁଦାନ (ନିୟନ୍ତ୍ରଣ) ସଂଶୋଧନ ବିଲ୍ (ଏଫସିଆର୍‌ଏ) ୨୦୨୬କୁ ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ପଠାଯାଇଛି। ବୁଧବାର ବିରୋଧୀ ସାଂସଦଙ୍କ ତୀବ୍ର ବିରୋଧ ଓ ପ୍ରବଳ ହଟ୍ଟଗୋଳ ମଧ୍ୟରେ କେନ୍ଦ୍ର ସରକାର ଲୋକସଭାରେ ଏକ ପ୍ରସ୍ତାବ ଆଗତ କରିଥିଲା। ଆଗତ ପ୍ରସ୍ତାବକୁ ବାଚନିକ ଭୋଟ ମାଧ୍ୟମରେ ଗୃହୀତ କରାଯାଇଥିଲା। ଏଫସିଆର୍‌ଏ ବିଲ୍କୁ ନେଇ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁଙ୍କ ମଧ୍ୟରେ ତୀବ୍ର ଯୁକ୍ତିତର୍କ ହୋଇଥିଲା। ସରକାର ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରି ଏହି ବିଲ୍ ଆଣିଥିବା ଅଖିଳେଶ ଯୁକ୍ତି ରଖିଥିଲେ। ଅଖିଳେଶ କହିଥିଲେ, ସମଗ୍ର ବିରୋଧୀ ଦଳ ଏହି ବିଲ୍କୁ ବିରୋଧ କରୁଛି। ଏହି ସରକାର ଏପର୍ଯ୍ୟନ୍ତ କେଉଁ ବିଲ୍ ଆଣିଛି ଯାହା ସଂଖ୍ୟାଲଘୁଙ୍କ ବିରୋଧରେ ନୁହେଁ ବୋଲି ପ୍ରଶ୍ନ କରିଥିଲେ। ରିଜିଜୁ ଜବାବରେ କହିଥିଲେ ଯେ, ବିରୋଧୀ ଦଳ ଗୃହକୁ ଭ୍ରମିତ କରୁଛନ୍ତି।




ମୁଁ ଅଖିଳେଶ ଯାଦବଙ୍କୁ ଚ୍ୟାଲେଞ୍ଜ କରୁଛି ଯେ, ସେ ଆମକୁ ସଂଖ୍ୟାଲଘୁଙ୍କ ବିରୋଧରେ ଥିବା ଗୋଟିଏ ବିନ୍ଦୁ କୁହନ୍ତୁ। ସେ ଏହା ମଧ୍ୟ କହିଥିଲେ ଯେ, ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରିବାର କୌଣସି ପ୍ରଶ୍ନ ଉଠୁନାହିଁ ଓ ଦେଶ ଏକ ଆଇନଗତ ଢାଞ୍ଚା ବିନା ବିଦେଶୀ ପାଣ୍ଠିକୁ ଦେଶକୁ ଆସିବାକୁ ଦେଇପାରିବ ନାହିଁ। ପୂର୍ବରୁ ଲୋକସଭା ମୁଲତବୀ ହେବା ପରେ କାର୍ଯ୍ୟ ଆରମ୍ଭ ହେବା ପରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଏଫସିଆର୍‌ଏ ବିଲ୍କୁ ଜେପିସିକୁ ପଠାଇବା ପାଇଁ ପ୍ରସ୍ତାବ ଆଗତ କରିଥିଲେ। କଂଗ୍ରେସ ସାଂସଦ କେସି ବେଣୁଗୋପାଳ ସରକାର ଏହି ବିଲ୍ ପ୍ରତ୍ୟାହାର କରିବାକୁ ଦାବି କରି ଅଭିଯୋଗ କରିଛନ୍ତି ଯେ, ଏହା ସଂଖ୍ୟାଲଘୁ ଓ ଏନଜିଓମାନଙ୍କୁ ଟାର୍ଗେଟ କରିବା ପାଇଁ ଉଦ୍ଦିଷ୍ଟ। ସରକାର ଏହି ବିଲ୍ ପ୍ରତ୍ୟାହାର କରିବା ଉଚିତ। ରିଜିଜୁ କହିଛନ୍ତି ଯେ, କଂଗ୍ରେସ ନିଜେ ଦାବି କରିଛି ଯେ, ବିଲ୍କୁ ଜେପିସି ନିକଟକୁ ପଠାଯାଉ ଓ ବିରୋଧୀ ଦଳକୁ କମିଟି ପ୍ରକ୍ରିୟା ବ୍ୟବହାର କରି ନିଜର ଚିନ୍ତା ପ୍ରକାଶ କରିବାକୁ ଅନୁରୋଧ କରିଛି। ସେ କହିଛନ୍ତି ଯେ, ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରିବାର କୌଣସି ପ୍ରଶ୍ନ ଉଠୁନାହିଁ ଓ ବେଣୁଗୋପାଳ ଗୃହକୁ ଭ୍ରମିତ କରନାହିଁ ବୋଲି କହିଥିଲେ।ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀ ନେଇଫିଉ ରିଓ ଓ ମିଜୋରାମ ମୁଖ୍ୟମନ୍ତ୍ରୀ ଲାଲଡୁହୋମା ପୂର୍ବରୁ ବିଲ୍ଟିକୁ ବିସ୍ତୃତ ତର୍ଜମା ପାଇଁ ଏକ ମିଳିତ କମିଟିକୁ ପଠାଇବାକୁ କେନ୍ଦ୍ରକୁ ଅନୁରୋଧ କରିଥିଲେ। ମେଘାଳୟ ମୁଖ୍ୟମନ୍ତ୍ରୀ କନରାଡ୍ କେ ସାଙ୍ଗମା ମଧ୍ୟ କେନ୍ଦ୍ର ନିକଟରେ ଏହାର ବ୍ୟବସ୍ଥା ଉପରେ ଚିନ୍ତା ପ୍ରକାଶ କରିଥିଲେ। ପ୍ରସ୍ତାବିତ ଯୁଗ୍ମ କମିଟିରେ ୩୧ ଜଣ ସଦସ୍ୟ ରହିବେ, ଯେଉଁଥିରେ ଲୋକସଭାରୁ ୨୧ ଜଣ ଏବଂ ରାଜ୍ୟସଭାରୁ ୧୦ ଜଣ ସଦସ୍ୟ ରହିବେ। ଲୋକସଭା ସଦସ୍ୟମାନଙ୍କୁ ବାଚସ୍ପତିଙ୍କ ଦ୍ୱାରା ମନୋନୀତ କରାଯିବ, ରାଜ୍ୟସଭା ସଦସ୍ୟମାନଙ୍କୁ ରାଜ୍ୟସଭାର ଅଧ୍ୟକ୍ଷଙ୍କ ଦ୍ୱାରା ମନୋନୀତ କରାଯିବ।

# ସ୍ୱାସ୍ଥ୍ୟସେବା ପାଇଁ କେନ୍ଦ୍ର ମନ୍ତ୍ରୀ ଦେଲେ ୩.୧୦ କୋଟି


**ନୂଆଦିଲ୍ଲୀ:** କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ତଥା ରାଜ୍ୟ ସଭା ସାଂସଦ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାର ଦୁଇ ପ୍ରମୁଖ ଡାକ୍ତରଖାନାର ଉନ୍ନତିକରଣ ଲାଗି ନିଜ ସାଂସଦପାଣ୍ଠିରୁ ୩ କୋଟି ୧୦ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେବାକୁ ସୁପାରିସ କରିଛନ୍ତି । ଏହି ଅର୍ଥ ଚିକିତ୍ସା ଭିତ୍ତିଭୂମି ଉନ୍ନତିକରଣ ଲାଗି ବିନିଯୋଗ କରାଯିବ । କେନ୍ଦ୍ର ମନ୍ତ୍ରୀଙ୍କ ସାଂସଦ ପାଣ୍ଠିରୁ ନୀଳଗିରି ଉପଖଣ୍ଡ ଡାକ୍ତରଖାନାକୁ ୧ କୋଟି ୪୦ ଲକ୍ଷ ଟଙ୍କା ଏବଂ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ୧କୋଟି ୭୦ ଲକ୍ଷ ଟଙ୍କା ଯୋଗାଇ ଦିଆଯିବ ।ଉତ୍ତର ଉପକୂଳ ଓଡ଼ିଶାର ଅନ୍ୟତମ ପ୍ରମୁଖ ଜିଲ୍ଲା ବାଲେଶ୍ୱରର ଜନସଂଖ୍ୟା ୨୦୧୧ ଜନଗଣନା ଅନୁଯାୟୀ, ୨୩ ଲକ୍ଷରୁ ଅଧିକ ହୋଇଥିବା ବେଳେ କେବଳ ବାଲେଶ୍ୱର ସହରରେ ୧ ଲକ୍ଷ ୭୪ହଜାରରୁ ଅଧିକ ଲୋକ ବସବାସ କରନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହରର ଅନ୍ୟତମ ପ୍ରମୁଖ ସରକାରୀ ଡାକ୍ତରଖାନା ହୋଇଥିବାରୁ ଲକ୍ଷ ଲକ୍ଷ ଲୋକ ଏହି ଚିକିତ୍ସାଳୟ ଉପରେ ନିର୍ଭର କରିଥା'ନ୍ତି । ସାଂସଦ ପାଣ୍ଠିରୁ ମଞ୍ଜୁର ହୋଇଥିବା ଅର୍ଥରେ ଭେଷଜ ବ୍ଲକ, ଔଷଧ ଭଣ୍ଡାରଣ ଗୃହ, ମାତୃ ଓ ଶିଶୁ କମ୍ପ୍ଲେକ୍ସ, ଆପାତକାଳୀନ ବିଭାଗ, ଆଣ୍ଟି-ରେଟ୍ରୋଭାଇରାଲ ଥେରାପି କେନ୍ଦ୍ର, ସର୍ଜରୀ ୱାର୍ଡ, ଅପରେସନ ଥିଏଟର ଏବଂ ଜଳପାନ କକ୍ଷର ଉନ୍ନତିକରଣ କରାଯିବ । ସେହିପରି ୫୦ ଲକ୍ଷ ଟଙ୍କା ବ୍ୟୟରେ ରୋଗୀ ବିଶ୍ରାମ କକ୍ଷ ନିର୍ମାଣ କରାଯିବ। ଅନ୍ୟପକ୍ଷରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଖର୍ଚ୍ଚ ହେବାକୁ ଥିବା ୧ କୋଟି ୪୦ ଲକ୍ଷ ଟଙ୍କାରେ ଆଇପିଡି, ଔଷଧ ଭଣ୍ଡାରଣ ଗୃହ, ରୋଗୀ ବିଶ୍ରାମ କକ୍ଷ, ଆପାତକାଳୀନ ବିଭାଗ, ଜଳପାନ କକ୍ଷ,ସର୍ଜରୀ ୱାର୍ଡ ଓ ଅସ୍ତ୍ରୋପଚାର ଗୃହ, ଏସଡିଏମଓଙ୍କ



କାର୍ଯ୍ୟାଳୟ ଏବଂ ଓପିଡି ବ୍ଲକର ଉନ୍ନତିକରଣ କରାଯିବାକୁ ପ୍ରସ୍ତାବ ରହିଛି ।ଏସବୁ ଉନ୍ନତିକରଣ କାର୍ଯ୍ୟ ଦ୍ୱାରା ନୀଳଗିରି, ବାଲେଶ୍ୱର ଏବଂ ଏହାର ଆଖପାଖ ଅଞ୍ଚଳର ରୋଗୀମାନଙ୍କୁ ବିଭିନ୍ନ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ମିଳିପାରିବ । ରୋଗୀ ଓ ସେମାନଙ୍କ ପରିବାର କଙ୍କ ପାଇଁ ଏହି ଭିତ୍ତିଭୂମି ଉନ୍ନତିକରଣ ଏକ ଦୀର୍ଘକାଳୀନ ଆବଶ୍ୟକତାକୁ ପୂରଣ କରିବ । ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କୁ ଅଧିକ ଆରାମଦାୟକ ଏବଂ ଦକ୍ଷ ସ୍ୱାସ୍ଥ୍ୟ ସେବା ମିଳିପାରିବ । ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତିକରଣ ଦ୍ୱାରା ପ୍ରସବ ସମୟରେ ମା' ଏବଂ ଶିଶୁଙ୍କ ପାଇଁ ସୁରକ୍ଷିତ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ ହେବ । ଏକ ସୁଦୃଢ଼ ଆଣ୍ଟି-ରେଟ୍ରୋଭାଇରାଲ୍ ଥେରାପି କେନ୍ଦ୍ର ନିର୍ମାଣ ଫଳରେ ଦୀର୍ଘକାଳୀନଚିକିତ୍ସାରେ ଥିବା ରୋଗୀମାନେ ଅଧିକ ସୁବିଧା ପାଇପାରିବେ । ଆବଶ୍ୟକ ଯାଞ୍ଚ ଏବଂ ବୈଷୟିକ,ଆର୍ଥିକ ଓ ପ୍ରଶାସନିକ ମଞ୍ଜୁରୀ ପରେ ସାଂସଦ ପାଣ୍ଠି ଅର୍ଥ ଜାରି କରାଯିବ । ଏଥିପାଇଁ ଧାର୍ଯ୍ୟ ମାର୍ଗଦର୍ଶିକା ଅନୁଯାୟୀ ସାଂସଦ ପାଣ୍ଠି ଖର୍ଚ୍ଚ ହେବ ।କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାରେ ସ୍ୱାସ୍ଥ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉନ୍ନତିକରଣ ଉପରେନିରନ୍ତର ଧ୍ୟାନ ଦେଇ ଆସୁଛନ୍ତି ।

# ଇମ୍ରାନ ଖାନ ଜୀବିତ ଅଛନ୍ତି' ମୃତ୍ୟୁ ଗୁଜବକୁ ଖଣ୍ଡନ

**ଇସଲାମାବାଦ:** ପାକିସ୍ତାନର ଜେଲ୍ରେ ବନ୍ଦୀ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପାକିସ୍ତାନ ତେହେରିକ-ଇ-ଇନସାଫ (ପିଟିଆଇ) ମୁଖ୍ୟ ଇମ୍ରାନ ଖାନଙ୍କ ମୃତ୍ୟୁ ଘଟିଥିବା ନେଇ ବ୍ୟାପକ ଗୁଜବ ସୃଷ୍ଟି ହୋଇଛି। ଏହି ଚାଞ୍ଚଲ୍ୟକର ଦାବି ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିବା ପରେ ପାକିସ୍ତାନ ସେନା ପକ୍ଷରୁ ଏକ ବିବୃତି ଜାରି କରି ଏହାକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ସ୍ପଷ୍ଟ କରାଯାଇଛି। ସେନାର ଗଣମାଧ୍ୟମ ଶାଖା ଆଇଏସ୍‌ପିଆର୍ ଏହି ରିପୋର୍ଟକୁ ପ୍ରତ୍ୟାଖ୍ୟାନ କରି କହିଛି ଯେ ଇମ୍ରାନ ଖାନ ଜୀବିତ ଅଛନ୍ତି। ସୂଚନାଯୋଗ୍ୟ ଯେ, ଆମେରିକାରେ



ରହୁଥିବା ପାକିସ୍ତାନୀ ସାମ୍ବାଦିକ ୱଜାହତ ସୟିଦ ଖାନ ଗତ ଅଗଷ୍ଟ ୧୧ ତାରିଖରେ ଭିଡିଓ ସିରିଜ୍ ଜାରି କରି ଇମ୍ରାନ ଜୀବିତ ଅଛନ୍ତି କି ନାହିଁ ବୋଲି ପ୍ରଶ୍ନ ଉଠାଇଥିଲେ। ଏହି ଭିଡିଓରେ ସେ ଦାବି କରିଥିଲେ ଯେ ପାକିସ୍ତାନ ସେନା ମୁଖ୍ୟାଳୟ ର ତିନିଜଣ ବରିଷ୍ଠ ସାମରିକ ଅଧିକାରୀ ତାଙ୍କୁ ଇମ୍ରାନ ଖାନ ଜେଲ୍ ହାଜତରେ ମୃତ୍ୟୁବରଣ କରିଥିବା ନେଇ ସୂଚନା ଦେଇଛନ୍ତି।

# ଚିକିତ୍ସା କ୍ଷେତ୍ରରେ ଏଆଇର ବ୍ୟବହାରକୁ ନେଇ ସାଂସଦଙ୍କ ଉଦବେଗ

**ନୂଆଦିଲ୍ଲୀ :** ଲୋକସଭାର ନିୟମ ୩୭୭ ଅଧୀନରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇ ବିଜେପି ସାଂସଦ ଭର୍ତ୍ତୃହରି ମହତାବ କହିଛନ୍ତି ଯେ, ଭାରତରେ ଡାକ୍ତର ଏବଂ କ୍ଲିନିକସିଆନ୍‌ମାନଙ୍କ ଦ୍ୱାରା ଏଆଇ (ଏଆଇ) ର ବ୍ୟବହାର ବୃଦ୍ଧି ପାଉଛି। ତେବେ ଏହା ସହିତ ରୋଗୀଙ୍କ ସୁରକ୍ଷା ପାଇଁ କଠୋର ସୁରକ୍ଷା ନିୟମାବଳୀର ଜରୁରୀ ଆବଶ୍ୟକତା ରହିଛି। 'କ୍ଲିନିକସିଆନ୍ ଅଫ୍ ଦ ଫ୍ୟୁଚର ୨୦୨୬' ରିପୋର୍ଟ ଅନୁଯାୟୀ, ଭାରତର ୪୮ ପ୍ରତିଶତ ଡାକ୍ତର ସେମାନଙ୍କ ବୃତ୍ତିଗତ କାର୍ଯ୍ୟରେ ଏଆଇ ବ୍ୟବହାର କରୁଛନ୍ତି। ମାତ୍ର ସେଥିମଧ୍ୟରୁ କେବଳ ୨୬ ପ୍ରତିଶତ ଡାକ୍ତର ପ୍ରମାଣିତ ଡାକ୍ତରୀ ତଥ୍ୟ ଉପରେ ଆଧାରିତ ସ୍ୱତନ୍ତ୍ର କ୍ଲିନିକାଲ ଏଆଇ ପ୍ଲାଟଫର୍ମ ବ୍ୟବହାର କରୁଛନ୍ତି। ଅବଶିଷ୍ଟ ବହୁସଂଖ୍ୟକ ଡାକ୍ତର ସାଧାରଣ ଏଆଇ ଚାଟବୋଟ୍ ଉପରେ ନିର୍ଭର କରୁଛନ୍ତି, ଯାହାକି ଡାକ୍ତରୀ ନିଷ୍ପତ୍ତି ନେବା ପାଇଁ ପ୍ରସ୍ତୁତ କରାଯାଇନାହିଁ। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସଚେତନ କରିଛନ୍ତି ଯେ, ଏହି ସାଧାରଣ ଏଆଇ ଟୁଲ୍‌ଗୁଡ଼ିକ ଭୁଲ୍ ଡାକ୍ତରୀ ପରାମର୍ଶ ଦେଇପାରନ୍ତି, ଯାହାଦ୍ୱାରା ରୋଗ ଚିହ୍ନଟ ଏବଂ ଚିକିତ୍ସାରେ ଗୁରୁତର ତ୍ରୁଟି ଘଟିବାର ଆଶଙ୍କା ରହିଛି। ସବୁଠାରୁ ବଡ଼ କଥା ହେଉଛି, ଏଆଇ ପରାମର୍ଶ ଦେଉଥିଲେ ମଧ୍ୟ ରୋଗୀ ସେବାର ସମ୍ପୂର୍ଣ୍ଣ ଆଇନଗତ ଏବଂ ନୈତିକ ଉତ୍ତରଦାୟିତ୍ୱ କେବଳ ଚିକିତ୍ସା କରୁଥିବା ଡାକ୍ତରଙ୍କ ଉପରେ ହିଁ ରହୁଛି। ଏହାକୁ ଦୃଷ୍ଟିରେ ରଖି ସାଂସଦ ଭର୍ତ୍ତୃହରି ମହତାବ ସରକାରଙ୍କୁ କିଛି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି: ସ୍ୱାସ୍ଥ୍ୟସେବାରେ ଏଆଇର ସୁରକ୍ଷିତ ଏବଂ ନୈତିକ ବ୍ୟବହାର ପାଇଁ ବ୍ୟାପକ ଜାତୀୟ ନିୟମାବଳୀ ପ୍ରସ୍ତୁତ କରିବାକୁ ସେ କହିଛନ୍ତି। ପ୍ରମାଣ ଭିତ୍ତିକ କ୍ଲିନିକାଲ ଏଆଇ ପ୍ଲାଟଫର୍ମର ବ୍ୟବହାରକୁ ପ୍ରୋତ୍ସାହନ କରିବାକୁ ସେ କହିଛନ୍ତି। ନିୟାମକ ନଜରକୁ ସୁଦୃଢ଼ କରିବାକୁ ସେ କହିଛନ୍ତି। ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଏଆଇର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ସମ୍ପର୍କରେ ତାଲିମ ପ୍ରଦାନ କରାଯାଉ ବୋଲି ମଧ୍ୟ ସେ ଦାବି କରିଛନ୍ତି।

## ହିମାଳୟ ୱେଲନେସକୁ ଗିନିସ ୱାର୍ଲ୍ଡ ରେକର୍ଡ

**ନୂଆଦିଲ୍ଲୀ:** ହିମାଳୟା ୱେଲନେସ୍ କମ୍ପାନୀ ନୂଆ ଗିନିସ ୱାର୍ଲ୍ଡ ରେକର୍ଡ ଟାଇଟଲ ହାସଲ କରିଛି। ବିଶ୍ୱ ଡାକ୍ତର ଦିବସ ଅବସରରେ ଆରମ୍ଭ ହୋଇଥିବା ଏକମାସିଆ ବୃକ୍ଷରୋପଣ ଅଭିଯାନରେ ଦେଶର ୬୬,୯୨୮ ଜଣ ଡାକ୍ତର ଓ ସ୍ୱାସ୍ଥ୍ୟସେବା କର୍ମଚାରୀ ଅଂଶଗ୍ରହଣ କରିଥିଲେ। 'ଏକ ସାଇନ୍ ଧରିଥିବା ଲୋକମାନଙ୍କର ସର୍ବବୃହତ ଅନଲାଇନ୍ ଫଟୋ ଆଲବମ୍' ବର୍ଗରେ ଏହି ରେକର୍ଡ ହାସଲ ହୋଇଛି। ଅଭିଯାନରେ 'ୟୁନାଇଟେଡ୍ ଫର୍ ୱେଲନେସ୍, ୟୁନାଇଟେଡ୍ ଫର୍ ଏ ଗ୍ରୀନର ଟୁମୋରୋ' ବାର୍ତ୍ତା ଦିଆଯାଇଥିଲା।

## ଭାରତରେ ଏଚପି ଓମନିପ୍ୟାଡ ୧୨ ଉପଲବ୍ଧ

**ନୂଆଦିଲ୍ଲୀ:** ଏଚପି ଇଣ୍ଡିଆ ପକ୍ଷରୁ ଭାରତୀୟ ବଜାରରେ ଏଚପି ଓମନିପ୍ୟାଡ ୧୨ର ଉପଲବ୍ଧତା ଘୋଷଣା କରାଯାଇଛି। ଛାତ୍ରଛାତ୍ରୀ, ପ୍ରଥମଥର ବ୍ୟବହାରକାରୀ, ଏମଏସଏମଇ ଓ ଯୁବ ପେଷାଦାରଙ୍କୁ ଧ୍ୟାନରେ ରଖି ଏହାକୁ ଡିଜାଇନ୍ କରାଯାଇଛି। ୧୨-ଇଞ୍ଚ ୨କେ ମଲ୍ଟି-ଟଚ୍ ଡିସପ୍ଲେ, ୯୦ ହର୍ଜ ରିଫ୍ରେସ୍ ରେଟ୍, ୧୮ ଘଣ୍ଟାର ବ୍ୟାଟେରୀ ଲାଇଫ୍ ଓ ୬୦୦ ଗ୍ରାମ୍ ଓଜନ ଏହାର ପ୍ରମୁଖ ବୈଶିଷ୍ଟ୍ୟ।

# ରାଷ୍ଟ୍ରପତିଙ୍କୁ ଜାତୀୟ ଅନୁସୂଚିତ ଜାତି କମିଶନର ବାର୍ଷିକ ରିପୋର୍ଟ ପ୍ରଦାନ

**ନୂଆଦିଲ୍ଲୀ:** ଜାତୀୟ ଅନୁସୂଚିତ ଜାତି କମିଶନ ୨୦୨୪-୨୫ ବର୍ଷ ପାଇଁ ତାଙ୍କର ବାର୍ଷିକ ରିପୋର୍ଟ ଭାରତର ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଛନ୍ତି । ଭାରତୀୟ ସମ୍ବିଧାନର ଧାରା ୩୩୮ ଅନୁଯାୟୀ ଜାତୀୟ ଅନୁସୂଚିତ ଜାତି କମିଶନଙ୍କୁ ପ୍ରଦାନ କରାଯାଇଥିବା ସାମ୍ବିଧାନିକ ଦାୟିତ୍ୱ ଅନୁଯାୟୀ, କମିଶନ ପ୍ରତିବର୍ଷ ଏବଂ ଅନ୍ୟାନ୍ୟ ସମୟରେ ରାଷ୍ଟ୍ରପତିଙ୍କୁ ଅନୁସୂଚିତ ଜାତି ପାଇଁ ସାମ୍ବିଧାନିକ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିବା ସମ୍ପର୍କରେ ଏକ ରିପୋର୍ଟ ପ୍ରଦାନ କରିବାକୁ ବାଧ୍ୟ, ଯେଉଁଥିରେ ଅନୁସୂଚିତ ଜାତିର ସୁରକ୍ଷା, କଲ୍ୟାଣ ଏବଂ ସାମାଜିକ-ଆର୍ଥିକ ବିକାଶ ଏବଂ ଏହି ସୁରକ୍ଷା ବ୍ୟବସ୍ଥାର ପ୍ରଭାବୀ କାର୍ଯ୍ୟାନ୍ୱୟନ ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରହଣ କରାଯିବାକୁ ଥିବା ପଦକ୍ଷେପ ସମ୍ପର୍କରେ ସୁପାରିଶ ଅନ୍ତର୍ଭୁକ୍ତ । ଏହି ସାମ୍ବିଧାନିକ ଆଦେଶ ଅନୁଯାୟୀ, ଜାତୀୟ ଅନୁସୂଚିତ ଜାତି କମିଶନ ୨୦୨୪-୨୫ ବର୍ଷ



ପାଇଁ ତାଙ୍କର ବାର୍ଷିକ ରିପୋର୍ଟ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଅଗଷ୍ଟ ୧୨, ୨୦୨୬ରେ ରାଷ୍ଟ୍ରପତି ଭବନରେ ଉପସ୍ଥାପନ କରିଥିଲେ । ଜାତୀୟ ଅନୁସୂଚିତ ଜାତି କମିଶନର ଅଧ୍ୟକ୍ଷ କିଶୋର ମାକଓ୍ୱାନା ପ୍ରତିନିଧିମଣ୍ଡଳୀର ନେତୃତ୍ୱ ନେଇଥିଲେ । ପ୍ରତିନିଧି ଦଳରେ ଜାତୀୟ ଅନୁସୂଚିତ ଜାତି ଆୟୋଗର ସଦସ୍ୟ ଲଭ କୁଶ କୁମାର,ଓ୍ୱେzପାଲି ରାମଚନ୍ଦ୍ରନ ଏବଂ ଡକଫର ପାର୍ଥ ବିଶ୍ୱାସ ଏବଂ ସଚିବ ଗୁଡେ ଶ୍ରୀନିବାସ ସାମିଲ ଥିଲେ । ରିପୋର୍ଟରେ ଅନୁସୂଚିତ ଜାତି ପାଇଁ ସାମ୍ବିଧାନିକ ବ୍ୟବସ୍ଥାର କାର୍ଯ୍ୟାନ୍‌ଓ୍ୱୟନର ଏକ ବ୍ୟାପକ ସମୀକ୍ଷା ଉପସ୍ଥାପନ କରାଯାଇଛି । ଏହା ଅନୁସୂଚିତ ଜାତି ପାଇଁ କଲ୍ୟାଣକାରୀ ଏବଂ ସାମାଜିକ-ଆର୍ଥିକ ବିକାଶ କାର୍ଯ୍ୟକ୍ରମ ଏବଂ ଯୋଜନାର କାର୍ଯ୍ୟାନ୍ୱୟନ ସମ୍ପର୍କରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସହିତ ଏକ ବ୍ୟାପକ ସମୀକ୍ଷା, କ୍ଷେତ୍ର ପରିଦର୍ଶନ ଏବଂ ପରାମର୍ଶରୁ ପ୍ରମୁଖ ନିଷ୍କର୍ଷଗୁଡ଼ିକୁ ଆଲୋକିତ କରିଛି । ରାଷ୍ଟ୍ରପତି ଅନୁସୂଚିତ ଜାତି ପାଇଁ ସାମ୍ବିଧାନିକ ସୁରକ୍ଷା ଏବଂ କଲ୍ୟାଣକାରୀ ପଦକ୍ଷେପର ପ୍ରଭାବଶାଳୀ କାର୍ଯ୍ୟାନ୍‌ଓ୍ୱୟନ ପାଇଁ ବିଦ୍ୟମାନ ତନ୍ତ୍ରଗୁଡ଼ିକୁ ମଜବୁତ ଏବଂ ସୁଗମ କରିବା ପାଇଁ ପଦକ୍ଷେପ ନେବାକୁ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ଦ୍ୱାରା ସେମାନଙ୍କ କଲ୍ୟାଣ ଏବଂ ସାମାଜିକ-ଆର୍ଥିକ ବିକାଶ ପାଇଁ ସଂଗଠନିକ ଯନ୍ତ୍ରପାତିଗୁଡ଼ିକର ସୁଗମ ଏବଂ ପ୍ରଭାବଶାଳୀ କାର୍ଯ୍ୟକାରିତା ସୁନିଶ୍ଚିତ ହୋଇପାରିବ ।

## ବିମାନଯାତ୍ରୀଙ୍କ ହ୍ୟାଣ୍ଡବ୍ୟାଗରୁ ମିଳିଲା ମାଙ୍କଡ଼ ଖପୁରୀ

**ନୂଆଦିଲ୍ଲୀ:** ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଜଣେ ଯାତ୍ରୀଙ୍କ ହ୍ୟାଣ୍ଡବ୍ୟାଗ୍ରୁ ଖପୁରୀ ମିଳିଛି। ତେବେ ଯାତ୍ରୀ ଜଣଙ୍କ ଦାବି କରିଛନ୍ତି ଯେ ଏହା ଏକ ମାଙ୍କଡ଼ର ଖପୁରୀ। ଯାତ୍ରୀ ଜଣଙ୍କ ଦିଲ୍ଲୀରୁ ହାଇଦ୍ରାବାଦକୁ ଏକ ବିମାନରେ ଉଡ଼ାଣ କରିବାର ଥିଲା। ତେବେ ଉଡ଼ାଣ ପୂର୍ବରୁ ସିକ୍ୟୁରିଟି ଚେକ୍ ସମୟରେ ସିଆଇଏସଏଫ୍ ସଦସ୍ୟମାନେ ତାଙ୍କ ବ୍ୟାଗ୍ରେ ଏକ ସନ୍ଦେହଜନକ ଜିନିଷ ଚିହ୍ନଟ କରିଥିଲେ। ଏହାପରେ ବ୍ୟାଗ୍କୁ ଭଲଭାବେ ଯାଞ୍ଚ କରାଯାଇଥିଲା। ସିକ୍ୟୁରିଟି ସ୍କ୍ରିନିଂ ସମୟରେ ଅଧିକାରୀମାନେ ତାଙ୍କ ହ୍ୟାଣ୍ଡ ବ୍ୟାଗ୍ରୁ ଖପୁରୀ ପାଇଥିଲେ। ଏନେଇ ପଚରାଯିବାରୁ ଯାତ୍ରୀ ଜଣଙ୍କ କହିଥିଲେ ଯେ ଏହି ଖପୁରୀଟି ଏକ ମାଙ୍କଡ଼ର ।ଯାତ୍ରୀଙ୍କୁ ଶେଷରେ



ସ୍ଥାନୀୟ ପୁଲିସକୁ ହସ୍ତାନ୍ତର କରାଯାଇଛି ଏବଂ ତାଙ୍କ ବ୍ୟାଗ୍ରୁ ମିଳିଥିବା ଖପୁରୀକୁ ସୁରକ୍ଷିତ ରଖାଯାଇଛି। ଅଧିକାରୀମାନେ କହିଛନ୍ତି, ଏହି ମାମଲାଟି ବନ୍ୟଜନ୍ତୁ ସହ ଜଡ଼ିତ ଥିବାରୁ ବନ୍ୟଜନ୍ତୁ (ସୁରକ୍ଷା) ଆଇନ, ୧୯୭୨ ଅଧୀନରେ ଏହି ମାମଲାରେ ବିଚାରଣ ଆରମ୍ଭ ହେବ। ତେବେ ଯାତ୍ରୀ ଜଣଙ୍କ କେଉଁଠାରୁ ଖପୁରୀ ପାଇଲେ ଏବଂ ଏହାକୁ ଦିଲ୍ଲୀରୁ ହାଇଦ୍ରାବାଦ ନେବାର ଉଦ୍ଦେଶ୍ୟ କ'ଣ ସେନେଇ ପୁଲିସ ତଦନ୍ତ ଆରମ୍ଭ କରିଛି।

# ଭାରତ-ବାଂଲା ସୀମାରେ ସନ୍ଦିଗ୍ଧ ପାକିସ୍ତାନୀକୁ ଧରିଲା ଏସଟିଏଫ୍

**କୋଲକାତା:** ଭାରତ-ବାଂଲାଦେଶ ସୀମା ନିକଟରୁ ଜଣେ ସନ୍ଦିଗ୍ଧ ପାକିସ୍ତାନୀନାଗରିକ ସମେତ ୨ ଜଣଙ୍କୁ ପଶ୍ଚିମବଙ୍ଗ ପୁଲିସର ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସ୍ଟିଏଫ୍) ବୁଧବାର ଧରିଛି। ଅଧିକାରୀଙ୍କ ସୂଚନା ଅନୁସାରେ, ପାକିସ୍ତାନର ଫୈସଲାବାଦର ବାସିନ୍ଦା ରାଣା ରୌଫ୍ ଓରଫ୍ ୱାହାବ ଆଲମ୍କୁ ଉତ୍ତର ୨୪ ପ୍ରଗଣା ଜିଲ୍ଲାର ବନଗାଁ ଅଞ୍ଚଳରୁ ଧରାଯାଇଛି। ଅନ୍ୟ ଜଣକୁ ମଙ୍ଗଳବାର ବିଳମ୍ବିତ ରାତିରେ କୋଲକାତାର ଟପ୍ସିଆ ଅଞ୍ଚଳରୁ ଧରାଯାଇଥିବା ଜଣାପଡ଼ିଛି।ଏସ୍ଟିଏଫ୍ ଅଧିକାରୀଙ୍କ କହିବା ଅନୁସାରେ, ନିର୍ଦ୍ଦିଷ୍ଟ ସୂଚନା ପାଇବା ପରେ ବନଗାଁ ଅଞ୍ଚଳରେ ତଲାସି କରାଯାଇ ରୌଫ୍କୁ ଧରାଯାଇଥିଲା। ତା'ର ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇ ସହ ସମ୍ପର୍କ ଥିବା ନେଇ ତଦନ୍ତକାରୀମାନେ ସନ୍ଦେହ କରୁଛନ୍ତି। ଭାରତରେ ତା'ର ଗତିବିଧି, ଯୋଗାଯୋଗ ଓ ଅନ୍ୟ କାର୍ଯ୍ୟକଳାପର ଯାଞ୍ଚ କରାଯାଉଛି। ତଦନ୍ତକାରୀଙ୍କ ଅନୁସାରେ, ରୌଫ୍ ୨୦୧୨ରେ ନେପାଳ ଦେଇ ବେଆଇନ ଭାବେ ଭାରତରେ ପ୍ରବେଶ କରିଥିଲା। ଭାରତ ଆସିବା ପୂର୍ବରୁ ସେ କିଛି ସମୟ ନେପାଳରେ ରହିଥିଲା। ପରେ ପଶ୍ଚିମବଙ୍ଗରେ ରହିବା ଆରମ୍ଭ କରିଥିବା ଜଣେ ଅଧିକାରୀ କହିଛନ୍ତି। ରୌଫ୍ ଦେଶର ବିଭିନ୍ନ ଟ୍ରେନ୍ ଓ ସଶସ୍ତ୍ର ବାହିନୀର ଗତିବିଧି ଉପରେ ନଜର ରଖୁଥିବା ତଦନ୍ତକାରୀମାନେ ଜାଣିବାକୁ ପାଇଛନ୍ତି। ସେ କେଉଁ ପ୍ରକାରର ସୂଚନା ସଂଗ୍ରହ କରୁଥିଲା ଏବଂ ସେହି ସୂଚନା ଦେଶ ବାହାରେ କାହାକୁ ପଠାଯାଉଥିଲା କି ନାହିଁ, ତାହା ଯାଞ୍ଚ ଚାଲିଛି। ଟପ୍ସିଆରୁ ଧରାଯାଇଥିବା ଦ୍ୱିତୀୟ ବ୍ୟକ୍ତିର ପରିଚୟ ଏଯାଏଁ ପ୍ରକାଶ କରାଯାଇନାହିଁ। ତା'ର ରୌଫ୍ ସହ ସିଧାସଳଖ ଯୋଗାଯୋଗ ଥିବା ଏବଂ ସେ ବିଭିନ୍ନ ଉପାୟରେ ରୌଫ୍କୁ ସହାୟତା କରୁଥିବା ଅଭିଯୋଗ ରହିଛି।

# 'ବିଶ୍ୱ ହାତୀ ଦିବସ'ରେ ବନତାରାର ହାତୀ ସଂରକ୍ଷଣ ଅଭିଯାନ

**ଜାମନଗର:** ବିଶ୍ୱ ହାତୀ ଦିବସ ଅବସରରେ, ଅନନ୍ତ ଅମ୍ବାନୀଙ୍କ ଦ୍ୱାରା ପ୍ରତିଷ୍ଠିତ ବନତାରା ହାତୀ ସଂରକ୍ଷଣ ଏବଂ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ଏହାର ବିଭିନ୍ନ ପଦକ୍ଷେପ ଘୋଷଣା କରିଛି। ବନତାରା ଭାରତ ଏବଂ ଆନ୍ତର୍ଜାତୀୟ ସ୍ତରରେ ହାତୀ ଯତ୍ନ, ମାହୁନ୍ତ ତାଲିମ, ସଂରକ୍ଷଣ ସମ୍ବନ୍ଧୀୟ ଜ୍ଞାନ ଆଦାନପ୍ରଦାନ ଏବଂ ମଣିଷ-ହାତୀ ସଂଘର୍ଷ ହ୍ରାସ ଉପରେ କାର୍ଯ୍ୟ କରୁଛି। ବନତାରାରେ ଏବେ ୨୬୦ରୁ ଅଧିକ ଏସୀୟ ହାତୀଙ୍କ ଯତ୍ନ ନିଆଯାଉଛି। ବନତାରାର ଏହି ଯାତ୍ରାର ଆରମ୍ଭ ଅନନ୍ତ ଅମ୍ବାନୀଙ୍କ ଦ୍ୱାରା ଉଦ୍ଧାର କରାଯାଇଥିବା ପ୍ରଥମ ହାତୀ ଗୌରୀ ସହିତ ହୋଇଥିଲା। ସେବେଠାରୁ, ଏହି ପଦକ୍ଷେପ ଲଗାତାର ଭାବରେ ଆଗକୁ ବଢ଼ିଛି ଏବଂ ହାତୀମାନଙ୍କ ପାଇଁ ସ୍ୱତନ୍ତ୍ର ଯତ୍ନ ଓ ଏକ ସମ୍ମାନଜନକ ଜୀବନ ସୁନିଶ୍ଚିତ କରୁଛି। ବନତାରାର ପ୍ରତିଷ୍ଠାତା ଅନନ୍ତ ଅମ୍ବାନୀ କହିଛନ୍ତି, "ମୋ ହୃଦୟରେ ଏବଂ ବନତାରାର ଯାତ୍ରାରେ ହାତୀମାନେ ସର୍ବଦା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ପ୍ରତ୍ୟେକ ହାତୀର ନିଜର ଏକ ଅନନ୍ୟ କାହାଣୀ ଅଛି, ଏବଂ ପ୍ରତ୍ୟେକ ଉଦ୍ଧାର ସେମାନଙ୍କ ଯତ୍ନ ପ୍ରତି ଆମର ଦାୟିତ୍ୱକୁ ପ୍ରତିଫଳିତକରିଥାଏ। ଗୌରୀର ଉଦ୍ଧାର ସହିତ ଆରମ୍ଭ ହୋଇଥିବା ଏହି ଯାତ୍ରା ଏବେ ହାତୀ କଲ୍ୟାଣ, ସେମାନଙ୍କ ଯତ୍ନ ନେଉଥିବା ବ୍ୟକ୍ତିଙ୍କୁ ସମର୍ଥନ, ଜ୍ଞାନ ଆଦାନପ୍ରଦାନ ଏବଂ ଭାରତ ତଥା ବିଶ୍ୱବ୍ୟାପୀ ସଂରକ୍ଷଣ ପ୍ରୟାସ ଯାଏଁ ବିସ୍ତାରିତ ହୋଇଛି। ବିଶ୍ୱ ହାତୀ ଦିବସରେ, ଆମେ ଏହି ମହାନ ପ୍ରାଣୀଙ୍କ ସମ୍ମାନ କରିବା ସହିତ ସେମାନଙ୍କ ଉନ୍ନତ ଭବିଷ୍ୟତ ପାଇଁ ଏକାଠି କାମ କରିବାର ଆମର ପ୍ରତିବଦ୍ଧତାକୁ ଦୋହରାଉଛୁ।" ରାଜସ୍ଥାନ ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ସଞ୍ଜୟ ଶର୍ମା, ବିଶ୍ୱ ହାତୀ ଦିବସରେ ଜୟପୁରର ହାତୀ ଗ୍ରାମରେ ହାତୀ ଯତ୍ନ ଏବଂ ଜୀବନର ଗୁଣବତ୍ତା ଉନ୍ନତ କରିବା ପାଇଁ ବନତାରା ସହିତ ସହଯୋଗ ଘୋଷଣା କରିଛନ୍ତି। ଏହି ପଦକ୍ଷେପ ଅଧୀନରେ, ଏକ ଆଧୁନିକ ହାତୀ ଚିକିତ୍ସା ଏବଂ ଯତ୍ନ ସୁବିଧା ବିକଶିତ କରାଯିବ, ଯେଉଁଥିରେ ଏକ ହସ୍ପିଟାଲ, ପୋଷଣ କେନ୍ଦ୍ର ଏବଂ ହାଇଡ୍ରୋ ଥେରାପି (ଜଳଚିକିତ୍ସା) ସୁବିଧା ଅନ୍ତର୍ଭୁକ୍ତ ରହିବ।

# ଦେଶରେ ବଢୁଛି ମଧୁମେହ, ମୋଟାପଣ ଓ ହାଇପର ଟେନସନ

**ନୂଆଦିଲ୍ଲୀ:** ଭାରତରେ ମଧୁମେହ, ମୋଟାପଣ ଓ ଅତ୍ୟଧିକ ମାନସିକ ଚାପ ବୃଦ୍ଧି ପାଇବାରେ ଲାଗିଛି । ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଏହି ସମସ୍ୟା ଅଧିକ । ରାଜ୍ୟସଭାରେ ସାଂସଦ ଦିଲ୍ଲୀପ ରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ ଏହି ତଥ୍ୟ ପ୍ରଦାନ କରିଛନ୍ତି । ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ କହିଛନ୍ତି ଯେ ଏ ସଂକ୍ରାନ୍ତରେ ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍) ପକ୍ଷରୁ ଲଗାତାର ଅଧ୍ୟୟନ କରାଯାଇ ନିକଟରେ ଏକ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଛି । ଦେଶର ସହରାଞ୍ଚଳର ଅନ୍ୟୁନ ୧୬.୪୦ ପ୍ରତିଶତ ଲୋକ ମଧୁମେହରେ ଆକ୍ରାନ୍ତ ହୋଇଥିବାବେଳେ ଗ୍ରାମାଞ୍ଚଳରେ ଏହି ସଂଖ୍ୟା କିନ୍ତୁ ୮.୯୦ ପ୍ରତିଶତ ରହିଛି ।ସେହିପରି ମୋଟାପଣ କ୍ଷେତ୍ରରେ



ସାଧାରଣ ବଡି ମାକ୍ସ ଇଣ୍ଡେକ୍ସ ସହରାଞ୍ଚଳରେ ୩୯.୬୦ ପ୍ରତିଶତ ଥିବାବେଳେ ଗ୍ରାମାଞ୍ଚଳରେ ୨୩.୧୦ ପ୍ରତିଶତ ରହିଛି । ଦେଶର ଗ୍ରାମାଞ୍ଚଳରେ ଅନ୍ୟୁନ ୩୩.୫୦ ପ୍ରତିଶତ ଲୋକଙ୍କ ପେଟ ଆବଶ୍ୟକତାଠାରୁ ଅଧିକ ବଡ଼ ଥିବାବେଳେ ସହରାଞ୍ଚଳରେ ୫୧.୬୦ ପ୍ରତିଶତ ଲୋକଙ୍କ କ୍ଷେତ୍ରରେ ଏହି ସମସ୍ୟା ଲାଗି ରହିଛି । ଅତ୍ୟଧିକ ମାନସିକ ଚାପ ବା ହାଇପର ଟେନ୍ସନ୍ ମଧ୍ୟ ଆମ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି । ଦେଶର ସହରାଞ୍ଚଳରେ ୪୦.୭୦ ପ୍ରତିଶତ ଲୋକ ହାଇପର ଟେନସନରେ ଆକ୍ରାନ୍ତ ଥିବାବେଳେ ଗ୍ରାମାଞ୍ଚଳରେ ଏହି ପରିମାଣ ୩୩ ପ୍ରତିଶତରେ ସୀମିତ ରହିଛି । ଏହାଛଡ଼ା କୋଲଷ୍ଟ୍ରଲ୍ ସମସ୍ୟା ବି ଲାଗି ରହିଛି । ଏଚବିଏଲ୍ କୋଲଷ୍ଟ୍ରଲ୍ କମ୍ ରହିବା କ୍ଷେତ୍ରରେ ସହରାଞ୍ଚଳରେ ୬୯.୩ ଓ ଗ୍ରାମାଞ୍ଚଳରେ ୬୫.୬ ପ୍ରତିଶତ ଲୋକ ଆକ୍ରାନ୍ତ ଅଛନ୍ତି । ଏଲ୍‌ଡିଆର୍ କୋଲଷ୍ଟ୍ରଲ୍ ଅଧିକ ରହିବା ଯୋଗୁ ବି ସମସ୍ୟା ଲାଗି ରହୁଛି । ଏହି ସମସ୍ୟାର ନିରାକରଣ ପାଇଁ ରାଜ୍ୟ ସରକାରମାନଙ୍କ ସହଯୋଗରେ କେନ୍ଦ୍ର ସରକାର ଉଦ୍ୟମ ଚଳାଇଛନ୍ତି । ଏ ସଂକ୍ରାନ୍ତରେ ସାଂସଦ ଶ୍ରୀ ରାୟ ଏକ ବିବୃତିରେ କହିଛନ୍ତି ଯେ ଲୋକଙ୍କ ଦୈନନ୍ଦିନ ଜୀବନ ଶୈଳୀ ଓ ଖାଦ୍ୟାଭ୍ୟାସରେ ନକରାତ୍ମକ ପରିବର୍ତ୍ତନ ଯୋଗୁ ବିଭିନ୍ନ ରୋଗ ସୃଷ୍ଟି ହେଉଛି ଏବଂ ଏହାର ଚିକିତ୍ସା ଲାଗି ସରକାର ଓ ପରିବାର ବିପୁଳ ଅର୍ଥ ଖର୍ଚ୍ଚ କରିବାକୁ ବାଧ୍ୟ ହେଉଛନ୍ତି । ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରୁ ଏ ସମସ୍ୟା ଓ ତା'ର ନିରାକରଣ ସଂକ୍ରାନ୍ତରେ ପାଠ୍ୟକ୍ରମରେ ବିଷୟବସ୍ତୁ ରଖାଯିବା ସହିତ ଜନସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଲାଗି ସେ ପରାମର୍ଶ ଦେଇଛନ୍ତି । ନିୟମିତ ବ୍ୟାୟାମ ଏବଂ ଯୋଗ-ପ୍ରାଣାୟାମ ଆଦି ସହିତ ସନ୍ତୁଳିତ ଖାଦ୍ୟ ଓ ସୁସ୍ଥ ପରିବେଶ ମଣିଷ ଜୀବନକୁ ସୁଖମୟ କରିପାରିବ ଏବଂ ଏହା ରାଷ୍ଟ୍ର ପାଇଁ ବରଦାନ ହେବ ବୋଲି ସେ କହିଛନ୍ତି ।

# ଭାରତ ବିପକ୍ଷ ଟେଷ୍ଟ : ଶ୍ରୀଲଙ୍କା ଦଳ ଘୋଷିତ



କଲମ୍ବୋ,୧୨।୮ (ଏଜେନ୍ସି): ଶନିବାର ଠାରୁ ଶ୍ରୀଲଙ୍କାର ଗାର୍ଲେରେ ଭାରତ-ଶ୍ରୀଲଙ୍କା ପ୍ରଥମ ଟେଷ୍ଟ ମ୍ୟାଚ ଆରମ୍ଭ ହେବାକୁଯାଉଛି । ଏଥିଲାଗି ୧୬ ଜଣିଆ ଶ୍ରୀଲଙ୍କା ଦଳ ଘୋଷଣା ହୋଇଛି । ଧନଞ୍ଜୟ ଡି ସିଲଭା ଦଳର ନେତୃତ୍ୱ ନେବେ । ଅଲରାଉଣ୍ଡର କାମିନ୍ଦୁ ମେଣ୍ଡିସଙ୍କୁ ତାଙ୍କ ଡେପୁଟି ଭାବେ ନିଯୁକ୍ତ କରାଯାଇଛି । ଦଳର ଦୁଇ ବରିଷ୍ଠ ବ୍ୟାଟର କୁଶଲ ମେଣ୍ଡିସ ଓ ପାଥୁମ ନିଶାଙ୍କ ଆହତ କାରଣରୁ ଭାରତ ବିପକ୍ଷ ପ୍ରଥମ ଟେଷ୍ଟରୁ ବାଦ ପଡିଛନ୍ତି । ଦୁଇ ବରିଷ୍ଠ ଖେଳାଳିଙ୍କ ଅନୁପସ୍ଥିତିରେ ଘରୋଇ ଦଳ ଭାରତୀୟ ଦଳ ସହ ଲଢ଼େଇ କରିବ । ଆହତ ସମସ୍ୟା ଯୋଗୁଁ ମେଣ୍ଡିସ ନଥିବାରୁ ୩୩ ବର୍ଷୀୟ ନିରୋସାନ ଡିକ୍‌ୱେଲାଙ୍କୁ ଡାକରା ମିଳିଛି । ସେ ୨୦୨୩ ନ୍ୟୁଜିଲାଣ୍ଡ ବିପକ୍ଷରେ ଶେଷ ଟେଷ୍ଟ ମ୍ୟାଚ ଖେଳିଥିଲେ । ପାଖାପାଖି ୩ ବର୍ଷ ପରେ ସେ ଶ୍ରୀଲଙ୍କା ଦଳକୁ ଫେରିଛନ୍ତି । ଶ୍ରୀଲଙ୍କାର ୧୬ ଜଣିଆ ଦଳରେ ୫ ଜଣ ଦ୍ରୁତ ବୋଲର ଅଛନ୍ତି । ବିଶ୍ୱ ଫର୍ଣ୍ଣାଣ୍ଡୋ ଓ ଦିଲସାନ ମଧୁସଙ୍କା ବାମହାତୀ ଦ୍ରୁତ ବୋଲର । ସେହିଭଳି ମିଲନ ରତ୍ନାଏକେ, ଆସିଥ ଫର୍ଣ୍ଣାଣ୍ଡୋ ଓ ଲାହିରୁ କୁମାରା ମଧ ଦଳରେ ଅଛନ୍ତି । ମଧୁଶଙ୍କା ୨୦୨୩ରେ ଶ୍ରୀଲଙ୍କା ପାଇଁ ଏକମାତ୍ର ଟେଷ୍ଟ ପାକିସ୍ତାନ ବିପକ୍ଷରେ ଖେଳୁଥିଲେ । ସେ ଏବେ ଘରୋଇ କ୍ରିକେଟରେ ଦମଦାର ପ୍ରଦର୍ଶନ କରୁଥିବାରୁ ସେ ଏବେ ଜାତୀୟ ଦଳକୁ ଅଣାଯାଇଛି । ୨ ଦଳ ମଧ୍ୟରେ ଅଗଷ୍ଟ ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ ଗାଲେ ଠାରେ ପ୍ରଥମ ଟେଷ୍ଟ ଏବଂ ୨୩ରୁ କଲମ୍ବୋରେ ଦ୍ୱିତୀୟ ଟେଷ୍ଟ ଖେଳାଯିବ । ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ପଏଣ୍ଟ ଟେବୁଲର ଶ୍ରୀଲଙ୍କା ୪୧.୬୭ ପିଟିସି ସହ ଷଷ୍ଠ ସ୍ଥାନରେ ରହିଛି । ଭାରତ ୪୮.୧୫ ପିଟିସି ସହ ପଞ୍ଚମ ସ୍ଥାନରେ ରହିଛି ।

**ଶ୍ରୀଲଙ୍କା ଦଳ :** ଧନଞ୍ଜୟ ଡି ସିଲଭା (ଅଧିନାୟକ), କାମିନ୍ଦୁ ମେଣ୍ଡିସ, ଲାହିରୁ ଉଦାରା, ନିଶାନ ମଧୁଶଙ୍କା, ଦୀନେଶ ଚାଣ୍ଡିମଲ, ପାସିନ୍ଦୁ ସୂର୍ଯ୍ୟ ବନ୍ଦରା, ସୋନାଲ ଦିନୁସା, ନିରୋସାନ ଡିକୱାଲା, ରମେଶ ମେଣ୍ଡିସ, ପ୍ରଭାତ ଜୟସୁରିଆ, କେଶରା ନୁୱାନ୍ଥା, ମିଲନ ରତ୍ନାୟେକେ, ଅସିଥ ଫର୍ଣ୍ଣାଣ୍ଡୋ, ଲାହିରୁ କୁମାରା, ବିଶ୍ୱ ପର୍ଣ୍ଣାଣ୍ଡୋ, ଦିଲସାନ ମଧୁଶଙ୍କା ।

# ଦ୍ରାବିଡଙ୍କ ରେକର୍ଡ ଏବେ ବି ଅତୁଟ



ନୂଆଦିଲ୍ଲୀ,୧୨।୮ (ଏଜେନ୍ସି): ଭାରତର ପୂର୍ବତନ କ୍ରିକେଟର ତଥା କୋଚ ରାହୁଲ ଦ୍ରାବିଡ ନିଜ କ୍ୟାରିୟରରେ ଏପରି ୩ଟି ବିଶେଷ ରେକର୍ଡ କରିଛନ୍ତି ଯାହା ଏବେ ଅତୁଟ ରହିଛି । ଏପରିକି ସେ କ୍ରିକେଟ ଭଗବାନ ସଚିନ ତେନ୍ଦୁଲକରଙ୍କୁ ମଧ ପଛରେ ପକାଇଛନ୍ତି । ଦ୍ରାବିଡ ନିଜ ଟେଷ୍ଟ କ୍ୟାରିୟରରେ ମୋଟ୍ ୩୧,୨୫୮ଟି ବଲ ସାମ୍ନା କରିଛନ୍ତି । ବିଶ୍ୱ କ୍ରିକେଟରେ ଅନ୍ୟ କୌଣସି ବ୍ୟାଟର ଏତେ ବଲ ଖେଳି ନାହାନ୍ତି । ସଚିନ ତେନ୍ଦୁଲକର ୨୯,୪୩୭ ବଲ ଖେଳି ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ସଚିନଙ୍କ ଠାରୁ ଦ୍ରାବିଡ ପ୍ରାୟ ୧୮ ଶହରୁ ଅଧିକ ବଲ ଖେଳିଛନ୍ତି । ଟେଷ୍ଟ କ୍ରିକେଟରେ ବ୍ୟାଟିଂ କରିବା ସମୟରେ ଦ୍ରାବିଡ ପ୍ରାୟ ୭୩୫ ଘଣ୍ଟା (୪୪,୧୫୨ ମିନିଟ୍) ସମୟ ବିତାଇଛନ୍ତି । ଏହି ମାମଲାରେ ସେ ବିଶ୍ୱର ପ୍ରଥମ ସ୍ଥାନରେ ରହିଛନ୍ତି । ସଚିନ ତେନ୍ଦୁଲକର ମୋଟ ୪୧,୩୦୪ ମିନିଟ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଟେଷ୍ଟ କ୍ରିକେଟରେ ଦ୍ରାବିଡ ୮୮ ଥର ଶହ କିମ୍ବା ତା' ଠାରୁ ଅଧିକ ପାର୍ଟନରସିପ କରିଛନ୍ତି । ତେନ୍ଦୁଲକର ୮୬ଥର ୧୦୦ରୁ ଊର୍ଦ୍ଧ୍ୱ ପାର୍ଟନରସିପ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ରୋଚକ କଥା ହେଉଛି ଦ୍ରାବିଡ ଓ ସଚିନ ଏଠାକି ମିଶି ୨୦ଟି ପାର୍ଟନରସିପ କରିଥିଲେ । ଦ୍ରାବିଡ କ୍ରିକେଟରୁ ଅବସର ନେବା ପରେ ମଧ ତାଙ୍କର ଯୋଗଦାନ ଭାରତୀୟ କ୍ରିକେଟରେ ଜାରି ରହିଛି । ତାଙ୍କର ପ୍ରଶିକ୍ଷଣରେ ଭାରତୀୟ ଦଳ ୨୦୨୪ ଟି-୨୦ ବିଶ୍ୱକପ ଜିତିଥିଲା । ଦ୍ରାବିଡ ଭାରତ ପକ୍ଷରୁ ୧୬୪ଟି ଟେଷ୍ଟ ଖେଳି ୧୩,୨୮୮ ରନ୍ କରିଛନ୍ତି । ଏଥିରେ ୩୬ ଶତକ ଓ ୬୩ ଅର୍ଦ୍ଧଶତକ ରହିଛି । ୨୭୦ ରନ ତାଙ୍କର ସର୍ବଶ୍ରେଷ୍ଠ ପ୍ରଦର୍ଶନ । ସେ ଦିନିକିଆରେ ୩୪୪ ମ୍ୟାଚ ଖେଳି ୧୦,୮୮୯ ରନ୍ କରିଛନ୍ତି । ଏଥିରେ ୧୨ ଶତକ ଓ ୮୩ ଅର୍ଦ୍ଧଶତକ ରହିଛି ।

# ଟେବୁଲ ଟେନିସ୍ ଫେଡେରେସନ ମାନ୍ୟତା ରଦ୍ଦ

ନୂଆଦିଲ୍ଲୀ,୧୨।୮ (ଏଜେନ୍ସି): ବୁଧବାର କ୍ରୀଡା ମନ୍ତ୍ରଣାଳୟ ଟେବୁଲ ଟେନିସ୍ ମହାସଂଘର ମାନ୍ୟତା ରଦ୍ଦ କରିଛି । କ୍ରୀଡା ମନ୍ତ୍ରଣାଳୟ ଭାରତୀୟ ଅଲିମ୍ପିକ ସଂଘକୁ ଖେଳର ପ୍ରଶାସନ ପରିଚାଳନା ପାଇଁ ଏକ ଆଡହକ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛି । ଟିଟିଏଫଆଇରେ ଥିବା ପ୍ରଶାସନିକ ତ୍ରୁଟି ଗୁଡିକର ଯାଞ୍ଚ ଏହି କମିଟି କରିବ । ଟିଟିଏଫଆଇ ସମୟ ଅନୁସାରେ ନିର୍ବାଚନ କରାଇବାରେ ବିଫଳ ହୋଇଥିଲା । ଯେଉଁଥି ପାଇଁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଉଲ୍ଲେଖଯୋଗ୍ୟରେ ବର୍ଷ ଆରମ୍ଭରେ ସରକାର ଟିଟିଏଫଆଇକୁ ନୋଟିସ ଦେଇଥିଲେ । ଯାହାର ସେମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇନଥିଲେ । ନିର୍ଦ୍ଦେଶନାମାରେ କୁହାଯାଇଛି ଆଇଓଏ, ଆଇଟିଟିଏଫ ସହିତ ପରାମର୍ଶ କରି ଭାରତୀୟ ଟେବୁଲ ସଂଘର ସମସ୍ତ ତ୍ରୁଟି ଦୂର କରିବ । ବର୍ତ୍ତମାନ ସମୟରେ ଟିଟିଏଫଆଇର ନେତୃତ୍ୱ ମେଘନା ଏହ୍ଲାବତଙ୍କ ପାଖରେ ରହିଛି । ମେଘନା ପ୍ରଥମ ମହିଳା ସଭାପତି ଏବଂ ହରିୟାଣାର ବିଧାୟକ ଦୁଷ୍ୟନ୍ତ ଚୌତାଲାଙ୍କ ପତ୍ନୀ । ଦୁଷ୍ୟନ୍ତ ହେଉଛନ୍ତି ପୂର୍ବତନ ସଭାପତି ଅଜୟ ସିଂ ଚୌତାଲାଙ୍କ ପୁଅ ।



ମେଘନା ଡିସେମ୍ବର ୨୦୨୨ରେ ପଦ ସମ୍ଭାଳିଥିଲେ । ଗତ କିଛି ମାସ ହେବ ଟିଟିଆଫଆଇରେ ଅସ୍ଥିରତା ଲାଗି ରହିଛି । ଜାନୁଆରୀ ମାସରେ ଆର୍ଥିକ ଅନୀୟ ମିତତା ଅଭିଯୋଗରେ ମହା ସଚିବ ତଥା ପୂର୍ବତନ ଖେଳାଳି କମଲେଶ ମେହେଟାଙ୍କୁ ନିଲମ୍ବିତ କରାଯାଇଥିଲା । ମେହେଟା ଏହି ମାମଲାକୁ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ । ଯାହା ଫଳରେ ତାଙ୍କ ନିଲମ୍ବନ ରଦ୍ଦ ହୋଇଥିଲା । ଷ୍ଟାର ଖେଳାଳି ମନୀକା ବାତ୍ରାଙ୍କୁ ମଧ ଟିଟିଏଫଆଇ ଏସୀୟ କ୍ରୀଡା ଦଳରୁ ବାହାର କରିଦେଇଥିଲା । ଯାହା ପରେ ଏହି ସଂଘ ଆହୁରି ବିବାଦ ଘେରକୁ ଆସିଥିଲା । ମନୀକା ଏହି ନିଷ୍ପତ୍ତିର କଠୋର ସମାଲୋଚନା କରିଥିଲେ । କ୍ରୀଡା ମନ୍ତ୍ରଣାଳୟକୁ ଏହି ମାମଲାରେ ହସ୍ତକ୍ଷେପ କରିବାକୁ ଦାବି କରିଥିଲେ । ମନ୍ତ୍ରଣାଳୟ ଟିଟିଏଫଆଇକୁ ପ୍ରଭାବିତ କରୁଥିବା ସମସ୍ତ ପ୍ରସଙ୍ଗକୁ ଗୁରୁତର ସହ ନେଇଥିଲେ । ଏବଂ କାରଣ ଦର୍ଶାଅ ନୋଟିସ ମଧ ଜାରି କରାଯାଇଥିଲା ।

## ଇଙ୍ଗା କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

ଭୁବନେଶ୍ୱର,୧୨।୮ (ସବ୍ୟୁ): ଓଡ଼ିଶା ସଚିବାଳୟ କର୍ମଚାରୀ କ୍ରୀଡା ସଂଘ ଆନୁକୂଲ୍ୟରେ ଲୋକସେବା ଭବନ ପ୍ରାଙ୍ଗଣରେ ଇଙ୍ଗା କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ସମାଜସେବୀ ତଥା ଜଗନ୍ନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳୀ ସାମନ୍ତରାୟ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଏହି ଲିଗରେ ମୋଟ୍ ୩୨ ଟି ଦଳ ବିଭାଗ ଅଂଶଗ୍ରହଣ କରିଛନ୍ତି । ପ୍ରଥମ ମ୍ୟାଚ ଜଙ୍ଗଲ ଓ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗରେ ଖେଳାଯାଇଥିଲା । ଏହି ମ୍ୟାଚରେ ଜଳବାୟୁ ପରିବର୍ତ୍ତନ ବିଭାଗ ୬-୩ ଗୋଲରେ ସାଧାରଣ ପ୍ରଶାସନ ବିଭାଗକୁ ହରାଇଛି । ଦ୍ୱିତୀୟ ମ୍ୟାଚରେ ଗୃହ ବିଭାଗ ଓ ସମାବାୟ ବିଭାଗ ପରସ୍ପରକୁ ଭେଟିଥିଲେ । ଏଥିରେ ସମବାୟ ବିଭାଗ ୧-୦ ଗୋଲରେ ଗୃହ ବିଭାଗକୁ ପରାଜିତ କରିଥିଲା । ତୃତୀୟ ମ୍ୟାଚରେ ପର୍ଯ୍ୟଟନ ବିଭାଗ ଏବଂ ଇସ୍ପାତ ଓ ଖଣିବିଭାଗ ପରସ୍ପରକୁ ଭେଟିଥିଲେ । ଇସ୍ପତ ଓ ଖଣିବିଭାଗ ୧-୦ ଗୋଲରେ ପର୍ଯ୍ୟଟନ ବିଭାଗକୁ ପରାସ୍ତ କରିଛି । ଓଡ଼ିଶା ସଚିବାଳୟ ସଂଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ସମସ୍ତ ଦଳର ସଫଳତା କାମନା କରିଥିଲେ ।



# ବାହା ହେଲେ ରୋନାଲ୍ଡୋ



ନୂଆଦିଲ୍ଲୀ,୧୨।୮ (ଏଜେନ୍ସି): ପର୍ତ୍ତୁଗାଲର ତାରକା ଫୁଟବଲର ଖ୍ରୀଷ୍ଟିଆନ ରୋନାଲ୍ଡୋ ବିବାହ କରିଛନ୍ତି । ଜର୍ଜିଆନା ରୋଡ୍ରିଗୁଏଜଙ୍କୁ ବିଧିବଦ୍ଧ ଭାବେ ବିବାହ କରିଛନ୍ତି । ୧୦ ବର୍ଷ ଧରି ଏକତ୍ର ରହିବା ପରେ ୫ ଛୁଆଙ୍କ ଉପସ୍ଥିତିରେ ଦୁହେଁ ବିବାହ କରିଛନ୍ତି । ଇନଷ୍ଟାଗ୍ରାମ ଆକାଉଣ୍ଟରେ ଫଟୋ ସେୟାର କରିବା ସହ ରୋନାଲ୍ଡୋ ସ୍ପଷ୍ଟ କରିଛନ୍ତି । ୧୦ ବର୍ଷ ଧରି ଦୁହେଁ ଏକତ୍ର ରହୁଥିଲେ । ଉଭୟଙ୍କ ୫ଟି ସନ୍ତାନ ଅଛନ୍ତି । ପର୍ତ୍ତୁଗାଲ ଫୁଟବଲ ଖେଳାଳି ରୋନାଲ୍ଡୋ ଏବଂ ଜର୍ଜିନା ପ୍ରାୟ ୧୦ ବର୍ଷ ଏକାଠି ରହିବା ପରେ ଦୁହେଁ ସୋମମାର ପର୍ତ୍ତୁଗାଲର କାସକ୍ରାଇସରେ ଏକ ସମାରୋହରେ ବିବାହ କରିଥିଲେ । ଏହି ଦମ୍ପତ୍ତି ନିଜେ ସୋସିଆଲ ମିଡ଼ିଆରେ ସୂଚନା ଦେଇଛନ୍ତି । ଫଟୋରେ ଦୁହେଁଙ୍କୁ ଧଳା ପୋଷାକରେ ଦେଖିବାକୁ ମିଳିଛି । ତେବେ ସେମାନେ ବାମହାତରେ ବିବାହ ମୁଦି ଦେଖାଇଥିଲେ । ଏହି ଦମ୍ପତ୍ତି ବିବାହକୁ ଅତ୍ୟନ୍ତ ବ୍ୟକ୍ତିଗତ ସମାରୋହରେ ପରିବାରକୁ ପ୍ରାଥମିକତା ଦେଇଥିଲେ । ଗତ ୨୦୨୫ ଅଗଷ୍ଟ ୧୧ରେ ଉଭୟଙ୍କ ବିବହା ହୋଇଥିଲା । ୫ ସନ୍ତାନ ହେଉଛନ୍ତି କ୍ରୀଷ୍ଟିଆନୋ ରୋନାଲ୍ଡୋ ଜୁନିୟର, ଯାଆଁଳା ଇଭା ଓ ମାଟେଓ, ଆଲାନା ମାର୍ଟିନା ଏବଂ ବେଲା ଏସ ମେରାଲ୍ଡ । ଗତ ୮ ତାରିଖରେ ରୋନାଲ୍ଡୋ ଏବଂ ରୋଡ୍ରି ଗୁଏଜ ବିବାହ କରୁଥିବା ଗୁଜବ ପ୍ରଚାରିତ ହେବା ପରେ ମାଡେରାର ଫଞ୍ଚାଲ କ୍ୟାଥେଡାଲ ବାହାରେ ଶହ ଶହ ଲୋକ ଏକତ୍ରୀତ ହୋଇଥିଲେ । କିନ୍ତୁ ଏହି ବିବାହ ଅନ୍ୟ ଦମ୍ପତ୍ତିଙ୍କର ଥିଲା । ପରେ ରୋନାଲ୍ଡୋ ଓ ଜର୍ଜିନା ପରେ ବିବାହ ସମାରୋହକୁ ଜନସାଧାରଣଙ୍କ ଦୃଷ୍ଟିରେ ଦୂରେଇ ରଖିଥିଲେ ।

## ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ

# ଲୋୟଲାକୁ ହରାଇଲା ତପୋବନ

ଭୁବନେଶ୍ୱର,୧୨।୮ (ସବ୍ୟୁ): ରାଜ୍ୟର ଅନ୍ୟତମ ଅଗ୍ରଣୀ କ୍ରୀଡା ସଂଘ ୟୁନିଟ୍ ୬ ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ୟୁନିଟ୍ ୧ ସ୍ଥିତ ଫୁଟବଲ ଏକାଡେମୀ ପଡିଆରେ ୧୫ତମ ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃସ୍କୁଲ ଫୁଟବଲ ପ୍ରତିଯୋଗିତା ଜାରି ରହିଛି । ବୁଧବାର ଅନୁଷ୍ଠିତ ମ୍ୟାଚରେ ଲୋୟଲାକୁ ୩-୦ ଗୋଲରେ ତପୋବନ ହାଇସ୍କୁଲ ହରାଇଛି । ବିଜୟୀ ଦଳର ସମ୍ବିତ କୁମାର କିସକୁ ଏବଂ ସମ୍ବିତ କୁମାର ସୋରେନ ଗୋଲ ସ୍କୋର କରିଥିଲେ । ପୂର୍ବତନ ଆଥଲେଟିକ କୋଚ୍ ନୀଳମାଧବ ଦେଓ ମ୍ୟାଚର ଶ୍ରେଷ୍ଠ ଖେଳାଳି ସମ୍ବିତ କୁମାର କିସକୁଙ୍କୁ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ ।



ରେଫରୀ ସେଖାୱତ ଖାନ, ଚନ୍ଦ୍ରକାନ୍ତ ବାରିକ, ସାଇଗ୍ରାମ କିସକୁ ଏବଂ ସୁଜିତ କୁମାର ପାତ୍ରୋ ମ୍ୟାଚ ପରିଚାଳନା କରିଥିଲେ । ଦ୍ୱିତୀୟ ମ୍ୟାଚରେ ୟୁନିଟ-୩ ସ୍କୁଲ ୯-୦ ଗୋଲରେ ମଦର୍ସ ପବ୍ଲିକ ସ୍କୁଲକୁ ପରାସ୍ତ କରିଛି । ଏହି ମ୍ୟାଚରେ ସଞ୍ଝାଇ ମାରାଣ୍ଡି, ଗୋରା ବରଡା ଓ ପରମାନନ୍ଦ ସାମଲ ଗୋଲ ସ୍କୋର କରିଥିଲେ । ଅତିଥି ଚିତ ରଞ୍ଜନ ପାତ୍ର ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପରମାନନ୍ଦ ସମଦଙ୍କୁ ପ୍ରଦାନ କରିଥିଲେ । ପ୍ରିଜୟ ମଙ୍ଗରାଜ, ସୁଜିତ କୁମାର ପାତ୍ରୋ, ଚନ୍ଦ୍ରକାନ୍ତ ବାରିକ, ସୁଜିତ ପାଇରାୟ ମ୍ୟାଚ ପରିଚଳନା କରିଥିଲେ ।

# ସେପ୍ଟେମ୍ବର ୧୩ରୁ ଭାରତ-ଆଫଗାନିସ୍ତାନ ଟି-୨୦ ଶୃଙ୍ଖଳା

ନୂଆଦିଲ୍ଲୀ,୧୨।୮ (ଏଜେନ୍ସି): ପ୍ରଥମଥର ପାଇଁ ଆଫଗାନିସ୍ତାନ କ୍ରିକେଟ ବୋର୍ଡ ପକ୍ଷରୁ ଟିମ୍ ଇଣ୍ଡିଆ ଲାଗି ଟି-୨୦ ଶ୍ରୀଲଙ୍କା ଆରମ୍ଭ କରାଯିବ । ଏସିବି ଏହି ଶୃଙ୍ଖଳାର ଆୟୋଜକ ସାଜିବ । କିନ୍ତୁ ସମସ୍ତ ମ୍ୟାଚ ଭାରତରେ ହିଁ ଆୟୋଜନ କରାଯିବ । ଏସିବିକୁ ୩ ମ୍ୟାଚ ବିଶିଷ୍ଟ ଟି-୨୦ ଶୃଙ୍ଖଳା ପାଇଁ ବିସିସିଆଇ ପକ୍ଷରୁ ଅନୁମତି ମିଳିଛି । ଦୁଇ ଦେଶ ମଧ୍ୟରେ ସେପ୍ଟେମ୍ବର ୧୩ରୁ ୧୭ ଯାଏ ଖେଳାଯିବ । ସମସ୍ତ ମ୍ୟାଚ ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଖେଳାଯିବ । ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି ବିସିସିଆଇ ଭାରତରେ ଟି-୨୦ ଆୟୋଜନ କରିବାକୁ ସହଯୋଗ କରିବ । ୨୦୧୮ ମସିଆରେ ଆଫଗାନିସ୍ତାନ ଭାରତ ବିପକ୍ଷ ନିଜର ଐତିହାସିକ ପ୍ରଥମ ଟେଷ୍ଟ ମ୍ୟାଚ ଖେଳିଥିଲା । ଭାରତ ଏହି ମ୍ୟାଚ ଆୟୋଜନ କରିବା ଦୁଇ ଦେଶର କ୍ରିକେଟ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଷ୍ଟୋନ ଥିଲା । ସେହି ସମୟରୁ ଉଭୟ ଦଳ ମଧ୍ୟରେ ନିୟୋନିତ ଦ୍ୱିପାକ୍ଷିକ ଶୃଙ୍ଖଳା ଜାରି ହୋଇଛି ।




ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ପେମେଣ୍ଟ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ପେମେଣ୍ଟ କରି ରସିଦ୍‌କୁ ବିଜ୍ଞାପନ ସହ ହ୍ୱାଟସଆପ୍ / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ ।

# କମନୱେଲଥ ପାରା ଫେନ୍ସିଂ ଚାମ୍ପିଅନସିପ: ମାଳତୀଙ୍କୁ ଡବଲ ସ୍ୱର୍ଣ୍ଣ

ଭୁବନେଶ୍ୱର,୧୨।୮ (ସବ୍ୟୁ): ଓଡ଼ିଶାର ପାରା ଫେନ୍ସର କୁମାରୀ ମାଳତୀ ପାନାଉରେ ନାଇଜେରିଆର ଲାଗୋସରେ ଚାଲିଥିବା କମନୱେଲଥ ପାରା ଫେନ୍ସିଂ ଚାମ୍ପିଅନସିପର ଦୁଇଟି ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ଜିତି ଓଡ଼ିଶା ଓ ଭାରତର ନାମକୁ ଗୌରବାନ୍ୱିତ କରିଛନ୍ତି । ଅଗଷ୍ଟ ୯ରୁ ୧୩ ତାରିଖ ୨୦୨୬ ପର୍ଯ୍ୟନ୍ତ ଚାଲିଥିବା ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାରୁ ୬ ଜଣ ପାରା ଫେନ୍ସର ଭାରତୀୟ ଦଳରେ ସାମିଲ ହୋଇଛନ୍ତି । ମାଳତୀ ମହିଳା କାଟେଗୋରୀ-ଏ ବ୍ୟକ୍ତିଗତ ଏପି ଓ ମହିଳା କାଟେଗୋରୀ-ଏ ବ୍ୟକ୍ତିଗତ ଫଏଲ୍ (Foil)—ଉଭୟ ବର୍ଗରେ ଚମତ୍କାର ପ୍ରଦର୍ଶନ କରି ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ।

**ମହିଳା କାଟେଗୋରୀ-ଏ ଏପିରେ ସ୍ୱର୍ଣ୍ଣ**

ମହିଳା କାଟେଗୋରୀ-ଏ ବ୍ୟକ୍ତିଗତ ଏପି ବର୍ଗରେ ମାଳତୀ ୪ଟି ପୁଲ୍ ମ୍ୟାଚ୍ ଖେଳି ସର୍ବାଧିକ ବିଜୟ ହାସଲ କରି ସିଧାସଳଖ ସେମିଫାଇନାଲ୍‌କୁ ପ୍ରବେଶ କରିଥିଲେ । ସେମିଫାଇନାଲରେ ସେ ନାଇଜେରିଆରଙ୍କୁ ୧୫–୩ରେ ପରାସ୍ତ କରି ଫାଇନାଲରେ ପହଞ୍ଚିଥିଲେ । ଫାଇନାଲରେ ତାଙ୍କ ସାମ୍ନା ହୋଇଥିଲା ଭାରତର ରେଖାଙ୍କ ସହ । ରୋମାଞ୍ଚକର ମୁକାବିଲାରେ ମାଳତୀ ୧୫–୧୨ରେ ରେଖାଙ୍କୁ ପରାସ୍ତ କରି ଏପିରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ।

**ମହିଳା କାଟେଗୋରୀ-ଏ ଫଏଲରେ ମଧ ସ୍ୱର୍ଣ୍ଣ**

ଏହାପରେ ମହିଳା କାଟେଗୋରୀ-ଏ ବ୍ୟକ୍ତିଗତ ଫଏଲ୍ ବର୍ଗରେ ମଧ ମାଳତୀ ନିଜର ଦକ୍ଷତାର ପରିଚୟ ଦେଇଥିଲେ । ସେ ଏହି ବର୍ଗରେ ମଧ ୪ଟି ପୁଲ୍ ମ୍ୟାଚ୍ ଖେଳି ସର୍ବାଧିକ ବିଜୟ ହାସଲ କରି ସିଧାସଳଖ ସେମିଫାଇନାଲ୍‌କୁ ଯାଇଥିଲେ । ସେମିଫାଇନାଲରେ ମାଳତୀ ନାଇଜେରିଆର




। ଫାଇନାଲରେ ପୁଣିଥରେ ଭାରତୀୟ ଫେନ୍ସର ରେଖାଙ୍କ ସହ ମୁକାବିଲା ହୋଇଥିଲା । ମାଳତୀ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଜାରି ରଖି ୧୫–୧୨ରେ ରେଖାଙ୍କୁ ପରାସ୍ତ କରି ମହିଳା କାଟେଗୋରୀ-ଏ ଫଏଲ୍‌ରେ ମଧ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ।

ଏହିପରି ଭାବେ ମାଳତୀ ପାନାଉରେ ଏପି ଓ ଫଏଲ୍—ଦୁଇଟି ବ୍ୟକ୍ତିଗତ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ଚାମ୍ପିଅନସିପରେ ଏକ ଚମତ୍କାର ଡବଲ୍ ଗୋଲ୍ଡ ସଫଳତା ହାସଲ କରିଛନ୍ତି ।

ମାଳତୀ ପାନାଉରେଙ୍କ ଏହି ଅସାଧାରଣ ସଫଳତା ପରେ ତାଙ୍କ ପାଇଁ ପିସିଆଇ ପକ୍ଷରୁ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି । ତାଙ୍କର ଏହି ଐତିହାସିକ ସଫଳତା ଅନ୍ତର୍ଜାତୀୟ ମଞ୍ଚରେ ଓଡ଼ିଶା ଓ ଭାରତର ନାମକୁ ଉଜ୍ଜ୍ୱଳ କରିଛି । ମାଳତୀଙ୍କ ଏହି ସଫଳତା ଓଡ଼ିଶାର ପାରା କ୍ରୀଡ଼ା ଜଗତ ପାଇଁ ଏକ ଗର୍ବର ମୁହୂର୍ତ୍ତ ହେବା ସହ ଅନେକ ଉଦୀୟମାନ ପାରା କ୍ରୀଡ଼ାବିତଙ୍କ ପାଇଁ ପ୍ରେରଣା ପାଲଟିଛି ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି